ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.23 . No.23, Bhubaneswar Friday, February 28, 2020 ୨୩ତମ ବର୍ଷ ସଂଖ୍ୟା–୨୩ ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୮, ୨୦୨୦ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

ଭୁବନେଶ୍ୱରରେ ଇଷ୍ଟର୍ନ ଜୋନାଲ କାଉନସିଲର ୨୪ ତମ ବୈଠକ

ଭୁବନେଶ୍ୱର, ୨୭।୨(ପି.ଏନ): ବିହାର, ଝାଡଖଣ୍ଡ, ଓଡିଶା ଓ ପଶ୍ଚିମବଙ୍ଗକୁ ନେଇ ଗଠିତ ଇଷ୍ଟର୍ନ ଜୋନାଲ କାଉନସିଲର ୨୪ ତମ ବୈଠକ ଶୁକ୍ରବାର ଦିନ ଭୁବନେଶ୍ୱରରେ ଅନୁଷ୍ଠିତ ହେବ । କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଏହି ବୈଠକରେ ଅଧ୍ୟକ୍ଷତା କରିବେ । ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଉପାଧ୍ୟକ୍ଷ ରହିଛନ୍ତି । ବୈଠକରେ ପଶ୍ଚିମ ବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବିହାରର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଓ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ମଧ୍ୟ ଭାଗ ନେବେ । ଏହି ବୈଠକରେ ସଂପୃକ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନଙ୍କ ସହିତ ଦୁଇ - ଦୁଇ ଜଣ କ୍ୟାବିନେଟ ମନ୍ତ୍ରୀ ମଧ୍ୟ ସାମିଲ ହେବେ । ଏହି ବୈଠକରେ ରାଜ୍ୟର ମୁଖ୍ୟ ଶାସନ ସଚିବ, ବିଭିନ୍ନ ବରିଷ୍ଠ ଅଧିକାରୀ ମାନଙ୍କ ବ୍ୟତୀତ କେନ୍ଦ୍ର ସରକାରଙ୍କର ବରିଷ୍ଠ ଅଧିକାରୀ ମାନେ ସାମିଲ ହେବେ । ଏହି କାଉନସିଲର ଗତ ବୈଠକ ୨୦୧୮ ମସିହା ଅକ୍ଟୋବର ପହିଲାରେ ଅନୁଷ୍ଠିତ ହୋଇଥିଲା ।ଏଠାରେ ହେବାକୁ ଥିବା ପୂର୍ବାଂଚଳ ବୈଠକରେ ପ୍ରାୟ ୫୦ଟି ବିଭିନ୍ନ ବିଷୟ ଉପରେ ଆଲୋଚନା ହେବ। ଆଲୋଚନା ମଧ୍ୟରେ ଆନ୍ତଃରାଜ୍ୟ ଜଳବିବାଦ, ବିଦ୍ୟୁତ ସରବରାହ, କୋଇଲା ଖଣି ଗୁଡିକର ପରିଚାଳନା ଏବଂ ରୟାଲିଟି, ରେଳ ପ୍ରକଳ୍ପଗୁଡିକ ନିମନ୍ତେ ଭୂମି ଓ ଜଙ୍ଗଲଗତ ମଞ୍ଜୁରି, ଜଘନ୍ୟ ଅପରାଧଗୁଡିକର ତଦନ୍ତ, ଦେଶ ଭିତରେ ଓ ସୀମାରେ ଗୋରୁ ଚାଲାଣ, ଅଗମ୍ୟ ଅଂଚଳରେ ଦୂରସଂଚାର ଓ ବ୍ୟାଙ୍କିଙ୍ଗ ସେବାର ଭିତିଭୂମି, ପେଟ୍ରୋଲିୟମ ପ୍ରକଳ୍ପ, କେନ୍ଦ୍ରୀୟ ରାଜସ୍ୱର ପରିବଂଟନ ଇତ୍ୟାଦି ଅନ୍ତର୍ଭୁକ୍ତ। ଅନେକ ବରିଷ୍ଠ ଅଧିକାରୀ ଓ ରାଜନୀତିକ ନେତୃତ୍ୱଙ୍କ ଅଂଶଗ୍ରହଣ ମାଧ୍ୟମରେ ଆହୁରି ଅନେକ ବିଷୟ ବୈଠକ କାଳରେ ଆଲୋଚନା ମାଧ୍ୟମରେ ସମାଧାନ ହେବାର ସମ୍ଭାବନା ରହିଛି।୧୯୫୬ ରାଜ୍ୟ ପୁର୍ନଗଠନ ଆଇନର ୧୫ରୁ ୨୨ ଧାରାକୁ ଉପଜୀବ୍ୟ କରି ୧୯୫୭ ମସିହାରେ ୫ଟି ଆଂଚଳିକ ପରିଷଦ ଗଠିତ ହୋଇଥିଲା। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରତ୍ୟେକ ଆଂଚଳିକ ପରିଷଦର ଅଧ୍ୟକ୍ଷତା କରୁଥିବା ବେଳେ ଆୟୋଜନକାରୀ ରାଜ୍ୟର ମୁଖ୍ୟମନ୍ତ୍ରୀ ଏହାର ଦାୟିତ୍ୱ ତୁଲାଇଥାନ୍ତି। ପ୍ରତ୍ୟେକ ରାଜ୍ୟର ଦୁଇ ଜଣ ମନ୍ତ୍ରୀ ଏହାର ସଦସ୍ୟ ଭାବେ ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ହୋଇଥାନ୍ତି। କେନ୍ଦ୍ର ରାଜ୍ୟ ମଧ୍ୟରେ ଥିବା ବିଭିନ୍ନ ସମସ୍ୟା ଓ ସଦସ୍ୟ ରାଜ୍ୟମାନଙ୍କ ମଧ୍ୟରେ ଥିବା ବିଭିନ୍ନ ସମସ୍ୟା ଓ ମନୋମାଳିନ୍ୟ ପରିଷଦରେ ଆଲୋଚନା ଦ୍ୱାରା ସମାଧାନ କରାଯାଇଥାଏ।ଆଂଚଳିକ ପରିଷଦ ଅନେକ ବିଷୟ ବସ୍ତୁ ଯଥା: ସୀମା ସମ୍ପର୍କିତ ବିବାଦ, ନିରାପତା, ସଡକ ପରିବହନ, ଶିଳ୍ପ, ଜଳ ଓ ଶକ୍ତି ଭଳି ସମ୍ପର୍କିତ ବିଭିନ୍ନ ଭିତିଭୂମି, ଜଙ୍ଗଲ ଓ ପରିବେଶ, ଗୃହ, ଶିକ୍ଷା, ଖାଦ୍ୟ ନିରାପତା, ପର୍ଯ୍ୟଟନ ଓ ପରିବହନ ଭଳି ବିଷୟଗୁଡିକ ମଧ୍ୟ ଆଲୋଚନା ପରିସରଭୁକ୍ତ ହୋଇଥାଏ।

ଲୋକସେବା ଭବନରେ ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ପ୍ରତିନିଧିମାନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ହଷ୍ଟେଲରେ ରାତ୍ରିଭୋଜନ ଖାଇ ୯ ଛାତ୍ରୀ ଅସୁସ୍ଥ

କେନ୍ଦୁଝର, ୨୭।୨(ପି.ଏନ): କେନ୍ଦୁଝର ଜିଲ୍ଲା ସଦର ବ୍ଲକ୍ ର ତଳ କୁସୁମିତା ସରକାରୀ ଉଚ୍ଚ ବିଦ୍ୟାଳୟର ୯ ଜଣ ଅନ୍ତେବାସିନୀ ଗତକାଲି ରାତିରେ ଖାଦ୍ୟ ଖାଇବା ପରେ ଅସୁସ୍ଥ ହୋଇପଡିଥିଲେ । ବାରମ୍ବାର ଝାଡ଼ାବାନ୍ତି ଯୋଗୁଁ ସେମାନଙ୍କୁ ତୁରନ୍ତ ନିକଟସ୍ଥ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା । ହେଲେ ପରବର୍ତି ସମୟରେ ୪ ଜଣଙ୍କ ଅବସ୍ଥା ଗୁରୁତର ହୋଇପଡିବାରୁ ସେମାନଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଗୁରୁତରଙ୍କ ମଧ୍ୟରେ ଦୁଇ ଜଣ ଦଶମ ଶ୍ରେଣୀର ଛାତ୍ରୀ ରହିଛନ୍ତି ।ଅନ୍ୟପକ୍ଷରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧିନ ୫ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ସେମାନଙ୍କୁ ହଷ୍ଟେଲକୁ ପଠାଇ ଦିଆଯାଇଛି । ଏହି ସ୍କୁଲର ହଷ୍ଟେଲରେ ମୋଟ୍ ୩୮୫ ଜଣ ଛାତ୍ରୀ ରହିଛନ୍ତି ।

ଦିଲ୍ଲୀ ହିଂସାକାଣ୍ଡରେ କ୍ଷତିଗ୍ରସ୍ତଙ୍କ ପାଇଁ ସହାୟତା ଘୋଷଣା କଲେ କେଜରିୱାଲ

ନୂଆଦିଲ୍ଲୀ, ୨୭।୨(ପି.ଏନ): ଦିଲ୍ଲୀରେ ଘଟିଥିବା ହିଂସାରେ ଯଦି ଆପର କୋଣସି ସଦସ୍ୟ ସମ୍ପୃକ୍ତ ଅଛନ୍ତି ତେବେ ତାଙ୍କୁ ଦୁଇ ଗୁଣ ଦଣ୍ଡ ପ୍ରଦାନ କରାଯିବ ବୋଲି ଆପ୍ ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସେହିଭଳି ହିଂସାକାଣ୍ଡରେ ମୃତ୍ୟୁବରଣ କରିଥିବା ସାବାଳକ ପରିବାରକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ ଏବଂ ନାବାଳକ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି କେଜରିୱାଲ ଘୋଷଣା କରିଛନ୍ତି। ଏହାବ୍ୟତୀତ ହିଂସାରେ ଗମ୍ଭୀର ଭାବରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ୨ ଲକ୍ଷ ଟଙ୍କା ମିଳିବାକୁ ଥିବା ବଳେ ସାମାନ୍ୟ ଆହତଙ୍କୁ ୨୦ ହଜାର ଟଙ୍କା ମିଳିବ।

ଜାପାନରେ ଫସିଥିବା ୧୧୯ ଜଣ ଭାରତୀୟ ସ୍ୱଦେଶ ଫେରିଲେ, ଓଡ଼ିଆ ଇଞ୍ଜିନିୟର ମଧ୍ୟ ଫେରିଲେ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୭।୨(ପି.ଏନ): କରୋନା ଆକ୍ରାନ୍ତ ସନ୍ଦେହରେ ଜାପାନର ୟୋକୋହମା ବନ୍ଦରରେ ଫସି ରହିଥିବା ୧୧୯ ଜଣ ଭାରତୀୟ ଆଜି ସ୍ୱଦେଶ ଫେରିଥିବା ବେଳେ ସେମାନଙ୍କ ମଧ୍ୟରେ ଓଡ଼ିଆ ଇଞ୍ଜିନିୟର ଶିବାଶିଷ ନାୟକ ଅଛନ୍ତି । ସେମାନଙ୍କୁ ଏୟାର ଇଣ୍ଡିଆ ବିମାନରେ ଜାପାନାର ଟୋକିଓରୁ ଦିଲ୍ଲୀକୁ ଅଣାଯାଇଛି। ଅପର ପକ୍ଷରେ ତାଙ୍କର ପୁଅ ଫେରିବା ଖବର ପାଇ ଶିବାଶିଷଙ୍କ ବାପା ଲିଙ୍ଗରାଜ ନାୟକ ଖୁବ୍ ଆଶ୍ୱସ୍ତ ଥିବା କହିଛନ୍ତି। ସେ କହିଛନ୍ତି ଯେ ଜାପାନରେ ତାଙ୍କ ପୁଅର କରୋନା ଟେଷ୍ଟ ନେଭେଟିଭ୍ ଆସିଛି। କିନ୍ତୁ ଭାରତ ଫେରିବା ପରେ ଅନ୍ୟମାନଙ୍କ ସମେତ ପୁଅକୁ ମଧ୍ୟ ସ୍ୱତନ୍ତ୍ର ଭାବେ ରଖାଯାଇ ବିଭିନ୍ନ ପରୀକ୍ଷା କରାଯିବ। ତେଣୁ ଘରକୁ ଫେରିବାରେ ପୁଅର ବିଳମ୍ବ ହେବ ବୋଲି ସେ କହିଛନ୍ତି ।

୨ୟ ପର୍ଯ୍ୟାୟ ପଦୋନ୍ନତି ଅଦାଲତ : ଗ୍ରୁପ୍ ସି ଓ ଡି କର୍ମଚାରୀଙ୍କ ପାଇଁ ସିଆରଆର ଅନାବଶ୍ୟକ

ଭୁବନେଶ୍ୱର, ୨୭।୨(ପି.ଏନ): ରାଜ୍ୟ ସରକାରଙ୍କ ଘୋଷଣାକ୍ରମେ ଗୁରୁବାର ପଦୋନ୍ନତି ଅଦାଲତରେ ୨ୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଏହି ପର୍ଯ୍ୟାୟରେ ବସିଥିବା ୬ଟି ଅଦାଲତରେ ପଞ୍ଜିକୃତ ହୋଇଥିବା ଦରଖାସ୍ତ ଗୁଡିକର ଶତପ୍ରତିଶତ ଶୁଣାଣୀ କରାଯାଇ ଆବଶ୍ୟକୀୟ ନିଷ୍ପତି ଓ ନିର୍ଦ୍ଦେଶନାମା ଦିଆ।ଯାଇଛି । ୨ୟ ପର୍ଯ୍ୟାୟ ଅଦାଲତ ଗୁଡିକ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ଅତିରିକ୍ତ ଶାସନ ସଚିବ ରାଜ କୁମାର ଶର୍ମା, ଅତିରିକ୍ତ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ଅତିରିକ୍ତ ଶାସନ ସଚିବ ଡ଼ଃ ମୋନା ଶର୍ମାଙ୍କ ଅଧ୍ୟକ୍ଷତାରେ ଯଥାକ୍ରମେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ଗୋପବନ୍ଧୁ ପ୍ରଶାସନ ଏକାଡେମୀ, କୃଷି ଭବନ, କଳିଙ୍ଗ ଷ୍ଟାଡିଅମ୍, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଏବଂ ଇଡ୍‌କୋ ଭବନ କନ୍‌ଫେରେନ୍ସ୍ ହଲ୍ ଠାରେ ଅନୁଷ୍ଠିତ ହୋଇଥିଲା । ଏହିସବୁ ଅଦାଲତରେ ଶୁଣାଣୀ ପାଇଁ ୪୦୩ ଜଣ ଦରଖାସ୍ତକାରୀ ପଞ୍ଜୀକୃତ କରିଥିଲେ ଏବଂ ସମସ୍ତଙ୍କର ଶୁଣାଣୀ କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଅନୁଷ୍ଠିତ ଅଦାଲତ ପରେ ପରେ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତର ଦେଇ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ କହିଥିଲେ ଯେ ପ୍ରମୋସନ୍ ଅଦାଲତ ରାଜ୍ୟ ସରକାରଙ୍କର ଏକ ବଳିଷ୍ଠ ପଦକ୍ଷେପ । ମାନବ ସମ୍ବଳ ପରିଚରଳନାକୁ ଏହି ବ୍ୟବସ୍ଥା ଅଧିକ ସ୍ୱଚ୍ଛ ଓ କ୍ରିୟାଶୀଳ କରିବ । ଏହି ଅଦାଲତ ମାନଙ୍କରେ ହୋଇଥିବା ନିତୀଗତ ନିଷ୍ପତିର ଲାଭ ସମସ୍ତ ଅଧିକାରୀ ଓ କର୍ମଚାରୀ ପାଇବେ ।

ଅମିତ ଶାହଙ୍କ ଓଡିଶା ଗସ୍ତ ପୂର୍ବରୁ ଜନତା ମଇଦାନରେ ପ୍ରସ୍ତୁତି ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୭।୨(ପି.ଏନ): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦୁଇଦିନିଆ ଓଡିଶା ଗସ୍ତ କାର୍ଯ୍ୟକ୍ରମର ଦିନକ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଦଳର ନେତାମାନଙ୍କ ସହ ସ୍ଥାନୀୟ ଜନତା ମଇଦାନକୁ ଯାଇ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ଉଲ୍ଲେଖନୀୟ ଯେ, ଶୁକ୍ରବାର ଜନତା ମଇଦାନ ଠାରେ ବିଜେପି ପକ୍ଷରୁ ଏକ ବିଶାଳ ଜନସମାବେଶଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଯୋଗଦେଇ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଜନତା ମଇଦାନରେ ସ୍ଥିତି ଅନୁଧ୍ୟାନକରିବା ସହ ଦଳର ସଦସ୍ୟମାନଙ୍କୁ ପ୍ରସ୍ତୁତି କାର୍ଯ୍ୟ ସମ୍ବନ୍ଧରେ ପଚାରି ବୁଝିଛନ୍ତି ।ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲ୍ଲାରୁ ବିଜେପି କର୍ମୀ ଓ ସାଧାରଣ ଜନତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

କରୋନା ଭାଇରସ୍ ଆତଙ୍କ : ଜାପାନରୁ ୧୨୪ ଓ ଉହାନରୁ ୧୧୨ ଜଣ ଉଦ୍ଧାର : ଡ. ହର୍ଷବର୍ଦ୍ଧନ

ନୂଆଦିଲ୍ଲୀ , ୨୭।୨(ପି.ଏନ): ୧୧୯ ଜଣ ଭାରତୀୟ ନାଗରିକ ଓ ଶ୍ରୀଲଙ୍କା, ନେପାଳ, ଦକ୍ଷିଣ ଆଫ୍ରିକା ଓ ପେରୁରୁ ଜଣେ ଜଣେ କରି ଏହି ପରି ମୋଟ ୧୨୪ ଜଣଙ୍କୁ ଭାରତୀୟ ବିମାନ ଏୟାର ଇଣ୍ଡିଆ ଜାପାନରୁ ଉଦ୍ଧାର କରିଛି। କରୋନା ଭୂତାଣୁ (କୋଭିଡ-୧୯) ସଂକ୍ରମଣ ଆଶଙ୍କାରେ ସେମାନଙ୍କୁ ଜାପାନର ୟାକୋହାମାଠାରେ ଡାଇମଣ୍ଡ ପ୍ରିନସେସ୍ ନାମକ ଯାତ୍ରୀବାହୀ ଜାହାଜରେ ଅଟକ ରଖାଯାଇଥିଲା। ଏହା ବ୍ୟତୀତ କରୋନା ସଂକ୍ରମଣର ଉଦ୍ରେକ ସ୍ଥଳୀ କୁହାଯାଉଥିବା ଚୀନର ଉହାନରୁ ମଧ୍ୟ ଭାରତୀୟ ବାୟୁସେନାର ଏକ ବିମାନ ୧୧୨ ଜଣଙ୍କୁ ଉଦ୍ଧାର କରିଛି। ଏଥିରେ ୭୬ ଜଣ ଭାରତୀୟ ନାଗରିକ ବାଂଲାଦେଶ, ମିଆଁମାର, ମାଲଦ୍ୱୀପ, ଚୀନ, ଦକ୍ଷିଣ ଆଫ୍ରିକା, ଯୁକ୍ତରାଷ୍ଟ୍ର ଆମେରିକା ଏବଂ ମାଡାଗାସ୍କରର ୩୬ ଜଣ ଅନ୍ତର୍ଭୁକ୍ତ। ଏମାନେ ଆଜି ଭାରତରେ ପହଂଚିଛନ୍ତି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ସୂଚନା ଦେଇଛନ୍ତି ।ଜାପାନରୁ ଉଦ୍ଧାର ହୋଇଥିବା ବ୍ୟକ୍ତିମାନଙ୍କୁ ମନସେର ସେନା ଶିବିର ଓ ଉହାନରୁ ଉଦ୍ଧାର ହୋଇଥିବା ବ୍ୟକ୍ତିମାନଙ୍କୁ ଛାୱଲାଠାରେ ଥିବା ଆଇଟିବିପି ସେବା କେନ୍ଦ୍ରରେ ପ୍ରଥମେ ରଖାଯିବ ବୋଲି ଡ. ହର୍ଷବର୍ଦ୍ଧନ କହିଛନ୍ତି। ଡାଇମଣ୍ଡ ପ୍ରିନସେସ୍ ଜଳ ଜାହାଜରେ ଥିବା ୧୩୮ ଜଣ ଭାରତୀୟ ନାଗରିକମାନଙ୍କ ମଧ୍ୟରୁ ୧୨୨ଜଣଙ୍କୁ ପରୀକ୍ଷା କରାଯାଇ ୧୧୯ ଜଣଙ୍କ ଠାରେ ଭୂତାଣୁ ନେଗେଟିଭ ବାହାରିଥିଲା। ସେମାନଙ୍କୁ ଭାରତକୁ ଅଣାଯାଇଥିବା ବେଳେ ୩ ଜଣ ଭାରତୀୟ ନାଗରିକ ଫେରିବାକୁ ମନା କରିଦେଇଥିଲେ। ବାକି ୧୬ ଜଣଙ୍କୁ ଜାପାନର ହସ୍ପିଟାଲରେ ଅଲଗା ରଖାଯାଇ ଚିକିତ୍ସା କରାଯାଉଛି। ଚୀନର ଲୋକମାନଙ୍କର ଏପରି ଦୁଃସ୍ଥିତିକୁ ଉପଲବ୍ଧି କରି ଭାରତ ସରକାର ଉହାନକୁ ୧୫ଟନ ମେଡିକାଲ ରିଲିଫ ପଠାଇଛନ୍ତି। ଆମର ସୈନ୍ୟବାହିନୀ, ଆମର ଡାକ୍ତର, ଏୟାର ଇଣ୍ଡିଆ, ଚୀନ ଓ ଜାପାନରେ ଥିବା ଆମର ଦୂତାବାସ ଏବଂ ଅନେକ ଅଜଣା ବ୍ୟକ୍ତି ଯେଉଁମାନେ କି ଏ ଦିଗରେ ସହାୟତା ହାତ ବଢ଼ାଇଛନ୍ତି, ସେମାନଙ୍କୁ ମୁଁ ହୃଦୟର ଗଭୀର କୃତଜ୍ଞତା ଜଣାଉଛି ବୋଲି ଡ. ହର୍ଷବର୍ଦ୍ଧନ କହିଛନ୍ତି। ଭାରତ ଓ ଭାରତୀୟ ମାନଙ୍କୁ ସମସ୍ତେ ପ୍ରାଥମିକତା ଦେଇଛନ୍ତି। ପ୍ରତ୍ୟେକ ଏ ଦିଗରେ ଉତ୍ସର୍ଗୀକୃତ ଓ ସମନ୍ୱିତ ପଦକ୍ଷେପ ଗ୍ରହଣ କରିଥିବା ସମସ୍ତ ସଂସ୍ଥାକୁ ସେ ପ୍ରଣାମ ଜଣାଇଛନ୍ତି। ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ନିର୍ଦ୍ଦେଶନ ସ୍ୱରୂପ ଭାରତ ଅନ୍ୟାନ୍ୟ ଦେଶର ନାଗରିକମାନଙ୍କୁ ନିଜ ଦେଶର ନାଗରିକଙ୍କ ସହ ଜାପାନ ଓ ଉହାନରୁ ଉଦ୍ଧାର କରିଛି ।କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ବିଶ୍ୱବ୍ୟାପୀ କରୋନା ଭୂତାଣୁର ବ୍ୟାପକତା ଦୃଷ୍ଟିରୁ ପୂର୍ବରୁ ଦିଆଯାଇଥିବା ଉପଦେଶ ଭଳି ଭାରତୀୟମାନଙ୍କୁ ନିହାତି ଦରକାର ନଥିଲେ ସିଙ୍ଗାପୁର, କୋରିଆ ସାଧାରଣତନ୍ତ୍ର ଓ ଇଟାଲୀକୁ ନଯିବା ପାଇଁ ଅତିରିକ୍ତ ନିୟମାବଳୀ ଜାରି କରାଯାଇଛି। ଏହାଛଡା ୧୦ ଫେବୃଆରୀ ପରେ ବିଭିନ୍ନ ସ୍ଥାନରେ ଭ୍ରମଣରେ ଯାଇ କୋରିଆ ସାଧାରଣତନ୍ତ୍ର, ଇରାନ ଓ ଇଟାଲୀରୁ ଭାରତକୁ ଆସୁଥିବା ବ୍ୟକ୍ତିମାନଙ୍କୁ ୧୪ ଦିନ ପାଇଁ ସମସ୍ତଙ୍କଠାରୁ ଅଲଗା ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ଡ. ହର୍ଷବର୍ଦ୍ଧନ କହିଛନ୍ତି ଯେ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଓ ତାଠାରୁ ଉପରିସ୍ଥ ଅଧିକାରମାନେ ବିଭିନ୍ନ ରାଜ୍ୟ ଗସ୍ତକରି କରୋନା ଭୂତାଣୁ ସଂକ୍ରମଣ ନେଇ ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ବୁଝୁଛନ୍ତି। ଆବଶ୍ୟକ ହେଲେ ଏହି ଗସ୍ତ ଦ୍ୱାରା ସମ୍ପୃକ୍ତ ରାଜ୍ୟଗୁଡିକ ସେମାନଙ୍କର ସମ୍ଭାବ୍ୟ ଆବଶ୍ୟକତା ସମ୍ପର୍କରେ ଜଣାଇବା ସହ ରାଜ୍ୟର ଯାଂଚ ସଂସ୍ଥାଗୁଡିକ ମଧ୍ୟ ମଜବୁତ ହେବେ। ଆସନ୍ତା ମାସ ୨ ତାରିଖ ସୁଦ୍ଧା ଏକ ସୂଚୀ ପୂରଣ କରି ରିପୋର୍ଟ ଦେବା ପାଇଁ ସେମାନଙ୍କୁ କୁହାଯାଇଛି ।ଏ ପର୍ଯ୍ୟନ୍ତ ୪୭୮୭ଟି ବିମାନର ୪,୮୨,୯୨୭ ଜଣ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ୨୧ଟି ବିମାନ ବନ୍ଦର, ୧୨ଟି ପ୍ରମୁଖ ଜଳଜାହାଜ ବନ୍ଦର, ୬୫ଟି କ୍ଷୁଦ୍ର ଜଳ ବନ୍ଦର ଏବଂ ନେପାଳ ସୀମାକୁ ଲାଗିଥିବା ଅଂଚଳ ଗୁଡିକରେ ନିୟମିତ ଯାଂଚ କରାଯାଉଛି। ଆଇଡିଏସପି ନେଟୱର୍କ ଜରିଆରେ ଯାତ୍ରୀମାନଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟ ସେବା ଯାଂଚ କରାଯାଉଛି। ଆଇଡିଏସପି ଜରିଆରେ ବର୍ତମାନ ୨୩,୫୩୧ ଜଣ ଯାତ୍ରୀଙ୍କୁ ଗୋଷ୍ଠୀ ସେବା ଯାଂଚ ଅଧିନରେ ରଖାଯାଇଛି। ପରୀକ୍ଷା ପାଇଁ ପଠାଯାଇଥିବା ୨୮୩୬ଟି ନମୂନା ମଧ୍ୟରୁ ୨୮୩୦ଟି ନମୂନା ନେଗେଟିଭ ହୋଇଥିବା ବେଳେ କେରଳରେ କେବଳ ୩ଟି ନମୂନା ପଜିଟିଭ ବାହାରିଥିଲା। ତେବେ ସେମାନେ ସମସ୍ତ ଆରୋଗ୍ୟ ହୋଇ ହସ୍ପିଟାଲରୁ ଛୁଟି ପାରିସାରିଛନ୍ତି। ୩ ଜଣଙ୍କର ନମୂନା ପରୀକ୍ଷା ଚାଲିଛି। ମନସେର ଓ ଛାୱଲାରେ ଅଲଗା ଭାବେ ରଖାଯାଇଥିବା ୬୪୫ ଜଣ ଉଦ୍ଧାର ପାଇଥିବା ବ୍ୟକ୍ତିଙ୍କୁ ଫେବୃଆରୀ ୧୮ ତାରିଖ ଦିନ ଡିସଚାର୍ଜ କରାଯାଇଛି।

ଭିଜିଲାନ୍ସ ଜାଲରେ ପ୍ରଧାନ ଶିକ୍ଷୟତ୍ରୀ

ଭୁବନେଶ୍ୱର, ୨୭।୨(ପି.ଏନ): କଟକ ଜିଲ୍ଲାର ବାଙ୍କୀ ଥାନା ଅନ୍ତର୍ଗତ ଏକ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଲାଂଚ ନେବା ବେଳେ ଭିଜିଲାନ୍ସ ଅଧିକାରୀ ମାନଙ୍କ ଦ୍ୱାରା ଧରା ପଡିଛନ୍ତି। ଏକ ପ୍ରମାଣ ପତ୍ର ଦେବା ପାଇଁ ଲାଂଚ ନେଉଥିବାବେଳେ ଜଣେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଭିଜିଲାନ୍ସ ଧରିଥିବା ଜଣା ପଡିଛି।

ମାର୍ଚ୍ଚ ପହିଲାରୁ ଟ୍ରାଫିକ୍ ନିୟମ କଡାକଡି

ଭୁବନେଶ୍ୱର, ୨୭।୨(ପି.ଏନ): ଆସନ୍ତା ମାର୍ଚ୍ଚ ପହିଲାରେ ଡେଡ୍ ଲାଇନ୍ ଶେଷ ହେବା ପରେ ରାଜ୍ୟରେ ନୂଆ ମୋଟର ଯାନ ଆଇନ କଡ଼ାକଡ଼ି ଭାବେ ଲାଗୁ ହେବ ବୋଲି ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ପ୍ରକାଶ କରିଛନ୍ତି। ଦୁର୍ଘଟଣା ହାର କମାଇବାକୁ ଟ୍ରାଫିକ ନିୟମକୁ କଡ଼ାକଡ଼ି କରାଯିବ। ନୂଆ ନିୟମ ଅନୁଯାୟୀ ଖିଲାପକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ୭୦ ପ୍ରତିଶତ ପୋଲିସ୍ କର୍ମଚାରୀ ଗାଡି ଯାଂଚ କାର୍ଯ୍ୟରେ ନିୟୋଜିତ ହେବେ। ଅଧିକାଂଶ ଲୋକ କାଗଜପତ୍ର ଠିକ୍ କରାଇ ସାରିଲେ । ଆଉ ଆରଟିଓ ଅଫିସ୍ ରେ ଭିଡ ହେଉନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ସେପ୍ଟେମ୍ବର ୧ ତାରିଖରେ କେନ୍ଦ୍ର ସରକାର ନୂତନ ମୋଟର ଯାନ ଆଇନ୍ ଲାଗୁ କରିବା ପରେ ସାଧାରଣରେ ଅସନ୍ତୋଷ ଦେଖାଦେବାରୁ ୩ ମାସ ଲେଖାଏଁ ୨ ଥର ପାଇଁ ନିୟମକୁ କୋହଳ କରାଯାଇଥିଲା। ଏହି କୋହଳର ସମୟସମୀ। ଆସନ୍ତା ମାର୍ଚ୍ଚ ୧ ତାରିଖରେ ଶେଷ ହେବାକୁ ଯାଉଛି। ତେଣୁ ମାର୍ଚ୍ଚ ପହିଲାରୁ ପୁଣି ଥରେ ରାଜ୍ୟରେ ଟ୍ରାଫିକ୍ ଚେକିଂ ଆରମ୍ଭ ହୋଇଯିବ। ଟ୍ରାଫିକ୍ ନିୟମ ଉଲ୍ଲଂଘନ କଲେ ଚାଳକଙ୍କୁଆ ନିୟମ ଅନୁଯାୟୀ ମୋଟା ଅଙ୍କର ଜୋରିମାନା ଗଣିବାକୁ ପଡିବ। ଏହାସହ ଜେଲ ଏବଂ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବାର ମଧ୍ୟ ବ୍ୟବସ୍ଥା ରହିଛି। ନୂଆ ନିୟମ ଅନୁଯାୟୀ ସାଧାରଣ ଟ୍ରାଫିକ ନିୟମ ଭାଙ୍ଗିଲେ ଶହେ ଟଙ୍କା ଜରିମାନା ଦେବାକୁ ହେବ। ଦ୍ୱିତୀୟ ଥର ନିୟମ ଭାଙ୍ଗି ଧରାପଡ଼ିଲେ ୩ଶହ ଓ ତୃତୀୟ ଥର ଧରାପଡ଼ିଲେ ୫ ଶହ ଓ ଚତୁର୍ଥ ଥର ନିୟମ ଭାଙ୍ଗିଲେ ୧୫ ଶହ ଟଙ୍କା ଗଣିବାକୁ ପଡିବ। ସେହିପରି ଟ୍ରାଫିକ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବଜ୍ଞା କଲେ ୫ ଶହରୁ ୨ ହଜାର ଟଙ୍କା ଯାଏଁ ଜରିମାନା ଦେବେ ଉଲ୍ଲଂଘନକାରୀ । ଦ୍ରୁତଗତିରେ ଗାଡି ଚଳନା ପାଇଁ ୪ ଶହରୁ ୨ ହଜାର ଟଙ୍କା , ମୋବାଇଲରେ କଥା ହୋଇ ଗାଡ଼ି ଚଲାଉଥିଲେ ୫ ହଜାରରୁ ୧୦ ହଜାର ଟଙ୍କା ଯାଏଁ ଜରିମାନା ଆଦାୟ କରାଯିବ କାରର ସିଟ୍ ବେଲଟ ବାନ୍ଧିନଥିଲେ ହଜାରେ ଟଙ୍କା, ବିନା ସେଫଟି ବେଲଟରେ ୧୪ ବର୍ଷରୁ କମ ବୟସର ଶିଶୁଙ୍କ କାରରେ ନେଉଥିଲେ ୧ ହଜାର ଟଙ୍କା ଗଣିବାକୁ ପଡ଼ିବ ।ସେହିଭଳି ଗୋଟିଏ ବାଇକରେ ୨ରୁ ଅଧିକ ବ୍ୟକ୍ତି ଯାଉଥିଲେ ୧ ହଜାର ଟଙ୍କା , ଗାଡ଼ି ଚାଳକଙ୍କ ସହ ପଛରେ ବସିଥିବା ବ୍ୟକ୍ତି ହେଲମେଟ ନ ପିନ୍ଧିଲେ ମଧ୍ୟ ୧ହଜାର ଟଙ୍କା ଜରିମାନା ,ରାସ୍ତାରେ ଗଲା ବେଳେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ିକୁ ବାଟ ନ ଛାଡ଼ିଲେ ୧୦ ହଜାର ଟଙ୍କାର ଜରିମାନା କରାଯିବ ବୋଲି ଚେତାଇ ଦେଇଛନ୍ତି ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ।

ଜଟଣୀରେ ପୁଣି ଲୁଟ୍, ଛୁରି ଦେଖାଇ ୬ଲକ୍ଷ ଝାମ୍ପିନେଲେ ଦୁର୍ବୃତ୍ତ

ଜଟଣୀ, ୨୭।୨(ପି.ଏନ): ପୁଣି ଜଟଣୀରେ ପଲସର ଆତଙ୍କ ଦେଖାଦେଇଛି । ଏବେ କିଛି ଦିନ ହେବ ଜଟଣୀ ଅଞ୍ଚଳରେ ଲୁଟ୍‌ତରାଜ ଛିନ୍‌ତାଇ ଓ ରାହାଜାନୀ ଥମି ଯାଇଥିବା ବେଳେ ଗୁରୁବାର ସ୍ପଷ୍ଟ ଦିବାଲୋକରେ ୨ଜଣ ଦୁର୍ବୃତ ଜଣେ ବ୍ୟକ୍ତିକୁ ପିଛା କରି ରେଳ ଷ୍ଟେସନକୁ ଯିବା ରାସ୍ତାର କମରସିଆଲ୍ ଷ୍ଟୋର ନିକଟରେ ବାଇକ୍‌ରେ ୬ଲକ୍ଷ ଟଙ୍କା ଧରି ଯାଉଥିବା ଜଣେ ଯୁବକଙ୍କ ଠାରୁ ଛଡ଼ାଇ ନେଇ ଖସି ପଳାଇଥିବା ଜଟଣୀ ଥାନାରେ ଅଭିଯୋଗ ହୋଇଛି। କିଛିଦିନ ବ୍ୟବଧାନପରେ ପୁଣି ଆତଙ୍କ ଖେଳାଇଲେଣି ଦୁର୍ବୃତ । ପୁଲିସ ପ୍ରଶାସନର ପାରିବାପଣିଆ ଉପରେ ଏବେ ଅଂଚଳବାସୀଙ୍କ ଆସ୍ଥା ତୁଟିବାକୁ ବସିଲାଣି । ଅନ୍ୟ ପକ୍ଷରେ ଉକ୍ତ ବ୍ୟକ୍ତି ଜଣକ ଏତେ ଟଙ୍କା ଧରି ଏକାକୀ ଏହି ରାସ୍ତାରେ କିପରି ଯାଉଥିଲେ ସେ ନେଇ ବିଭିନ୍ନ ମହଲରେ ଅନେକ ପ୍ରଶ୍ନ ଉଙ୍କି ମାରିଛି ।ସୁଚନାନୁସାରେ, ଗୁରୁବାର ଦିନ ପୂର୍ବାହ୍ନ ୧୧ଟାରୁ ଘ.୧୧.୩୦ମିନିଟ୍ ମଧ୍ୟରେ କୁଦିଆରୀ ଗ୍ରାମର ସମରେଶ ଜେନା (ମିଥୁ) ଜଟଣୀ ସେଂଟ୍ରାଲ୍ ବ୍ୟାଙ୍କ ଶାଖାରୁ ନିଜେ ଲୋନ୍ କରିଥିବା ଟଙ୍କାରୁ ୫ଲକ୍ଷ ଟଙ୍କା ଉଠାଣକରି ନିଜ ପାଖରେ ଥିବା ଆଉ ୧ଲକ୍ଷ ସମେତ ଆଧାର କାର୍ଡ଼, ପ୍ୟାନ୍ କାର୍ଡ଼ କୌଣସି ଏକ କମ୍ପାନୀର ୫୨ହଜାର ଟଙ୍କାର ଏକ ବଣ୍ଡ ଏକତ୍ର କରି ଜରି ବ୍ୟାଗରେ ରଖି ନିଜର ବାଇକ୍‌ରେ ରେଳ ଷ୍ଟେସନ ଆଡ଼କୁ ଆସୁଥିବା ବେଳେ ପଛରୁ ଧଳା ଓ ବ୍ଲୁ ରଙ୍ଗର ସାର୍ଟ ପିନ୍ଧିଥିବା ୨ଜଣ ଅଚିହ୍ନା ଯୁବକ ଏକ ପଲସର ବାଇକ୍‌ରେ ମିଥୁଙ୍କୁ ପିଛାକରି ଟଙ୍କା ରଖିଥିବା ଜରି ବ୍ୟାଗ୍‌କୁ ଛୁରି ଦେଖାଇ ଛଡ଼ାଇ ନେଇ ଦ୍ରୁତ ଗତିରେ ଖସି ପଳେଇ ଯାଇଥିଲେ। କୌଣସି ଉପାୟ ନପାଇ ମିଥୁ ତାଙ୍କର ପିଛା କରିଥିଲେ। ସେ ୨ଯୁବକ ବାଟଜାଣି ନଥିବାରୁ ହଠାତ୍ ଡ଼ିଆର୍‌ଏମ୍ ଅଫିସ ମୁଖ୍ୟ ଫାଟକଦେଇ ଖସି ଯାଇଥିଲେ ଅନ୍ୟ ପଟରେ ଗେଟ୍ ବନ୍ଦଥିବାରୁ ଟଙ୍କା ଝାମ୍ପିନେଇଥିବା ଯୁବକ ୨ଜଣ ପୁର୍ନବାର ବାହାରି ଆସି ଅନ୍ୟ ଏକ ରାସ୍ତାରେ କେଉଁଆଡ଼େ ଉଭାନ ହୋଇଯାଇଥିଲେ। ସେମାନଙ୍କ ପଛେ ପଛେ ମିଥୁ ଚୋର ଚୋର କରି ଚିତ୍କାର କରୁଥିଲେ ମଧ୍ୟ ଡ଼ିଆର୍‌ଏମ୍ ଅଫିସ ଗେଟ୍ ନିକଟରେ ଥିବା ସିକ୍ୟୁରିଟି ଗେଟ୍ ବନ୍ଦ କରିପାରିନଥିଲେ । ଫଳରେ ସେମାନେ ଅନ୍ୟାୟସରେ ଖସି ପଳାଇଯାଇଥିଲେ। ଘଟଣା ଘଟିବା ପରେ ସମରେଶ ଜଟଣୀ ଥାନାକୁ ଯୋଗାଯୋଗ କରିଥିଲେ। ଜଟଣୀ ଥାନା ଅଧିକାରୀ ବିଶ୍ୱରଂଜନ ସାହୁ ଓ ଅନ୍ୟ କର୍ମଚାରୀମାନେ ବିଭିନ୍ନ ଅଞ୍ଚଳ ଓ ବିଭିନ୍ନ ରାସ୍ତାରେ ଚଢ଼ାଉ ଜାରି କରିବା ସହ ବ୍ୟାଙ୍କରୁ ପିଛା କରିଥିବା ସନ୍ଦେହରେ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅନୁସନ୍ଧାନ ଜାରି ରଖିଛନ୍ତି ବୋଲି ଜଟଣୀ ଥାନା ଅଧିକାରୀ ଶ୍ରୀ ସାହୁ ସୂଚନା ଦଇଛନ୍ତି। ଅନ୍ୟ ପକ୍ଷରେ ଉକ୍ତ ବ୍ୟକ୍ତି ଜଣକ ଏତେ ଗୁଡିଏ ଟଙ୍କା ବିନା ହେପାଜତରେ କିଭଳି ନେଇ ଯାଉଥିଲେ ସେ ନେଇ ବିଭିନ୍ନ ପ୍ରଶ୍ନ ଉଙ୍କିମାରିଛି । ସେହିପରି ଜଟଣୀ ଷ୍ଟେଟବ୍ୟାଙ୍କରୁ ଗୋଡିପୁଟ ମାଟିଆପଡାର ଜୈନିକ ଜଣେବ୍ୟକ୍ତି ଟଙ୍କା ଉଠାଣ କରି ଯାଉଥିବା ବେଳେ ୨ ଜଣ ଦୁର୍ବୃତ ଏକ କଳା ପଲସରରେ ଆସି ଟଙ୍କାବ୍ୟାଗକୁ ଝାମ୍ପିନେଇ ପଳାଇଥିବା ଘଟଣା ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଥିଲା । ଏହି କ୍ରମରେ କଳା ପଲସର ଜନିତ ଅନେକ ଲୁଟ ଘଟଣା ଅତିତରେ ଏଠାରେ ଘଟିଥିବା ଆଲୋଚନା ହେଉଛି । ଜଟଣୀ ସହରରେ ଏପରି ଘଟଣା ବିଭିନ୍ନ ସମୟରେ ଘଟୁଥିବାରୁ ସହରର ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ତୁରନ୍ତ ଲଗାଇବାକୁ ସ୍ଥାନୀୟ ସହରର ବହୁ ବୁଦ୍ଧିଜୀବୀ ଓ ବ୍ୟବସାୟୀ କମିଶନରଙ୍କ ନିକଟରେ ଦୃଢ଼ ଦାବି ଜଣାଇଛନ୍ତି ।ଏଥିସହ ଜଟଣୀ ପୋଲିସ୍ ଷ୍ଟେସନରେ ଅଧିକ ଦକ୍ଷ ଯୁବ ପୋଲିସ୍ କର୍ମଚାରୀଙ୍କ ସମେତ ଆଉ ଏକ ପିସିଆର୍ ଭ୍ୟାନ ଯୋଗାଇ ଦେବାକୁ ଦାବୀ ହେଉଛି।

ଦିଲ୍ଲୀ ହିଂସା : ଆପ୍ ନେତାଙ୍କ ଛାତ ଉପରୁ ମିଳିଲା ପେଟ୍ରୋଲ ବୋମା ଓ ପଥର

ନୂଆଦିଲ୍ଲୀ, ୨୭।୨(ପି.ଏନ): ଉତର ପୂର୍ବ ଦିଲ୍ଲୀରେ ହିଂସା ବେଳେ ଆମ୍ ଆଦମୀ ପାର୍ଟି ନେତା ତଥା କାଉନସିଲର ତାହିର ହୁସେନଙ୍କ ଘର ଛାତ ଉପରୁ ପେଟ୍ରୋଲ ବୋମା ଏବଂ ପଥର ମିଳିଛି। କିଛି ଦିନ ତଳେ ଗୁଇନ୍ଦା ଅଧିକାରୀ ଅଙ୍କିତ ଶର୍ମାଙ୍କ ମୃତ ଦେହ ଉଦ୍ଧାର ହୋଇଥିଲା। ଅଙ୍କିତଙ୍କ ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନ ଓ ହୁସେନଙ୍କ ଘର ମଧ୍ୟରେ ଦୂରତା ଅଳ୍ପ। ଏପରିକି ହୁସେନଙ୍କ ଘର ଉପରୁ ବୋମା, ପଥର ଫିଙ୍ଗାଯାଉଥିବାର ଭିଡିଓ ଫୁଟେଜ ରହିଛି। ତେଣୁ ଗୁଇନ୍ଦା ଅଧିକାରୀ ଅଙ୍କିତ ଶର୍ମାଙ୍କ ମୃତ୍ୟୁ ପଛରେ ଏହି ହୁସେନଙ୍କ ଘର ଛାତ ଉପରେ ଥିବା ହିଂସାକାରୀ ରହିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ନିଜକୁ ନିର୍ଦ୍ଦୋଷ ବୋଲି କହିଛନ୍ତି ହୁସେନ୍ । ହିଂସା ବେଳେ ନିଜେ ଘରେ ନଥିଲେ। ହିଂସା ପୂର୍ବରୁ ପୁଲିସ ତାଙ୍କୁ ଘରୁ ବାହାର କରି ଦେଇଥିଲା। ମୋର ଘର ଉପରୁ କିଏ ବୋମା ଫିଙ୍ଗୁଥିଲା ଜଣାନାହିଁ ବୋଲି ସେ କହିଛନ୍ତି। ଅପରପକ୍ଷରେ ଏହି ମାମଲାରେ ନିରପେକ୍ଷ ତଦନ୍ତ କରିବାକୁ ଆମ ଆଦମୀ ପାର୍ଟି ଦାବି କରିଛି।

ଟି ଟାଇମ୍

ଶହେ ବର୍ଷ ପରେ କନ୍ୟା ସନ୍ତାନ

ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

ଟର୍ମିନେଟର୍ ବ୍ୟକ୍ତି

ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

ଚର୍ଚ୍ଚାରେ 'ହରାମ୍‌ଖୋର'

ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

ପୁରାଣ କାହାଣୀ

ମୂଷାଙ୍କ ମନ୍ଦିର

ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ

ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧିରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

କୁକୁରଙ୍କୁ ଅପମାନିତ କଲେ ଜେଲ

ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନିତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

ଦୃଷ୍ଟିହୀନଙ୍କର ଆଶା ବାଡ଼ି



ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଟକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

ଥରକେ ୧୦୦

© Yuka Kinoshita

ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

ଆଜିର ଭାଗ୍ୟ

ମେଷ ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ବୃଷ ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

ମିଥୁନ ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

କର୍କଟ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ସିଂହ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

କନ୍ୟା ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

ତୁଳା ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

ବିଛା ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

ଧନୁ ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

ମକର କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

କୁମ୍ଭ ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

ମୀନ ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ପର୍ଯ୍ୟବେକ୍ଷକ
ମହାନଗର

ରାଜ୍ୟସଭା ରେସ: ଅଙ୍କ ୩-୧ ନା ୨-୨

ଇତିମଧ୍ୟରେ ଚାରୋଟି ରାଜ୍ୟସଭା ଆସନ ଲାଗି ନିର୍ବାଚନ ତାରିଖ ଘୋଷଣା ହୋଇସାରିଛି। ତେବେ ବିଜେଡ଼ି କେତେ ଆସନରେ ପ୍ରାର୍ଥୀ ଛିଡ଼ା କରିବ ଓ ବିଜେପିକୁ କେତେ ଦେବ ତାହା ହିଁ ବଡ଼ ଚର୍ଚ୍ଚା। ଏବେ ରାଜନୀତିର ନଜର ରାଜ୍ୟସଭା ଉପହାର ଉପରେ ହିଁ ଫୋକସ୍। ବିଜେଡ଼ି ପାଖରେ ସଂଖ୍ୟାବଳ ୧୧୩ ବିଧାୟକଙ୍କ ରହିଥିବାବେଳେ ବିଜେପି ପାଖରେ ୨୩ ରହିଛି। କଂଗ୍ରେସ ୯ ଓ ସିପିଏମ୍ ବିଧାୟକଙ୍କର ଗୋଟିଏ ଭୋଟ ଅଛି। ତେବେ ଜଣେ ମାତ୍ର ସ୍ୱାଧୀନ ବିଧାୟକ ରହିଛନ୍ତି ଯିଏକି ବିଜେଡ଼ିକୁ ସମର୍ଥନ କରୁଛନ୍ତି। ତେଣୁ ରାଜ୍ୟ ସଭା ଭୋଟ ଗଣିତକୁ ଦେଖିଲେ ବିଜେଡ଼ି ହାତରେ ୧୧୪ଟି ଭୋଟ ରହୁଛି। ଜଣେ ପ୍ରାର୍ଥୀ ଜିତିବାକୁ ହେଲେ ରାଜ୍ୟସଭା ଗଣିତରେ ୩୦ ବିଧାୟକଙ୍କ ପ୍ରଥମ ପସନ୍ଦର ଭୋଟ ଦରକାର। ଯଦି କୌଣସି ବିଧାୟକ ଭୋଟ ଦାନରୁ ବିରତ ରୁହନ୍ତି ତେବେ ସବୁ ଅଙ୍କ ବିଗାଡ଼ି ଯିବ। ଚାରୋଟି ରାଜ୍ୟସଭା ସିଟରୁ ତିନୋଟିରେ ୩୦ ଲେଖାଏଁ ପ୍ରଥମ ପସନ୍ଦ ଭୋଟ ନେଇ ବିଜେଡ଼ି ଜିଣିବା ସୁସ୍ପଷ୍ଟ। ଏହାପରେ ବିଜେଡ଼ି ପାଖରେ ୨୪ଟି ପ୍ରଥମ ପସନ୍ଦର ଭୋଟ ରହିବ। ଛଅ ବିଧାୟକଙ୍କ ପ୍ରଥମ ପସନ୍ଦର ଭୋଟ ଆବଶ୍ୟକ ପଡ଼ିବ। ଏପଟେ ବିଜେପି ଯଦି ପ୍ରାର୍ଥୀ ଦିଏ ୨୩ ବିଧାୟକଙ୍କ ପ୍ରଥମ ପସନ୍ଦର ଭୋଟ ସେହି ପ୍ରାର୍ଥୀ ପାଇଲା ପରେ ଆଉ ୭ଜଣ ବିଧାୟକଙ୍କ ପ୍ରଥମ ପସନ୍ଦର ଭୋଟ ଆବଶ୍ୟକ ପଡ଼ିବ। ରାଜ୍ୟସଭାରେ ୫୫ଟି ଆସନ ସକାଶେ ମାର୍ଚ୍ଚ ୨୬ରେ ଭୋଟର ଅନୁଷ୍ଠିତ ହେବାକୁ ଯାଉଛି। ଏହା ଭିତରୁ ୪ଟି ହେଉଛି ଓଡ଼ିଶାର। ମାର୍ଚ୍ଚ ୬ରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ୫ତାରିଖ ବେଳକୁ ପ୍ରାର୍ଥୀଙ୍କ ନାମ ଜଣାପଡ଼ି ଯାଇଥିବ। ତେବେ ସବୁ ଉତ୍କଣ୍ଠାର ନାୟକ ହେଉଛନ୍ତି ବିଜେଡ଼ି ସୁପ୍ରିମୋ ନବୀନ ବାବୁ। ସେହିଦିନ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିନ ହୋଇଥିବାରୁ ସେ ଦିନ ନବୀନ ସରକାର ରୂପାନ୍ତରିତ ହୋଇଯିବ ମୋ ସରକାରକୁ। ତେବେ ରାଜନୈତିକ ମହଲରେ ବଡ଼ ଘମାସନ ଚାଲିଛି ଏଇଆ ଯେ ଦଳ ବିଜେପି ସହ ଯେଉଁପରି ନୂଆ ସମ୍ପର୍କର ସମୀକରଣ ସୃଷ୍ଟି କରିଛି ତାହା ବିଜେପିକୁ କେତୋଟି ଆସନ ଜିତିବାକୁ ସାହାଯ୍ୟ କରିବ। କାରଣ ଗତ ଉପନିର୍ବାଚନରେ ତୋଫା ଦେଲାଭଳି ବିଜେଡ଼ି ଭାଜପା ହାତକୁ ଗୋଟିଏ ଆସନକୁ ଏକ ପ୍ରକାର ଟେକି ଦେଇଥିଲା। ଏବେ ଚତୁର୍ଥ ଆସନଟିକୁ ଭାଜପାକୁ ଦେଇପାରେ ବୋଲି ରାଜନୈତିକ ଗୁଡ଼ି ଉଡୁଛି। କୁହାଯାଉଛି ବିଧାନ ପରିଷଦ ପ୍ରତିବଦଳରେ ୨-୨ରେ ଅଙ୍କ ଛିଡ଼ାଇବାକୁ ବିଜେଡ଼ି ରାଜି ହୋଇଯାଇପାରେ ଏହା ହିଁ ଉତ୍କଣ୍ଠାର ବଡ଼ କାରଣ। ସେହିପରି ଦ୍ୱିତୀୟ ଉତ୍କଣ୍ଠାର କାରଣଟି ହେଉଛି ଯେଉଁ ଦୁଇଜଣଙ୍କୁ ରାଜ୍ୟ ସଭା ପଠାଇବେ ବୋଲି ସର୍ବସମ୍ମୁଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ ସେମାନଙ୍କୁ ପଠାଇବେ କି ନାହିଁ? ସେମାନେ ହେଉଛନ୍ତି ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ ଓ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚାଉପଟ୍ଟନାୟକ। ବିଜେଡ଼ିର ଅନୁଭବ ମହାନ୍ତି, ନରେନ୍ଦ୍ର ସ୍ୱାଇଁ ଓ ସରୋଜିନୀ ହେମ୍ବ୍ରମ୍ଙ୍କ କାର୍ଯ୍ୟକାଳ ଅପ୍ରେଲରେ ସରୁଛି। ଏହାସହ କଂଗ୍ରେସର ମଧ ରଞ୍ଜିବ ବିଶ୍ୱାଳଙ୍କ କାର୍ଯ୍ୟକାଳ ସରୁଛି। ଲୋକସଭା ନିର୍ବାଚନ କ୍ଷେତ୍ରରେ ଏକ ତୃତୀୟାଂଶ ମହିଳାଙ୍କୁ ପ୍ରାର୍ଥୀ କରିଥିଲେ ନବୀନ ଆଉ ସମସ୍ତେ ବି ବିଜୟୀ ହୋଇଥିଲେ। ତେଣୁ ପ୍ରଶ୍ନ ଉଠୁଛି ରାଜ୍ୟସଭା ପାଇଁ ଯେଉଁ ତିନୋଟି ଆସନ ବିଜେଡ଼ି ମୁଠାରେ ଅଛି ତାହା ଭିତରୁ ସରୋଜିନୀଙ୍କ ପ୍ରତିବଦଳରେ ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ରଙ୍କୁ ଟିକେଟ ଦେବେକି ? ସେହିଭଳି ସମାଜ ସେବା କ୍ଷେତ୍ରକୁ ଦେଖିଲେ କେବଳ ଓଡ଼ିଶା ନୁହେଁ ସର୍ବଭାରତୀୟ ସ୍ତରରେ ବେଶ ସେବା କ୍ଷେତ୍ରରେ ଦକ୍ଷତାର ପଟ୍ଟାନ୍ତର ସୃଷ୍ଟି କରିଥିବା ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ଡ଼ଃ.ଅରୁନ୍ଧତୀ ଦେବୀଙ୍କୁ ବି ପ୍ରାର୍ଥୀ କରାଯିବାର ଚର୍ଚ୍ଚା ଉଠୁଛି। ସମାଜ ସେବା ଓ ମହିଳା କାର୍ଡ଼ ଖେଳିଲେ ଡ଼ଃ.ଅରୁନ୍ଧତୀ ଦେବୀଙ୍କ ନାଁ ଆଗକୁ ଆସୁଛି। ମହିଳାଙ୍କ ପାଇଁ ଗୋଟିଏ ଆସନ ବାଦ ଦେଲେ ବାକି ଦୁଇଟିରୁ କିଏ ରାଜ୍ୟସଭାକୁ ଯିବେ ତାହା ବି ବଡ଼ ଚର୍ଚ୍ଚା। ଦେଢ଼ବର୍ଷ ତଳୁ ଦିଲ୍ଲୀପ ରାୟ ବିଜେପି ଛାଡ଼ି ସାରିଛନ୍ତି। ତେବେ ବିଜେପିର ଶୀର୍ଷ ନେତୃତ୍ୱ ଓ ନବୀନଙ୍କ ଭିତରେ ଯେଉଁ ଘନିଷ୍ଠତା ରହିଛି ତାହାକୁ ଲକ୍ଷ୍ୟ ରଖିଲେ ଜଣାଯାଏ ଦିଲ୍ଲୀପଙ୍କୁ ଏ ଟିକେଟ ମିଳିବ କି ନାହିଁ ତାହା ବି ମୁସ୍କିଲ। ସେହିପରି ଓଡ଼ିଶା ସରକାରଙ୍କ ସୁପାରିଶରେ କଳାତ୍ମକ ଫିଲ୍ମ ନିର୍ଦ୍ଦେଶକ ଭାବେ ପରିଚିତ ପଦ୍ମଶ୍ରୀ ନୀଳମାଧବ ପଣ୍ଡାଙ୍କ ନାମ ମଧ ଉଠୁଛି। କୁହାଯାଉଛି ମୁଖ୍ୟମନ୍ତ୍ରୀଙ୍କ ଚର୍ଚ୍ଚିତ ବ୍ୟାୟାମ ଓ ଯୋଗାଭ୍ୟାସ ଭିଡ଼ିଓ ସେ ହିଁ ପ୍ରସ୍ତୁତ କରିଥିଲେ। ଏହାସହ ବିଜୁ ଜନତା ଦଳର ନିର୍ବାଚନ କାଳୀନ ବିଜ୍ଞାପନ ତାଙ୍କରି ଦ୍ୱାରା ହିଁ ନିର୍ମିତ ହୋଇଛି। ତେବେ ନିର୍ବାଚନରେ ହାରି ଯାଇଥିବା କୌଣସି ନେତାଙ୍କୁ ରାଜ୍ୟସଭା ପଠାଇବା ପାଇଁ ଯଦି ବିଜେଡ଼ି ସୁପ୍ରିମୋ ମନେ କରନ୍ତି ତାହାହେଲେ ବ୍ରହ୍ମଗିରିର ପୂର୍ବତନ ବିଧାୟକ ସଞ୍ଜୟ ଦାଶବର୍ମାଙ୍କ ନାମ ଆଗକୁ ଆସିବ। କେନ୍ଦ୍ରରେ ନରେନ୍ଦ୍ର ମୋଦି-ଶାହା ଯୋଡ଼ି ଭାରତୀୟ ରାଜନୀତିର ଅତ୍ୟନ୍ତ ଶକ୍ତିଶାଳୀ ଓ ଦୂରଦୃଷ୍ଟି ସମ୍ପନ୍ନ ରଣନୀତିକାର। କେନ୍ଦ୍ରରେ ବିଜେପି ଦିନକୁ ଦିନ ରାଜ୍ୟସଭାରେ ସଂଖ୍ୟା ବଢ଼ାଇବାକୁ ଚାହୁଁଛି ମଧ। ଏ ଦୃଷ୍ଟିକୋଣକୁ ଦେଖିଲେ ରାଜ୍ୟସଭାର ଚତୁର୍ଥ ଆସନ ଭାଜପା ପାଇବା କିଛି ଅସମ୍ଭବ ନୁହେଁ। ରାଜ୍ୟସଭାରେ ସଂଖ୍ୟାଗରିଷ୍ଠତା ପାଇଁ ଭାଜପା ନେତୃତ୍ୱ ସଂଖ୍ୟାଖେଳକୁ ଗୁରୁତ୍ୱ ଦେଉଛନ୍ତି। ଗତଥର ପରି ଏଥର ମଧ ଗୋଟିଏ ଆସନ ଭାଜପାକୁ ମିଳିଲେ ଏହା କାହାଙ୍କ ପାଇଁ କୌଣସି ଆଶ୍ଚର୍ଯ୍ୟର ପ୍ରସଙ୍ଗ ହେବନାହିଁ। ତେବେ ନାଁ ଓଡ଼ିଶାରୁ ନାଁ ଓଡ଼ିଶା ବାହାରରୁ କେହି ଭାଜପା କୋଟାରୁ ଯିବେ କିମ୍ବା ବିଜେଡ଼ିରୁ କେଉଁମାନେ ଦିଲ୍ଲୀ ରାଜ୍ୟସଭାର ମୁଆଁ ଖାଇବେ ତାହା ଜାଣିବାକୁ ହେଲେ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହିଁ ପଡ଼ିବ।

ଡାକ୍ତର ନୀଳମାଧବ ପୃଷ୍ଟି, ପାଣିକୋଇଲି, ଯାଜପୁର,
ଦୂରଭାଷ: ୯୪୩୯୪୮୨୫୨୬

ମୁକ୍ତି ପ୍ରତୀକ୍ଷାରେ ନିଶା କବଳିତ ସାରା ବିଶ୍ୱ

ଭୁବନେଶ୍ୱର (ପିଏନ୍) ସାମ୍ପ୍ରତିକ ସମାଜ ବିଭିନ୍ନ ସମସ୍ୟାରେ ପରିପୂର୍ଣ୍ଣ ଅଟେ । ଗୋଟିଏ ସମସ୍ୟାର ଅନ୍ତ ନ ହେଉଣୁ ଆଉ ଏକ ସମସ୍ୟା ମୁଣ୍ଡ ଟେକେ । ଏହି ସମସ୍ୟାଗୁଡିକ ମଧ୍ୟରେ ପ୍ରମୁଖ ସମସ୍ୟାଗୁଡିକ ହେଉଛି- ଦାରିଦ୍ର୍ୟ, ଅଶିକ୍ଷା, ବେରୋଜଗାରୀ, ଜାତିଗତ ହିଂସା ଓ ସ୍ୱାସ୍ଥ୍ୟ ସେବା ଇତ୍ୟାଦି । କିନ୍ତୁ ବର୍ତମାନ ଅବସ୍ଥାରେ ଆଉ ଏକ ଉତ୍କଟ ସମସ୍ୟା ଦେଖା ଦେଇଛି, ତାହା ହେଉଛି- ମଦ୍ୟପାନ ଏବଂ ଅନ୍ୟ ନିଶାଦ୍ରବ୍ୟର ବହୁଳ ବ୍ୟବହାର ଓ ଅବୈଧ କାରବାର । ଜଣେ ନିଶା ସେବନକାରୀ ତା' ନିଜର ଯେ କେବଳ କ୍ଷତି ସାଧନ କରିଥାଏ, ତାହା ନୁହେଁ , ତା' ଉପରେ ନିର୍ଭର କରୁଥିବା ସମ୍ପୂର୍ଣ୍ଣ ପରିବାର ଏବଂ ପରିଶେଷରେ ବୃହତ ସମାଜର କ୍ଷତି ସାଧନ କରିଥାଏ । ତେଣୁ ସମାଜର ଅଧୋପତନ ପାଇଁ ଏହି ସମସ୍ୟାଟି ଏକ ପ୍ରମୁଖ କାରଣ । ଏହି ନିଶାଦ୍ରବ୍ୟର ବ୍ୟବହାର ଏବଂ ଅବୈଧ କାରବାର କେବଳ ଗୋଟିଏ ରାଷ୍ଟ୍ରରେ ସିମିତ ନୁହେଁ ବରଂ ଏହା ବିଶ୍ୱର ସମସ୍ତ ରାଷ୍ଟ୍ରକୁ କରାଗ୍ରସ୍ତ କରିସାରିଛି । ମନୁଷ୍ୟ ବିଭିନ୍ନ ପ୍ରକାର ମାନସିକ ଏବଂ ଶାରିରୀକ କାରଣରୁ ନିଶାପାନକରି ନିଶାଗ୍ରସ୍ତ ହୋଇଥାଏ । ତା'ର ଦୈନନ୍ଦିନ ଜୀବନରେ ବିଡି, ପାନ, ସାଗାରେଟ୍ , ତମାଖୁ, ଭାଙ୍ଗ, ଗଞ୍ଜେଇ, ଅଫିମ, ମଦ, ହେରୋଇନ୍, ବ୍ରାଉନ୍‌ସୁଗାର ଓ ମର୍ଫିନ୍ ଆଦି ଉତ୍କଟ ମାଦକଦ୍ରବ୍ୟ ସେବନ କରିଥାଏ । ଏହି ସବୁ ମାଦକଦ୍ରବ୍ୟର ସେବନ ଧିରେ ଧିରେ ଅଭ୍ୟାସରେ ପରିଣତ ହୋଇଥାଏ । ଏଠାରେ ଏକ ମହତ୍ୱପୂର୍ଣ୍ଣ କଥା ହେଉଛି , ଲୋକମାନେ ଏ ସବୁ ମାଦକଦ୍ରବ୍ୟ କାହିଁକି ସେବନ କରିଥା'ନ୍ତି ? ଏହାର କାରଣ ବିଭିନ୍ନ ପ୍ରକାର ହୋଇପାରେ, ପିଲାଦିନେ ସାଙ୍ଗମାନଙ୍କ ପ୍ରେରଣା କିମ୍ବା କୁସଙ୍ଗ, ଶାରିରୀକ କଷ୍ଟ ଲାଘବ ଇତ୍ୟାଦି । ଏହାଛଡା ମାନସିକ କାରଣଗୁଡିକ ମଧ୍ୟରେ ପ୍ରମୁଖ ହେଉଛି-ମନର ଅସ୍ଥିରତା, ଦୁଃଖ, ଅସୁରକ୍ଷା ଭାବନା, ହିନମନ୍ୟତା, ଆତ୍ମକୈନ୍ଦ୍ରିକତା, ପଳାୟନ ପନ୍ଥିତା ଓ ଜୀବନର ଅସଫଳତା । ଏତଦ୍‌ବ୍ୟତିତ ଆଉ ଗୋଟିଏ କାରଣ ହେଉଛି- ନିଜର ଆଭିଜାତ୍ୟ ପ୍ରଦର୍ଶନ କରିବା । ନିଶା କହିଲେ, ଲୋକମାନେ ସାଧାରଣତଃ ମଦ, ଗଞ୍ଜେଇ, ଅଫିମ, ଭାଙ୍ଗ, ବିଡି, ସିଗାରେଟ୍ ଇତ୍ୟାଦିକୁ ବୁଝିଥାନ୍ତି । କିନ୍ତୁ ନିଶାଦ୍ରବ୍ୟର ପ୍ରକାର ଭେଦ ଓ ତା'ର ବ୍ୟବହାରରେ କେତେକ ବିବର୍ତନ ଘଟିଛି, ତାହା ଲୋକମାନଙ୍କ ପାଖରେ ଦୁର୍ବୋଧ । ଯେପରିକି ଉପରୋକ୍ତ ନିଶାଦ୍ରବ୍ୟ ବ୍ୟବହାର ବ୍ୟତିରେକ ଅନେକ ପ୍ରକାର ଜୀବନ ସୁରକ୍ଷାକାରୀ ଔଷଧ ଓ ନିଶା ଔଷଧ ପାନକରି ବ୍ୟକ୍ତି ନିଶାସକ୍ତ ହୋଇଥାଏ ଅର୍ଥାତ୍ କୌଣସି କାରଣରୁ ବ୍ୟକ୍ତି ରୋଗଗ୍ରସ୍ତ ହେଲେ ଆରୋଗ୍ୟ ହେବାପାଇଁ ଚିକିତ୍ସା ସମୟରେ ଯେଉଁ ଔଷଧ ପାନ କରିଥାଏ, ସେଥିରେ ସେ ଏତେ ଅଭ୍ୟସ୍ତ ହୋଇଯାଇଥାଏ ଯେ, ରୋଗ ଭଲ ହୋଇଗଲେ ମଧ ସେ ତାହା ପାନ କରିବା ଛାଡିପାରେ ନାହିଁ । ଏବଂ ଏ ଅବସ୍ଥାରେ ଆମେ ତାକୁ ନିଶାସକ୍ତ ବୋଲି କହିଥାଉ । ବର୍ତମାନ ପ୍ରସଙ୍ଗ ହେଉଛି, ଏହି ବିଶ୍ୱ ବ୍ୟାପ୍ତ ଉତ୍କଟ ସମସ୍ୟାରୁ କିପରି ମନୁଷ୍ୟ ସମାଜକୁ ରକ୍ଷା କରାଯାଇପାରିବ । ଏଥିପାଇଁ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ନିଶାଦ୍ରବ୍ୟର ଚାହିଦା ଓ ଅବୈଧ କାରବାର ରୋକିବା ନିମନ୍ତେ ସଂଯୁକ୍ତ ରାଷ୍ଟ୍ର ଦ୍ୱାରା ଅନ୍ତଃରାଷ୍ଟ୍ରୀୟ ମାଦକଦ୍ରବ୍ୟ ନିୟନ୍ତ୍ରଣ କାର୍ଯ୍ୟକ୍ରମ ୧୯୯୧ ମସିହାରେ ଆରମ୍ଭ କରାଗଲା । ଏତଦ୍ ବ୍ୟତିତ (i) Convention of Narcotic Drugs 1961 (ii) Convention on Psychiatric Substances 1971(iii) Convention Against Illicit Trafficking in Narcotic Drugs and Psychiatric Substances, 1988- ଏହିପରି ତିନୋଟି କନ୍‌ଭେନ୍‌ସନ୍ ସ୍ୱାକ୍ଷରିତ ହୋଇଛି, ଯେଉଁଥିରେ ଭାରତ ମଧ ଏକ ସ୍ୱାକ୍ଷରକାରୀ ରାଷ୍ଟ୍ର ଅଟେ । ଏହି ପରିପ୍ରେକ୍ଷୀରେ ଆମ ରାଷ୍ଟ୍ର ମଧ ସମ୍ବିଧାନର ଅନୁଚ୍ଛେଦ ୪୭ ଅନୁଯାୟୀ ଅନେକଗୁଡିଏ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଏବଂ ନିଶାଦ୍ରବ୍ୟର ଅପବ୍ୟବହାର ରୋକିବା ପାଇଁ Narcotic Drugs and psychiatric substance Act 1985 ପ୍ରଣିତ ହୋଇଛି. ଏତଦ୍ ବ୍ୟତୀତ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରୀତା ମନ୍ତ୍ରଣାଳୟର ଏକ ସ୍ୱତନ୍ତ୍ର ବିଭାଗ ରହିଅଛି, ଯାହାକି, ନିଶାଦ୍ରବ୍ୟର ଅପବ୍ୟବହାର, ଚାହିଦା ଓ ତତ୍ ସମ୍ବନ୍ଧୀୟ କ୍ଷତିକୁ ରୋକିବା ପାଇଁ କେତେଗୁଡିଏ କାର୍ଯ୍ୟକ୍ରମ ଜାରୀ କରିଛି । ସେଗୁଡିକ ହେଉଛି-ନିଶା (ଔଷଧ ଅପବ୍ୟବହାର)ର ସଚେତନତା ଏବଂ ପରାମର୍ଶ କେନ୍ଦ୍ର, ନିଶାସକ୍ତ ବ୍ୟକ୍ତିଙ୍କ ପାଇଁ ସମନ୍ୱିତ ପୁନର୍ବାସ କେନ୍ଦ୍ର, କର୍ମକ୍ଷେତ୍ରରେ ନିଶା ରୋକିବାର କାର୍ଯ୍ୟକ୍ରମ, ସଚେତନତା ଓ ନିଶାମୁକ୍ତ ଶିବିର, ଆଂଚଳିକ ସାଧନ ଓ ପ୍ରଶିକ୍ଷଣ କେନ୍ଦ୍ର, ଔଷଧ ଅପବ୍ୟବହାର ରୋକିବା ପାଇଁ ବେସରକାରୀ ଅନୁଷ୍ଠାନ ମଂଚ, ସମୁଦାୟ ଭିତିକ ଥଇଥାନକୁ କ୍ଷମତା ସଂପନ୍ନ କରିବା ପାଇଁ ଅଭିନବ ପ୍ରଚେଷ୍ଟା ବା ହସ୍ତକ୍ଷପେ କରିବା, ଯାନ୍ତ୍ରିକ ପରିବର୍ତନ ଏବଂ ମାନବ ସମ୍ବଳ ବିକାଶ କାର୍ଯ୍ୟକ୍ରମ କରିବା,ଏହି ଯୋଜନା ଅନ୍ତର୍ଗତ ବିଷୟରେ ସର୍ବେକ୍ଷଣ, ଅନୁଧ୍ୟାନ ଓ ଅନୁସନ୍ଧାନ କରିବା ଇତ୍ୟାଦି । ଏହାସହିତ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରଣାଳୟ ଦ୍ୱାରା ନୂଆଦିଲ୍ଲୀଠାରେ National Centre for Drug Abuse Prevention(NCDAP) ପ୍ରତିଷ୍ଠା କରାଯାଇଛି । ଯାହାର ମୁଖ୍ୟ କାର୍ଯ୍ୟ ହେଉଛି ତାଲିମ୍ ପ୍ରଦାନ କରିବା, ଅନୁସନ୍ଧାନ କରିବା ଓ ସୁରାସକ୍ତ ଓ ନିଶାର ଚାହିଦା କମାଇବା(ହ୍ରାସ କରିବା) କ୍ଷେତ୍ରରେ ବିଭିନ୍ନ ତଥ୍ୟାବଳୀ ସଂଗ୍ରହ କରିବା ଇତ୍ୟାଦି । ବର୍ତମାନ ମନ୍ତ୍ରଣାଳୟ ସହାୟତାରେ ସାରା ଭାରତବର୍ଷରେ ପ୍ରାୟ ୪୦୦ଟି ନିଶାଗ୍ରସ୍ତ ବ୍ୟକ୍ତିମାନଙ୍କ ପାଇଁ ସମନ୍ୱିତ ପୁନର୍ବାସ କେନ୍ଦ୍ର ଓ ୧୨ଟି ଆଂଚଳିକ ସାଧନ ଓ ପ୍ରଶିକ୍ଷଣ କେନ୍ଦ୍ର କାର୍ଯ୍ୟକରୁଅଛି । ଏହି ସାଧନ କେନ୍ଦ୍ରମାନଙ୍କର ମୁଖ୍ୟ କାର୍ଯ୍ୟ ହେଉଛି ନିଶା ସେବନକାରୀଙ୍କ ପାଇଁ ସମନ୍ୱିତ ପୁନର୍ବାସ କେନ୍ଦ୍ରର କାର୍ଯ୍ୟରତ କର୍ମୀମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ଦେଇ ତାଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି କରାଇବା, ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ କରିବା ଓ ନିଶାସକ୍ତ ବିଷୟରେ ସର୍ବେକ୍ଷଣ, ଅନୁଧ୍ୟାନ ଓ ଅନୁସନ୍ଧାନ କରିବା ଇତ୍ୟାଦି । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଓଡିଶାର ବିଭିନ୍ନ ଜିଲ୍ଲାରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ୩୪ଟି ନିଶା ସେବନକାରୀଙ୍କ ପାଇଁ ସମନ୍ୱିତ ପୁନର୍ବାସ କେନ୍ଦ୍ର କାର୍ଯ୍ୟ କରୁଅଛି । ଏତଦ୍‌ବ୍ୟତୀତ ଓଡିଶାର କଟକ, ସମ୍ବଲପୁର ଏବଂ ବ୍ରହ୍ମପୁର ଭେଷଜ ମହାବିଦ୍ୟାଳୟମାନଙ୍କରେ ନିଶା ନିବାରଣର ସ୍ୱତନ୍ତ୍ର ବିଭାଗ କାର୍ଯ୍ୟ କରୁଅଛି ଏବଂ ପରବର୍ତୀ ସମୟରେ ସବୁ ଜିଲ୍ଲା ସଦର ମହକୁମାରେ ନିଶା ଓ ଔଷଧ ଅପବ୍ୟବହାରର ଚିକିତ୍ସା ପାଇଁ ଯୋଜନା କରାଯାଉଅଛି । ସମଗ୍ର ଦେଶରେ ନିଶା ସେବନକାରୀଙ୍କ ଏକ ନିର୍ଦ୍ଦିଷ୍ଟ ସଂଖ୍ୟା ଅଦ୍ୟାବଧି ଦେଶ ସମ୍ମୁଖରେ ନାହିଁ । ତେଣୁ ବର୍ତମାନ ସରକାର ନିଶାର ଚାହିଦା ଓ ନିଶାର ପ୍ରକାର ଭେଦ ସହିତ ନିଶା ସେବନକାରୀଙ୍କ ସଂଖ୍ୟା ଆକଳନ କରିବା ପାଇଁ ଏକ ଜାତୀୟ ସ୍ତରରେ ସର୍ବେକ୍ଷଣ କରିବାକୁ ଯାଉଛନ୍ତି । ଏବଂ ଏହି ସର୍ବେକ୍ଷଣ ଆଧାରରେ ନିଶାର ଚାହିଦା ହ୍ରାସ ନିମନ୍ତେ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ସ୍ଥିର କରିଛନ୍ତି । ଏହା ଭଲ ଭାବରେ ଜଣାଶୁଣା ଯେ, ଔଷଧ ବା ନିଶା ନିର୍ଭରଶୀଳତା ଏକ ସାମାଜିକ ଓ ଚିକିତ୍ସାଗତ ସମସ୍ୟା, ଯାହାକି ସମାଜର ସମସ୍ତ ସ୍ତରକୁ ପ୍ରଭାବିତ କରିଥାଏ। ପୃଥିବୀରେ ଦିନକୁ ଦିନ ନିଶା ଓ ଔଷଧର ଅପବ୍ୟବହାର ବଢି ବଢି ଚାଲିଛି । ନିଶା ନିବାରଣ ପାଇଁ ଏକ ପ୍ରମୁଖ ଉପାୟ ହେଉଛି ଜନସଚେତନତା ସୃଷ୍ଟି କରିବା । ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମର ଭୂମିକା ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି ଏବଂ ଏହା ଅତ୍ୟାବଶ୍ୟକ ଅଟେ । ଏହି ଜନସଚେତନତା ଗତିଶୀଳତାର ମୁଖ୍ୟ ବାହକ ହେଉଛନ୍ତି ଦେଶର ଯୁବପିଢୀ । ପରିଶେଷରେ ଏହି ନିଶାଦ୍ରବ୍ୟର ଅପବ୍ୟବହାର ପରି ଏକ ଜଟିଳ ସମସ୍ୟାର ଅନ୍ତ ଘଟାଇବା ପାଇଁ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କର ସହାୟତା ସହିତ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ପ୍ରଦାନର ଆବଶ୍ୟକତା ରହିଅଛି ।

ସୌଜନ୍ୟ: ସୁଧିର ଚନ୍ଦ୍ର ଦାଶ,
(ସଭାପତି), ଆର୍.ଆର୍.ଟି.ସି.

ସାମ୍ବିଧାନିକ ବିଧିବ୍ୟବସ୍ଥା ବନାମ ଉପେକ୍ଷିତ ଗଣମାଧ୍ୟମ

ଭୁବନେଶ୍ୱର (ପିଏନ୍): ଯୋଗାଯୋଗ ବିଜ୍ଞାନର ଅଗ୍ରଗତି ଫଳରେ ଗଣମାଧ୍ୟମ ଏବେ ସର୍ବବ୍ୟାପୀ ହୋଇଛି, ଅର୍ଥାତ୍ ବିଶ୍ୱର ପ୍ରତ୍ୟେକ ପ୍ରାନ୍ତରେ ଉପଲବ୍ଧ ହେଉଛି। ସେହି କାରଣରୁ ଗଣମାଧ୍ୟମର ପ୍ରତିଯୋଗୀମାନେ ମଧ ସର୍ବବ୍ୟାପୀ ହୋଇଛନ୍ତି। ପ୍ରତ୍ୟେକ ଆପଦକାଳୀନ ସ୍ଥିତିରେ ସେମାନଙ୍କର ଉପସ୍ଥିତ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ମଧ୍ୟପ୍ରାଚ୍ୟର ଯୁଦ୍ଧଭୂମି ହେଉ, ଆତଙ୍କବାଦ ପ୍ରଭାବିତ ଅଞ୍ଚଳ ହେଉ, କିମ୍ବା ଜାତିଆଣ ବିଦ୍ୱେଷ ଚାଲିଥିବା ଅଞ୍ଚଳରେ ସେମାନଙ୍କର କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ଦେଶ-ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଗଣମାଧ୍ୟମ ଓ ତାହାର ପ୍ରତିନିଧି ବହୁମୂଲ୍ୟ ଅବଦାନ ଛାଡ଼ିଛନ୍ତି। ଆମ ଦେଶରେ ଗଣମାଧ୍ୟମ ଏବେ ଅସ୍ଥିମଜ୍ଜାଗତ ପ୍ରତ୍ୟେକ କ୍ଷେତ୍ରରେ, ପ୍ରତ୍ୟେକ କ୍ଷଣରେ ଓ ପ୍ରତ୍ୟେକ ଅବସ୍ଥାରେ ସେମାନଙ୍କର ଉପସ୍ଥିତି ରହିଛି। ଭାରତର ବିଭିନ୍ନ ବିବିଧତା ସତ୍ତ୍ୱେ ସେମାନେ ଏକ ହୋଇଛନ୍ତି। ଅପରପକ୍ଷରେ ସେହି ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ନେଇ ମଧ ଚର୍ଚ୍ଚା ଆରମ୍ଭ ହୋଇଛି। ବିଶ୍ୱର ପ୍ରତ୍ୟେକ କୋଣାନୁକୋଣରେ ଚାଲିଛି। ଖାଲିଚର୍ଚ୍ଚା ନୁହେଁ ଆନ୍ତର୍ଜାତିକ ଓ ଜାତୀୟ ଆଲୋଚନାଚକ୍ର ତଥା ବିତର୍କ ସଭାମାନ ଆୟୋଜିତ ହେଉଛି। ସାମ୍ବାଦିକ ସଂଗଠନର ନେତାମାନେ ଓ ଗଣତନ୍ତ୍ରପ୍ରେମୀ ମାନେ ଦେଶ ବିଦେଶ ବୁଲି ଏହା ଉପରେ ମତ ରଖୁଛନ୍ତି। ଏହି କ୍ରମରେ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ବୋଲି ଗଣମାଧ୍ୟମକୁ କୁହାଯାଉଛି। ଅର୍ଥାତ୍ ଗଣତନ୍ତ୍ର ପ୍ରଥମ ସ୍ତମ୍ଭ ହେଉଛି ବ୍ୟବସ୍ଥାପକ, ଦ୍ୱିତୀୟସ୍ତମ୍ଭ ହେଉଛି ନ୍ୟାୟପାଳିକା ଏବଂ ତୃତୀୟସ୍ତମ୍ଭ ହେଉଛି କାର୍ଯ୍ୟପାଳିକା ବୋଲି ସ୍ଥିରିକୃତ ହୋଇଥିବାବେଳେ ଏହାକୁ ୪ସ୍ତମ୍ଭ ବିଶିଷ୍ଟ କରିବା ପାଇଁ ୪ର୍ଥ ସ୍ତମ୍ଭ ଭାବରେ ଗଣମାଧ୍ୟମକୁ ନିଆଯାଇଛି। ଏକଥା ସମସ୍ତେ ଜାଣନ୍ତି। ଅପର ପକ୍ଷରେ ପ୍ରଥମ ତିନୋଟି ସ୍ତମ୍ଭ ସାଂବିଧାନିକ ବିଧିବ୍ୟବସ୍ଥାରେ ସାମିଲ୍ ହୋଇଥିବାବେଳେ ଶେଷ ଅର୍ଥାତ୍ ୪ର୍ଥ ସ୍ତମ୍ଭ ପାଇଁ କିଛି ଉଲ୍ଲେଖ ନାହିଁ। ଏକଥା ଅଳ୍ପ କିଛି ଲୋକ ଜାଣନ୍ତି। ଯାହାକି ଏକ ବିସ୍ମୟକର ଘଟଣା। ଏହି ପ୍ରସଙ୍ଗରେ ଅନ୍ୟ ଦେଶଗୁଡ଼ିକ କଥାକୁ ବିଚାରକୁ ନିଆନଯାଇ କେବଳ ଭାରତବର୍ଷ କଥା ଚିନ୍ତା କରାଯିବା ଭଲ ହେବ। ବିଶ୍ୱର ସର୍ବବୃହତ୍ ଏହି ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମ ସ୍ୱୀକୃତ କି? ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସମ୍ବିଧାନ କୁହାଯାଉଥିବା ଭାରତୀୟ ସଂବିଧାନ ଏହାକୁ ସ୍ୱୀକୃତି ଦେଇଛି କି? ଦେଶର କୌଣସି ରାଜ୍ୟର ବିଧାନସଭାରେ ଗଣମାଧ୍ୟମକୁ ସାଂବିଧାନିକ ସ୍ୱୀକୃତ ଦେବାପାଇଁ ପ୍ରସ୍ତାବ ଗ୍ରହଣ କରାଗଲାଣି କି? ଆମ ଦେଶର ଲୋକସଭା ଓ ରାଜ୍ୟସଭାରେ ସ୍ୱାଧୀନତା ପରଠାରୁ ଏ ସଂକ୍ରାନ୍ତରେ ଆଲୋଚନା ହେଲାଣି କି? ଏହି ପ୍ରଶ୍ନର ଉତ୍ତର ଆଦୌ ନାହିଁ। କାରଣ ଗଣମାଧ୍ୟମକୁ ସାଂବିଧାନିକ ସ୍ୱୀକୃତି ଦେବାପାଇଁ ବ୍ୟବସ୍ଥାପକ ସ୍ତରରେ ଅଦ୍ୟାବଧି ଆଲୋଚନା ହୋଇନାହିଁ। ଆମ ଦେଶରେ ସାମ୍ବାଦିକମାନଙ୍କ ଗଣନା ହେଲାଣି କି? ଓଡ଼ିଶା ରାଜ୍ୟରେ ଗଣନା ହୋଇଛି କି? ସେମାନଙ୍କ ଉପରେ ସରକାରୀ ନିୟନ୍ତ୍ରଣ କିମ୍ବା ପ୍ରୋତ୍ସାହନ ଅଛି କି? ପ୍ରଧାନମନ୍ତ୍ରୀ ପଦରେ ଥିବା ପଣ୍ଡିତ ନେହେରୁଙ୍କଠାରୁ ଆରମ୍ଭ କରି ନରେନ୍ଦ୍ର ମୋଦିଙ୍କ ପର୍ଯ୍ୟନ୍ତ ତଥା ରାଜ୍ୟରେ ମୁଖ୍ୟମନ୍ତ୍ରୀ ପଦରେ ଥିବା ନବକୃଷ୍ଣ ଚୌଧୁରୀଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ନବୀନ ପଟ୍ଟନାୟକଙ୍କ ପର୍ଯ୍ୟନ୍ତ କେହି ସାମାନ୍ୟ ଟିକେ ପଦକ୍ଷେପ ନେଇନାହାଁନ୍ତି। ସରକାର ପରେ ସରକାର ଆସିଲାଣି ଓ ଗଲାଣି। ସମସ୍ତେ ତାଙ୍କର ସଫଳତା ପାଇଁ ଗଣମାଧ୍ୟମକୁ ସାଧୁବାଦ ଜଣାଉଥିବା ବେଳେ ବିଫଳତା ପାଇଁ ଦାୟୀ କରୁଛନ୍ତି। ଦେଶର ହଜାର ହଜାର ରାଜନେତାଙ୍କର ନିଜର ଖବରକାଗଜ ବା ଟିଭି ଚ୍ୟାନେଲ୍ ରହିଛି । କହିବା ବାହୁଲ୍ୟ ଯେ, ଗଣମାଧ୍ୟମ ଲୋକଙ୍କ ସହିତ ଅଛି। ସମ୍ବିଧାନର ଆଢୁଆଳରେ ଥାଇ ମଧ ନିଜର ପରିଚୟ ନିଜେ ସୃଷ୍ଟି କରିଛି। ନିଜକୁ ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ବୋଲି ପ୍ରତିପାଦିତ କରିଛି। ଯାହାକୁ ବ୍ୟବସ୍ଥାପକ ସମେତ ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ଖୋଲାଖୋଲି ସ୍ୱୀକାର କରୁଛନ୍ତି। ବହୁକ୍ଷେତ୍ରରେ ନିର୍ଭର ମଧ କରୁଛନ୍ତି। ବାସ୍ତବରେ ସେହି ଗଣମାଧ୍ୟମର ମୂଳ ଭିତ୍ତି ନାହିଁ। ଅର୍ଥାତ୍ ଚେରମୂଳ ନାହିଁ। ସେମାନେ ଭାସମାନ ଅବସ୍ଥାରେ ଥାଇ କାର୍ଯ୍ୟ କରୁଛନ୍ତି ବୋଲି କହିଲେ ଭୁଲ୍ ହେବନାହିଁ। ଦୁଃଖର କଥା ହେଉଛି ଯେ, ସ୍ୱାଧୀନତା ପରେ ଆମ ଦେଶରେ ଯେଉଁ ସଂବିଧାନ ପ୍ରଣୟନ ସଭା ଗଠନ କରାଯାଇଥିଲା, ସେହି ସଭା ଗଣମାଧ୍ୟମକୁ ଭୁଲି ଯାଇଥିଲା। ସେହି ପ୍ରଣୟନ ସଭାରେ ଦେଶର ବହୁ ଜ୍ଞାନୀ ଗୁଣି, ରାଜନୀତି ବିଶାରଦ, ସମାଜ ବିଜ୍ଞାନୀ, ରାଜନେତା, ସଂଗ୍ରାମୀ ଓ ଶିକ୍ଷାବିତ୍‌ମାନେ ଅନ୍ତର୍ଭୁକ୍ତ ହୋଇଥିଲେ। ତାହାର ଅଧକ୍ଷ ଥିଲେ ଡଃ ବି.ଆର. ଆମ୍ବେଦକର। ମାତ୍ର ଆଶ୍ଚର୍ଯ୍ୟଜନକ ଘଟଣାକ୍ରମରେ ସବୁ ବର୍ଗର, ସବୁ ଶ୍ରେଣୀର, ସବୁ ଧର୍ମର, ସବୁ ବର୍ଣ୍ଣର, ସବୁ ଜାତିର ଏବଂ ସବୁ ଅଞ୍ଚଳର ଲୋକମାନଙ୍କ ପାଇଁ ଏବଂ ସଂସ୍ଥା ପାଇଁ ସାଂବିଧାନିକ ବିଧିବ୍ୟବସ୍ଥା କାର୍ଯ୍ୟକାରୀ ହେଲା। ମାତ୍ର ଗଣମାଧ୍ୟମ କଥା କେହି ଉଠାଇଲେ ନାହିଁ। ସବୁଠାରୁ ପରିତାପ ହେଉଛି ଯେ, ସ୍ୱାଧୀନତା ସଂଗ୍ରାମ କାଳରେ ଭାରତୀୟ ଗଣମାଧ୍ୟମ ମହନୀୟ ଅବଦାନ ଦେଇଥିଲା। ପ୍ରବଳ ପ୍ରତାପୀ ବ୍ରିଟିଶ୍ ଶାସକମାନେ ସେତେବେଳର ଗଣମାଧ୍ୟମର କଣ୍ଠରୋଧ କରିଥିବାର ଉଦ୍ୟମ କରିଥିଲାବେଳେ ସେତେବେଳର ସାମ୍ବାଦିକମାନେ ନିଜର ଜୀବନକୁ ତୁଚ୍ଛ ମନେକରି ଦେଶକୁ ସ୍ୱାଧୀନତା ହେବାପାଇଁ ସଫଳ ଉଦ୍ୟମ କରିଥିଲେ। ସମଗ୍ର ଦେଶରେ ବ୍ରିଟିଶ ଶାସନ ବିରୋଧୀ ମନୋଭାବ ସୃଷ୍ଟି କରିଥିଲେ। ଯାହାଫଳରେ ଦେଶର ପ୍ରତ୍ୟେକ ଅଞ୍ଚଳରେ ବ୍ରିଟିଶ୍ ସରକାର ବିରୁଦ୍ଧରେ ମନୋଭାବ ସୃଷ୍ଟି ହୋଇଥିଲା। ବହୁ ଲୋକ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ବହୁ ଛାତ୍ରଛାତ୍ରୀ ପାଠପଢ଼ା ଛାଡି ସଂଗ୍ରାମ ସହିତ ସାମିଲ ହୋଇଥିଲେ। ଜେଲ୍ ମଧ ଯାଇଥିଲେ। ବହୁ ସଂଗ୍ରାମୀ ସେତେବେଳେ ଖବରକାଗଜ ପ୍ରକାଶନ ଏବଂ ସମ୍ପାଦନ କରିଥିଲେ। ଓଡ଼ିଶାରେ ମଧ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବ ଏବଂ ବାଳକୃଷ୍ଣ କରଙ୍କ ପରି ମହାନ୍ ସଂଗ୍ରାମୀମାନେ ଖବରକାଗଜ ପ୍ରକାଶନ କରି ସ୍ୱାଧୀନତା ସଂଗ୍ରାମକୁ ଆଗେଇ ନେଇଥିଲେ। ଜାତୀୟ ସ୍ତରରେ ଏହି ଘଟଣାର ବ୍ୟାପକତା ହୋଇଥିଲା। ଏପରିକି ସେତେବେଳେ ସଂବିଧାନ ପ୍ରଣୟନ ସଭାର ସଭ୍ୟମାନଙ୍କ ମଧ୍ୟରୁ କେତେକ ଖବରକାଗଜ ସମ୍ପାଦକ ମଧ ଥିଲେ। ସ୍ୱୟଂ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଏକ ଖବରକାଗଜ ଥିବା କଥା ସମସ୍ତେ ଜାଣନ୍ତି। ଏହାସତ୍ତ୍ୱେ ଗଣମାଧ୍ୟମ ସପକ୍ଷରେ ସେହି ଗୁରୁତ୍ୱପୂର୍ଣ୍ଣ ସଭାରେ କେହି କହିଲେ ନାହିଁ। ଗଣମାଧ୍ୟମ ଆମର ସଂବିଧାନର ଆଢୁଆଳରେ ରହିଗଲା। ଗଣମାଧ୍ୟମ ସଂବିଧାନର ପରିସରଭୁକ୍ତ ହୋଇପାରିଲା ନାହିଁ। ଯାହାଫଳରେ ସାମ୍ବାଦିକମାନଙ୍କ ପାଇଁ କିଛି ନୀତି ନିୟମ ରହିଲା ନାହିଁ। ସାମ୍ବାଦିକମାନଙ୍କର ସାମ୍ବାଦିକମାନଙ୍କ ନିର୍ଦ୍ଧାରିତ ଶିକ୍ଷାଗତ ଯୋଗ୍ୟତା ଅଛି କି? ସାମ୍ବାଦିକତା ବୃତ୍ତିରେ ଅର୍ଥାତ୍ ଗଣମାଧ୍ୟମ ସଂସ୍ଥାରେ ଯୋଗଦେବା ପାଇଁ ବୟସସୀମା ଧାର୍ଯ୍ୟ କି? ଅବସର ବୟସ ସୀମା ଅଛି କି? ଦରମା କିମ୍ବା ଅବସରକାଳୀନ ପ୍ରାପ୍ୟ ନିର୍ଦ୍ଧାରିତ ହୋଇଛି କି? ସାମ୍ବାଦିକମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ପୋଷାକ ପରିଧାନ (ଡ୍ରେସ୍‌କୋର୍ଡ) ନିର୍ଦ୍ଦିଷ୍ଟ ହୋଇଛି କି? କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ସାମ୍ବାଦିକମାନେ ସାମିଲ୍ କି? ରାଜ୍ୟସଭାରେ ମନୋନୀତ ସଭ୍ୟଙ୍କ ମଧ୍ୟରେ ସାମ୍ବାଦିକ ମାନଙ୍କ ପାଇଁ କିଛି ସ୍ଥାନ ସଂରକ୍ଷିତ ଅଛି କି? ସେମାନେ ସରକାରୀ ସୁବିଧା ପାଇବା ପାଇଁ ହକ୍‌ଦାର କି? କେତେକ ରାଜ୍ୟରେ ବୟସ୍କ ବା ବୃଦ୍ଧ ସାମ୍ବାଦିକମାନଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା ହୋଇସାରିଥିଲା ବେଳେ ଓଡ଼ିଶା ସମେତ ବାକି ରାଜ୍ୟମାନଙ୍କରେ ଏହା କାର୍ଯ୍ୟକାରୀ ନ ହେବାର କାରଣ କ'ଣ? ସର୍ବୋପରି କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିବା ପଛରେ କି ରହସ୍ୟ ରହିଛି? ସାମଗ୍ରୀକ ଭାବେ କହିବାକୁ ଗଲେ ଭାରତୀୟ ଗଣମାଧ୍ୟମ ଦେଶର ସାଂବିଧାନିକ ବିଧିବ୍ୟବସ୍ଥାରେ ସାମିଲ୍ ହୋଇନଥିବାରୁ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ମିଳିବା କଷ୍ଟକର-ସମ୍ଭବ ମଧ ନୁହେଁ। ଏଭଳି ସ୍ଥିତିରେ ଦେଶର ଗଣତନ୍ତ୍ରର ସଫଳତା ଜନମଙ୍ଗଳ, ସ୍ୱଚ୍ଛତା ଏବଂ ବିଶ୍ୱରେ ପ୍ରାଧାନ୍ୟ ଦୃଷ୍ଟିରୁ ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ଗଣମାଧ୍ୟମକୁ ସ୍ଥାନ ଦେବା ପାଇଁ ବିଳମ୍ବରେ ହେଲେବି ସାଧୁ ଉଦ୍ୟମ ହେବ କି? ବିଶେଷକରି ଗଣମାଧ୍ୟମ ଜରିଆରେ ଲୋକପ୍ରିୟତା ବା ଜନମତ ହାସଲ କରୁଥିବା ରାଜନେତା ଓ ରାଜନୈତିକ ଦଳମାନେ ଉଦ୍ୟମ କରିବେ କି?

(ସୌଜନ୍ୟ: **ବୈଷ୍ଣବ ଜେନା,** ସାମ୍ବାଦିକ, ମୋ: ୯୪୩୭୦୦୭୨୦୦)

ଦୁଇ ଅମ୍ଳାନ ପ୍ରତିଭା



ଡ. ରାଜେନ୍ଦ୍ର ପ୍ରସାଦ: ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ପ୍ରମୁଖ ନେତାଙ୍କ ମଧ୍ୟରେ ଡ. ରାଜେନ୍ଦ୍ର ପ୍ରସାଦ ଅନ୍ୟତମ। ଭାରତୀୟ ଜାତୀୟ କଂଗ୍ରେସର ଅଧକ୍ଷ ଭାବେ ସେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ସମ୍ବିଧାନ ନିର୍ମାଣରେ ତାଙ୍କ ଯୋଗଦାନ ଅନସ୍ୱୀକାର୍ଯ୍ୟ। ପ୍ରଥମ ରାଷ୍ଟ୍ରପତି ପଦ ଅଳଂକୃତ କରିଥିବା ଏହି ମହାନ୍ ନେତା ସ୍ୱାଧୀନ ଭାରତରେ କେନ୍ଦ୍ରମନ୍ତ୍ରୀ ଭାବେ କିଛି ସମୟ କାମ କରିଥିଲେ। ରାଜେନ୍ଦ୍ର ବାବୁ ବା ଦେଶରତ୍ନ ଭାବେ ସେ ବେଶ୍ ଲୋକପ୍ରିୟ ଥିଲେ। ହିନ୍ଦୀ ଭାଷା ପ୍ରତି ତାଙ୍କର ଅଗାଧ ପ୍ରେମ ଥିଲା। ବିଭିନ୍ନ ହିନ୍ଦୀ ପତ୍ରପତ୍ରିକାରେ ତାଙ୍କ ନିବନ୍ଧ ଛପୁଥିଲା। ସେଗୁଡ଼ିକ ଖୁବ୍ ରୁଚିପୂର୍ଣ୍ଣ ଓ ପ୍ରଭାବଶାଳୀ ଥିଲା। ୧୯୧୧ ମସିହାରେ ସେ ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗ ଦେଲେ। ୧୯୨୦ରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ନିଷ୍ଠା, ସମର୍ପଣ ଓ ସାହସ ତାଙ୍କୁ ଖୁବ୍ ପ୍ରଭାବିତ କରିଥିଲା। ସାଧାରଣ ଜନତାଙ୍କ ସେବାରେ ତାଙ୍କର ଅଧିକାଂଶ ସମୟ ବିତୁଥିଲା। ନେହେରୁଙ୍କ ନେତୃତ୍ୱାଧୀନ ଭାରତର ମଧ୍ୟବର୍ତ୍ତୀକାଳୀନ ସରକାରର ୧୨ ଜଣିଆ ମନ୍ତ୍ରୀମଣ୍ଡଳରେ ସେ ଖାଦ୍ୟ ଓ କୃଷିମନ୍ତ୍ରୀ ଭାବେ କାମ କରିଥିଲେ। ସ୍ୱାଧୀନତା ପରେ ଜାନୁଆରୀ ୨୬, ୧୯୫୦ ମସିହାରେ ଭାରତର ରାଷ୍ଟ୍ରପତି ପଦ ଅଳଂକୃତ କରିଥିଲେ। ଅବସର ପରେ ୧୯୬୨ରେ ପାଟନା ଆସି ବିହାର ବିଦ୍ୟାପୀଠ ପରିସରରେ ଜୀବନ ବିତାଇଥିଲେ। ପରେ ପରେ ସେ ଭାରତ ରତ୍ନ, ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ଲାଭ କରିଥିଲେ। ୧୯୬୩ ମସିହା ଫେବୃଆରୀ ୨୮ ତାରିଖ ଦିନ ଏହି ଯୁଗ ପୁରୁଷ ଇହଲୀଳା ସମ୍ବରଣ କରିଥିଲେ।

ବୀର ସୁରେନ୍ଦ୍ର ସାଏ: ମାଟି ମା'ର ସ୍ୱାଧୀନତା ପାଇଁ ନିଜ ସ୍ୱାର୍ଥକୁ ବଳି ଦେଇ ବିଶାଳ ଇଂରେଜ ସାମ୍ରାଜ୍ୟ ବିରୁଦ୍ଧରେ ରଣାଙ୍ଗନକୁ ଓହ୍ଲାଇଥିଲେ ବୀର ସୁରେନ୍ଦ୍ର ସାଏ। ୧୮୦୯ ମସିହା, ଜାନୁଆରୀ ୨୩ ତାରିଖରେ ତତ୍‌କାଳନୀ ସମ୍ବଲପୁର ଅଞ୍ଚଳର ବୀରଭୂମି ଖିଣ୍ଡା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ସମ୍ବଲପୁର ରାଜଗାଦି ପ୍ରତି ଇଂରେଜଙ୍କ ଲୋଲୁପ ଦୃଷ୍ଟି ଥିଲା। ସୁରେନ୍ଦ୍ର ସାଏ ସେମାନଙ୍କ ବିରୁଦ୍ଧରେ ଯୁଦ୍ଧ ଡାକରା ଦେଲେ। ପ୍ରଜା ବିପ୍ଳବ ଆରମ୍ଭ ହେଲା। ଘଞ୍ଚ ଜଙ୍ଗଲ ଓ ପର୍ବତ ପୁଞ୍ଜରେ ପରିବ୍ୟାପ୍ତ ଝର୍‌ଘାଟି, ଗଡ଼ଘାଟି, କୁଦୋପାଲି, ଡେବ୍ରିଗଡ଼, ଦେସର୍, ସିଂଘୋଡ଼ା ଘାଟି, ମଉଲାଭଞ୍ଜା, ପପଙ୍ଗା ପାହାଡ଼ରେ ସୁରେନ୍ଦ୍ରଙ୍କ ସମରସଜ୍ଜା ଇଂରେଜ ଶାସନର ରଣକୌଶଳ ଦୋହଲାଇ ଦେଲା। ଅନେକ ସହଯୋଗୀଙ୍କୁ ଫାଶୀ ଦିଆଗଲା ବା ହତ୍ୟା କରାଗଲା, କିନ୍ତୁ ଆନ୍ଦୋଳନ ଅବ୍ୟାହତ ରହିଲା। ଷଡ଼ଯନ୍ତ୍ର ଯୋଗୁ ସୁରେନ୍ଦ୍ରଙ୍କ ଜୀବନ ୩୭ ବର୍ଷ କରାଗାରରେ କଟିଲା। ଶେଷରେ ୧୮୮୪ ମସିହା, ଆଜିର ଦିନରେ ତାଙ୍କ ଜୀବନ ଦୀପ ଲିଭିଗଲା। ସମ୍ବଲମାଟିର ହୃତ୍ ଗୌରବ ଫେରି ପାଇବା ପାଇଁ ତାଙ୍କ ହୃଦୟ ସର୍ବଦା କାନ୍ଦୁଥିଲା। ଆଜି ସେ ଧରା ବକ୍ଷରେ ନାହାନ୍ତି, କିନ୍ତୁ ତାଙ୍କ ଅମ୍ଳାନ କୀର୍ତ୍ତି ଓ ବୀରତ୍ୱ ସ୍ମୃତି ଇତିହାସର ପୃଷ୍ଠାମଣ୍ଡନ କରୁଛି।



ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦

ମ୍ୟାଟ୍ରିକ ପରୀକ୍ଷା ସମୟରେ ରାସ୍ତାଜାମକୁ ନେଇ ସାଧାରଣରେ ଅସନ୍ତୋଷ ତେଜୁଛି



ଯୋଡା (ପିଏନ୍): ଭାରୀଯାନ ଗୁଡିକ ମଧ୍ୟରେ ପ୍ରତିଯୋଗୀତା ଓ ଚାଳକ ମାନଙ୍କର ବେପରୁଆ ଗାଡି ଚାଳନା କାରଣରୁ ୨୪ ତାରିଖ ରାତିରୁ ଜାତୀୟ ରାଜପଥ-୫୨୦ ନଂ ରିମୁଳି ଠାରୁ କୋଇଡା ପର୍ଯ୍ୟନ୍ତ ପ୍ରାୟ ୩ ଦିନ ଧରି ଟ୍ରାଫିକ ଜାମ ହୋଇ ରହିଥିବାରୁ ଗମନାଗମନ ଏକପ୍ରକାର ଠପ୍ ହେବା ଦ୍ୱାରା ସାଧାରଣରେ ଅସନ୍ତୋଷ ତେଜିବାରେ ଲାଗିଛି । ଅଧିକରୁ ଅଧିକ ଟ୍ରିପ୍ କରିବା ଲକ୍ଷ୍ୟରେ ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରି ଲୁହାପଥର ବୋଝେଇ ଭାରୀଯାନ ଗୁଡିକ ବିପର୍ଯ୍ୟସ୍ତ ଦୁଇ ଥାକିଆ ରାଜପଥର ଉଭୟ ପାର୍ଶ୍ୱକୁ ଆବୋରି ରାସ୍ତାରେ ଦଣ୍ଡାୟମାନ ହୋଇଥିବା କାରଣରୁ ଏଭଳି ମନୁଷ୍ୟକୃତ ରାସ୍ତା ଅବରୋଧ ପରିଲକ୍ଷିତ ହୋଇଥିବାର କୁହାଯାଇଛି । ଅଧୁନା ମ୍ୟାଟ୍ରିକ ପରୀକ୍ଷା ଚାଲୁଥିବାରୁ ପରୀକ୍ଷାର୍ଥୀ ଓ ଅଭିଭାବକ ମାନେ ପରୀକ୍ଷା କେନ୍ଦ୍ରରେ ସଠିକ୍ ସମୟରେ ପହଞ୍ଚିବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ଖଣିଜ ପରିବହନରେ ନିୟୋଜିତ ହେଉଥିବା ଭାରୀଯାନର ଅବାଧ ପ୍ରବେଶ ହିଁ ରାସ୍ତାଜାମର ମୁଖ୍ୟ ସମସ୍ୟା ପାଲଟିଛି । ଯୋଡା ଏବଂ କୋଇଡା ଖଣିମଣ୍ଡଳ ଅନ୍ତର୍ଗତ ଅଞ୍ଚଳରୁ ଲମ୍ବା ଭାରୀଯାନ ଗୁଡିକ କୌଣସି କଟକଣା ନମାନି ବେଧଡକ ଭାବେ ଚଳପ୍ରଚଳ କରି ସମ୍ପୂର୍ଣ୍ଣ ରାସ୍ତାଟିକୁ ତାଙ୍କ ଅକ୍ତିଆରରେ ରଖୁଥିବାରୁ ବାଇକ ଆରୋହୀ,ଆମ୍ବୁଲେନସ,୪ ଚକିଆ ଯାନ ସହ ଦିନ ଓ ରାତ୍ରିକାଳୀନ ଚାଲୁଥିବା ଯାତ୍ରିବାହୀ ବସଗୁଡିକ ଏକ ପ୍ରକାର ଅସହାୟ ହୋଇପଡି ହାତ ଟେକି ଦେଇଛନ୍ତି । ଏହି ୩ ଦିନର ଜାମ ଦ୍ୱାରା ରାତି ୧୦ଟାରୁ ଦୂରଦୂରାନ୍ତ ଅଭିମୁଖେ ବାହାରୁଥିବା ବସ ଗୁଡିକ ସକାଳ ପରିବର୍ତ୍ତେ ସନ୍ଧ୍ୟା ବା ରାତି ସମୟରେ ସେମାନଙ୍କ ନିଜ ନିଜ ଗନ୍ତବ୍ୟସ୍ଥଳକୁ ପହଞ୍ଚୁଥିବାରୁ ଭୋକଉପାସରେ ଯାତ୍ରୀମାନେ ଘଣ୍ଟା ଘଣ୍ଟା ପଡି ରହୁଥିବା ଦେଖିବାକୁ ମିଳେ । ଭିଡ ନିୟନ୍ତ୍ରଣ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ସ୍ଥାନୀୟ ପୋଲିସ ସମେତ ବିଭିନ୍ନ ଖଣି କମ୍ପାନୀ ଦ୍ୱାରା ନିୟୋଜିତ ଘରୋଇ ସୁରକ୍ଷାକର୍ମୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ ମଧ ବାସ୍ତବକ୍ଷେତ୍ରରେ ଫଳଶୂନ । ଟ୍ରାଫିକ କଣ୍ଟ୍ରୋଲ ବା ଭିଡ ନିୟନ୍ତ୍ରଣ ପେନ ଆଣ୍ଡ ପେପରରେ ଚାଲୁଥିବା ବେଳେ କେନ୍ଦୁଝର ଜିଲ୍ଲା ପ୍ରଶାସନ ସବୁ ଜାଣି ନଜାଣିବାର ନୀତିରେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛନ୍ତି । ବିଶେଷକରି ଚଳିତ ମାସ ୨୪,୨୫ ଓ ୨୬ ତାରିଖ ରାସ୍ତାଜାମ ସବୁକଷ୍ଟ ଠାରୁ ବଳିଯାଇଛି ବୋଲି ଯୋଡା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ମ୍ୟାଟ୍ରିକ ପରୀକ୍ଷା ସମୟରେ ସରକାର ଟ୍ରାଫିକ ସମ୍ବନ୍ଧୀୟ ବିଭିନ୍ନ ନିୟମ ଲାଗୁ କରିଥିଲେ ମଧ ଯୋଡା-ବଡବିଲ ଅଞ୍ଚଳରେ ସରକାରଙ୍କ ସବୁ ନିୟମ ଓ ଯୋଜନା ଫେଲ ମାରିଛି । ତେଣୁ ସରକାର କିମ୍ବା ଜିଲ୍ଲା ପ୍ରଶାସନ ଯଦି ଏଘଟଣାକୁ ଗୁରୁତର ସହ ନନେଇ ସମାଧାନ ନକରନ୍ତି ତେବେ ଆଗାମୀ ସପ୍ତାହ ମଧ୍ୟରେ ଏକ ବଡଧରଣର ଜନ ଆନ୍ଦୋଳନ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୦, ଫେବୃଆରୀ ୨୮

ଉତ୍କଟ ବେକାରୀ ସମସ୍ୟାର ପରିଣାମ !

ଲୋକଙ୍କ ପାଇଁ ସରକାର । ବିଭିନ୍ନ ସରକାରୀ କାର୍ଯ୍ୟ ଓ ଲୋକକଲ୍ୟାଣକାରୀ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ପାଇଁ ସରକାର କର୍ମଚାରୀ ଆବଶ୍ୟକ କରିଥାନ୍ତି । ସରକାରୀ କାର୍ଯ୍ୟକ୍ରମ ସଂପ୍ରସାରଣ ସହିତ ନୂଆନୂଆ କାମ ପାଇଁ ଅଧିକରୁ ଅଧିକ ଲୋକଶକ୍ତିର ଆବଶ୍ୟକତା ରହିଛି । ଓଡ଼ିଶା ସରକାରଙ୍କ ଯେତେସବୁ ବିଭାଗ ଅଛି ତାହାକୁ ଚଳାଇବାପାଇଁ ଏବେ ୫,୬୫,୦୨୯ ମଂଜୁରୀପ୍ରାପ୍ତ ପଦ ରହିଛି । ସରକାରୀ ତଥ୍ୟ ଅନୁସାରେ ସେଥି ମଧ୍ୟରୁ ଏକଲକ୍ଷ ୩୮ହଜାର ୩୫୫ ପଦ ଖାଲି ପଡ଼ିଛି । ବିଶେଷ କରି ତୃତୀୟ ଶ୍ରେଣୀର କର୍ମଚାରୀ, ଯେଉଁମାନେ କି କାର୍ଯ୍ୟ ନିର୍ବାହର ଅଧିକ ବୋଝ ନିଅନ୍ତି ସେହି ପଦ ମଧ୍ୟରୁ ସର୍ବାଧିକ ଖାଲି, ଯାହାର ସଂଖ୍ୟା ୭୬ହଜାରରୁ ଅଧିକ । ଏସବୁ ପଦ ଖାଲି ପଡ଼ିବାର କାରଣ ଅର୍ଥାଭାବ । ସରକାରୀ ପଦ ଉଚ୍ଛେଦ ପ୍ରକ୍ରିୟା ଏବେକାର ନୁହେଁ । ବହୁଦିନ ତଳୁ ରାଜ୍ୟର ବିପର୍ଯ୍ୟସ୍ତ ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ପଦ ଉଚ୍ଛେଦ ଓ କର୍ମଚାରୀସଂଖ୍ୟା ହ୍ରାସ ପଦକ୍ଷେପ ଆରମ୍ଭ ହୋଇଥିଲା । ସରକାରଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବା ସତ୍ତ୍ୱେ ଏହି ନୀତିରେ ବିଶେଷ କିଛି ପରିବର୍ତ୍ତନ ଘଟିନାହିଁ । ଅର୍ଥମନ୍ତ୍ରୀଙ୍କ ସୂଚନା ଅନୁସାରେ ରିକ୍ତ ପଦଗୁଡ଼ିକ ମଧ୍ୟରୁ ୪୧,୬୩୫ଟିକୁ ଉଚ୍ଛେଦ କରାଯାଇଛି । ବିକଳ୍ପ ବ୍ୟବସ୍ଥା ଭାବେ ଠିକା, ଅସ୍ଥାୟୀ ଏବଂ ସେବାନିବୃତ୍ତ କର୍ମଚାରୀମାନଙ୍କୁ ପୁନଃନିଯୁକ୍ତି ଦେଇ ସରକାର କାମ ଚଳାଉଛନ୍ତି । ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁକଲ୍ୟାଣ, ଗ୍ରାମ୍ୟ ଉନ୍ନୟନ, ନିର୍ମାଣ ଓ ରାଜସ୍ୱଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକର କାର୍ଯ୍ୟଧାରା ବ୍ୟାହତ ହେବା ସ୍ୱାଭାବିକ । ଗୋଟିଏ ପଟେ ରାଜ୍ୟରେ ଶିକ୍ଷିତ ଓ ଯୋଗ୍ୟ ଯୁବକଯୁବତୀ ବେକାର ହୋଇ ବସିଥିବାବେଳେ ଅପରପକ୍ଷରେ ସରକାରୀ ନିଯୁକ୍ତି ସଂକୁଚିତ ହେଉଛି । ନିଯୁକ୍ତି ଏକ ନିରନ୍ତର ପ୍ରକ୍ରିୟା ଏବଂ ତଦନୁସାରେ ଏହା ଚାଲିଛି ବୋଲି ଅର୍ଥମନ୍ତ୍ରୀଙ୍କର ମନ୍ତବ୍ୟ ଚିରାଚରିତ ଏବଂ ଏଥିରେ କୌଣସି ନୂତନତ୍ୱ ନାହିଁ । ସତକଥା ହେଲା ଯେଉଁ ଢ଼ଙ୍ଗରେ ନିଯୁକ୍ତି ଚାଲିଛି ତାହା ଅବ୍ୟାହତ ରହିଲେ ଦୈନନ୍ଦିନ କାର୍ଯ୍ୟନିର୍ବାହ ପାଇଁ ଆଉ କିଛିଦିନ ପରେ କର୍ମଚାରୀ ମିଳିବେନି । ଏହି ସମସ୍ୟା କେତେ ଉତ୍କଟ ତାହା ବିଧାନସଭା ସଚିବାଳୟରୁ ଜାଣିହେବ । ବିଭାଗୀୟ ମୁଖ୍ୟ ଦପ୍ତର ଓ ରାଜ୍ୟ ସଚିବାଳୟରେ ମଧ୍ୟ ଅନୁରୂପ ଅବସ୍ଥା । ତେଣୁ ମନ୍ତ୍ରୀମାନେ ଯେଉଁ ତଥ୍ୟ ବିଧାନସଭାରେ ଉପସ୍ଥାପନ କରୁଛନ୍ତି ସେଥିରେ ତ୍ରୁଟିବିଚ୍ୟୁତି ରହୁଛି । ଅସଲ କଥା ନ କହି ଏହି ତ୍ରୁଟିକୁ ଶାସକଦଳର ନେତାମାନେ ବୁଲେଇବଙ୍କେଇ କହୁଛନ୍ତି । ଏହି ପ୍ରସଙ୍ଗ ଦୁଇଟି ପ୍ରଶ୍ନ ଉତ୍‌ଥାପିତ କରୁଛି । ସରକାର ଲୋକ ନିଯୁକ୍ତି କଲେ ଯେ ବେକାରୀ ସମସ୍ୟାର ସମାଧାନ ହୋଇଯିବ, ଏହା ସମ୍ଭବ ନୁହେଁ । ଏହା ନିଯୁକ୍ତି ଯୋଗାଣରେ ଆଂଶିକ ସହାୟକ ହେବ । ଏହାସହିତ ସରକାରଙ୍କ କାର୍ଯ୍ୟଦକ୍ଷତା ବଢ଼ିବ ଏବଂ ବିକାଶ ପ୍ରକ୍ରିୟା ଅବଶ୍ୟ ତ୍ୱରାନ୍ୱିତ ହେବ । ଦ୍ୱିତୀୟ କଥା ହେଉଛି ସାରାବିଶ୍ୱରେ ଏବେ ଅଟୋମେଶନ ବା ସ୍ୱୟଂକ୍ରିୟ ଯନ୍ତ୍ରାୟନ ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଯାଉଛି । ସ୍ୱୟଂକରଣ ଓ କମ୍ପ୍ୟୁଟର ବ୍ୟବସ୍ଥାର ଉପଯୋଗ କରାଯାଇ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରାଯାଉଛି । ବୈଷୟିକ ଜ୍ଞାନଧାରୀଙ୍କୁ ନିଯୁକ୍ତି ଦିଆଯାଇ ଫାଇଲ ଚାଷ ବ୍ୟବସ୍ଥାକୁ ନିରୁତ୍ସାହିତ କରାଯାଉଛି । ଦକ୍ଷ ତଥା କୁଶଳୀ କର୍ମଚାରୀଙ୍କୁ ଠିକା ଭିତ୍ତିରେ ନିଯୁକ୍ତି ଦେଇ ପ୍ରଦର୍ଶନ ଭିତ୍ତିରେ ପ୍ରାପ୍ୟ ପ୍ରଦାନର ବ୍ୟବସ୍ଥା ହେଉଛି । ସ୍ଥାୟୀ ଚାକିରି, ପେନସନ, ଭତ୍ତା ଆଦି ଦେଇ ଅଣକୁଶଳୀ କର୍ମଚାରୀଙ୍କୁ ପୋଷିବାକୁ କେହି ଚାହୁଁନାହାନ୍ତି । ଅଟୋମେଶନ ଯୋଗୁଁ ଏବେ ସାରାବିଶ୍ୱରେ ଲକ୍ଷଲକ୍ଷ ଲୋକ ଜୀବିକା ହରାଉଛନ୍ତି । ୟୁରୋପ ଓ ଆମେରିକାରେ ଏହା ଏକ ସାମାଜିକ, ଆର୍ଥିକ ସମସ୍ୟା ସୃଷ୍ଟି କଲାଣି । ଅନେକ ଆଇଟି କମ୍ପାନୀ ଏହି ବ୍ୟବସ୍ଥା ଆପଣେଇଛନ୍ତି । ଭାରତରେ ଅଟୋମେଶନକୁ ବିରୋଧ ସତ୍ତ୍ୱେ ଏହା ଯେ ଘରୋଇକ୍ଷେତ୍ରକୁ କବଳିତ କରିବ ଏବଂ ଶିଳ୍ପ, ଆଇଟି, ସେବା, ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିବ, ଏହା ଅବଧାରିତ । ଆଜି ନ ହେଲେ ଏହା ଆସନ୍ତାକାଲି ହେବ । ଏଭଳି ଅବସ୍ଥାରେ ବେକାରୀ ସମସ୍ୟା କି ଉତ୍କଟ ହେବ ତାହା କଳ୍ପନା କରିବା କଷ୍ଟ । ଏଭଳି ସମୟରେ ସରକାରୀ ଉଦ୍ୟୋଗଗୁଡ଼ିକ ସହିତ ସରକାର ଯଦି ନିଜନିଜର କର୍ମଚାରୀଙ୍କ ସଂଖ୍ୟା ଅନୁମୋଦିତ ପଦଠାରୁ ଯଥେଷ୍ଟ କମାଇବେ ତାହାର ପରିଣାମ କ'ଣ ହେବ ସରକାର ସେ ବିଷୟରେ ଗୁରୁତ୍ୱର ସହ ଚିନ୍ତା କରିବାର ସମୟ ଆସିଛି । ଆମ ସରକାର ଏବେ ଏକ ପେନସନ୍‌ଭୋଗୀ ସମାଜ ଗଠନ ଦିଗରେ ଆଗେଉଛନ୍ତି । ସାମାଜିକ କଲ୍ୟାଣ ନାମରେ ବିଭିନ୍ନ ବର୍ଗର ଓ ବୟସର ଲୋକଙ୍କୁ ସରକାର ସାମାଜିକ ନିରାପତ୍ତା ନାମରେ କିଛିକିଛି ଅର୍ଥ ସହାୟତା ଓ ପେନସନ ଆକାରରେ ଦେଉଛନ୍ତି । କରଦାତାଙ୍କ ଅର୍ଥକୁ ସେ ବାଟରେ ଦେଇ ରାଜନୈତିକ ଫାଇଦା ଉଠାଯାଉଛି; ଅଥଚ ରୋଜଗାରକ୍ଷମ ବୟସର ଲୋକଙ୍କୁ ରୋଜଗାରର ପର୍ଯ୍ୟାପ୍ତ ସୁଯୋଗସୁବିଧା ମିଳୁନାହିଁ । ସର୍ବୋପରି ରାଜକୋଷକୁ ଅର୍ଥ ଆଣିବାପାଇଁ ଓ ବିଭିନ୍ନ ସରକାରୀ ଓ ଜନମଙ୍ଗଳ କାର୍ଯ୍ୟ ସଂପାଦନ କରିବାକୁ ଲୋକଙ୍କୁ ନିଯୁକ୍ତି ଦିଆଯାଉନି । ଏବେ ଦେଖାଯାଉଛି ଯେ ମୁଖ୍ୟମନ୍ତ୍ରୀ ବିଭିନ୍ନ ସରକାରୀ ଚାକିରି ପାଇଁ ମନୋନୀତ ପ୍ରାର୍ଥୀମାନଙ୍କୁ ନିଯୁକ୍ତିପତ୍ର ବାଣ୍ଟୁଛନ୍ତି । ଏ ବ୍ୟବସ୍ଥାଟି ଆଗରୁ ନଥିଲା । ଏଭଳି କାର୍ଯ୍ୟରୁ ଏକ ଧାରଣା ହେଉଛି ଯେ ସରକାର ତାଙ୍କର ପ୍ରଚାରସର୍ବସ୍ୱ ନୀତିରେ ଦେଖାଇବାକୁ ଚାହାନ୍ତି ଯେ ସବୁବର୍ଗଙ୍କୁ ନିଯୁକ୍ତି ମିଳୁଛି । ବାସ୍ତବରେ କେତେ ନିଯୁକ୍ତି ମିଳୁଛି ଓ କେତେ ପଦ ରିକ୍ତ ପଡ଼ିଛି ସେ ଖବର ଦାଣ୍ଡରେ ପଡ଼ି ହାଟରେ ଗଡ଼ଗଡ଼ଉଛି । ସରକାର ଏ ସମ୍ପର୍କରେ ଆତ୍ମସମୀକ୍ଷା କରିବାର ସମୟ ଆସିଛି ।

ଆଜିର ଅନୁଚିନ୍ତା

'ମୁଁ'ତ୍ୱକୁ କେବଳ ଦେହ ଭିତରେ ସୀମାବଦ୍ଧ କରି ରଖିଲେ ଆତ୍ମାନନ୍ଦ ମିଳିବ କିପରି ?

ଯିଏ ଯେଝା ପାଇଁ ଲାଗିଲେ

ଆମେ ପୂଜାପାଠ, ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଗୁରୁଦ୍ୱାର ଆଦିକୁ ଗୁରୁତ୍ୱ ଦେଉ । ସେଇଠି ଉପାସନା କରୁ । ବାହାରକୁ ଆସିଲେ ଈଶ୍ୱରଙ୍କୁ ଅନୁଭବ କରୁନା । କିନ୍ତୁ ମନେରଖିବାକୁ ହେବ, ଈଶ୍ୱରଙ୍କୁ ଅନୁଭବ କରିବା ପାଇଁ ବାହ୍ୟ ଉପାସନା ପ୍ରାଥମିକ ସ୍ତର । ମନରେ ଉପାସନା ହିଁ ଶ୍ରେଷ୍ଠ ଉପାସନା । ଅନ୍ତର ଉପାସନାକୁ ଭିତ୍ତିକରି ମଣିଷର ଚିତ୍ତ ଶୁଦ୍ଧି ହୋଇଥାଏ । ବେଳେବେଳେ ସନ୍ଥ, ମୁଲ୍ଲା, ଫାଦର ଇତ୍ୟାଦିଙ୍କର ସ୍ଖଳନ ହୁଏ । ଏହାର ମୁଖ୍ୟ କାରଣ ହେଉଛି ସେମାନଙ୍କର ଚିତ୍ତ ଶୁଦ୍ଧି ହୋଇନଥାଏ । ଚିତ୍ତ ଶୁଦ୍ଧି ହେବା ପାଇଁ ବାହ୍ୟ ଆଡ଼ମ୍ବର ନୁହେଁ; ଅନ୍ତରରେ ଉପାସନାର ଆବଶ୍ୟକତା ଜରୁରୀ । କଂସର ବନ୍ଦୀଶାଳରେ ଭଗବାନ କୃଷ୍ଣ ଜନ୍ମନେଲେ । ଶିଶୁ ଜନ୍ମଦେଖି ବସୁଦେବ ଚିନ୍ତାକଲେ କିଛି ଗୋ-ଦାନ କରନ୍ତି; ଗଙ୍ଗାସ୍ନାନ ଭଳି ପୁଣ୍ୟକର୍ମ କରନ୍ତି । ହେଲେ ବନ୍ଦୀଗୃହରେ ଏ ସୁବିଧା କାହୁଁ ମିଳନ୍ତା ! ତେଣୁ ମୁହୂର୍ତ୍ତେମାତ୍ର ଆଖି ବୁଜିଦେଲେ । 'ମନରେ ଗଙ୍ଗାସ୍ନାନ କଲା । ଅୟୁତେ ଧେନୁ ଉତ୍ସର୍ଗିଲା ।।' ସେହିପରି ଆମେ ପୂଜା ପାଠ ପାଇଁ ଫୁଲଟିଏ ତୋଳୁଛୁ । ଫୁଲ ନଥିଲେ ଚୋରି କରୁଛୁ । ଯଜ୍ଞପାଇଁ ଶୁଦ୍ଧ ଘୃତ ପାଉନାହୁଁ । ଖରାପ ଘୃତରେ ଯଜ୍ଞକରି ବାୟୁମଣ୍ଡଳକୁ ଦୂଷିତ କରୁଛୁ । ପୂଜା-ଅର୍ଚ୍ଚନାରେ ଆମେ ନିଜେ ସିନା ଖୁସି ହେଉଛୁ, ହେଲେ ପରିବେଶ ଉପରେ କୁପ୍ରଭାବ ପଡୁଛି । ତେଣୁ ମାନସିକ ସ୍ତରରେ ପୂଜା କରିବାଦ୍ୱାରା ଚିତ୍ତଶୁଦ୍ଧି ହୁଏ । ସନ୍ଥ ସେଦିନ ଚିତ୍ତ ଶୁଦ୍ଧି ବିଷୟରେ ବୁଝାଇବାକୁ ଯାଇ ଶିଷ୍ୟମାନଙ୍କୁ କହିଲେ-ଠାକୁର ପୂଜା କରିବାକୁ ଗଲାବେଳେ ତୁମେ ନିରୋଳା ଘରେ ଠାକୁରଙ୍କ ବିଗ୍ରହ ସାମନାରେ ବସିଯାଅ । କିଛି ସମୟ ଆଖି ମୁଦିଦିଅ । ମନରେ ପୂଜା ଆରମ୍ଭକର । ମନରେ ଫୁଲବଗିଚାରେ ପହଞ୍ଚିଯାଅ । ମନମାଫିକ୍ ଫୁଲ ତୋଳିଆଣ । ଠାକୁରଙ୍କୁ ମନ ମୁତାବକ ଲୁଗାପିନ୍ଧାଅ, ଫୁଲଚଢ଼ାଅ । ଭାବନା ସ୍ତରରେ କେବଳ ଉପାସନା କରିଚାଲ । ପ୍ରାଥମିକ ସ୍ତରରେ ମନ ଇତସ୍ତତଃ ହେବ । ଅଡୁଆତଡୁଆ ଲାଗିବ । କିଛି ଦିନ ଅଭ୍ୟାସ କର । ଦେଖିବ ମାନସ ପୂଜାରେ ଖୁବ୍ ଶାନ୍ତି ମିଳିବ । ମାନସ ପୂଜା ହେଉଛି ଧ୍ୟାନର ଗୋଟିଏ ଅଂଶ । ତୁମେ ବାହାରେ ପୂଜା କରିବାକୁ ଗଲାବେଳେ ମନ ଅନ୍ୟ କ'ଣ ଭାବୁଛି । ଶରୀର ଯାହା କରୁଛି ମନ ତାହା କରୁନି । ତୁମେ ଠାକୁରଙ୍କୁ ଫୁଲ ଦେଉଛ, ମନରେ ଅନ୍ୟକାହା ସହିତ କଥା ହେଉଥିବ । ଏମିତି ଉପାସନା ତାଙ୍କ ପାଖରେ ପହଞ୍ଚିବନାହିଁ । ଫୁଲ ନଦେଇ ଯଦି କେବଳ ମନରେ ଫୁଲଟିଏ ଅର୍ପଣ କର, ସେହି ଫୁଲରେ ତାଙ୍କର ଅତି ଆଦର । ଗଛ ତାଙ୍କର । ଫୁଲ ତାଙ୍କର । ତୁମେ ବି ତାଙ୍କର । ତାଙ୍କରି ଫୁଲକୁ ଗଛରୁ ଛିଣ୍ଡାଇ, ଗଛର ସୌନ୍ଦର୍ଯ୍ୟ ନଷ୍ଟକରି ଠାକୁରଙ୍କୁ ଲଗେଇଲେ ସେ ସତରେ କ'ଣ ଖୁସି ହେଉଥିବେ ? ଫୁଲ ଦେବା ହେଉଛି ତାଙ୍କୁ ମନ ଦେବାର ମାଧ୍ୟମ । ଫୁଲର ଅନ୍ୟ ନାମ ସୁମନ, ଅର୍ଥାତ ସୁ-ମନ । ଫୁଲ ମାଧ୍ୟମରେ ତାଙ୍କୁ ମନ ଦିଅ; କିନ୍ତୁ ତୁମେ ଫୁଲ, ପତ୍ର, ଜଳ, ଭୋଗ, ଦୀପ, ପ୍ରାର୍ଥନା, ସବୁ ତାଙ୍କ ପାଖରେ ଅଜାଡ଼ି ଦେଉଛ । ମନ ଦେଇପାରୁନା । ମନରେ ଉପାସନା ଅଭ୍ୟାସ କର । ଅବାଟରେ ଯାଇପାରିବ ନାହିଁ ।

ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ
କଳ୍ପବଟ ....

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ନୈତିକ ଶିକ୍ଷାର ଆବଶ୍ୟକତା !

........ଜବାହରଲାଲ ସୁବୁଦ୍ଧି

ପ୍ରାଚୀନ କାଳରେ ନୈତିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଥିଲା । ନୈତିକ ଶିକ୍ଷା ଦିଆଯାଉଥିବାରୁ ଏହାର ସୁପ୍ରଭାବ ସମାଜ ଉପରେ ପଡୁଥିଲା । ଏ ସୃଷ୍ଟିରେ ଭଗବାନ ମଣିଷକୁ ସୃଷ୍ଟି କରିଛନ୍ତି ଏଥିପାଇଁ ଯେ, ସେ ନିଜେ ବଞ୍ଚିବା ସହିତ ଅନ୍ୟ ପ୍ରାଣୀମାନଙ୍କୁ ବଞ୍ଚିବା ଓ ବଢ଼ିବାରେ ସାହାଯ୍ୟ କରିବ । ଅନ୍ୟମାନଙ୍କୁ ତା'ର ସାମର୍ଥ୍ୟମତେ ସାହାଯ୍ୟ, ସହଯୋଗ ତଥା ସେବା ଯୋଗାଇ ଦେଇ ତା' ନିଜ ଜୀବନକୁ ସାର୍ଥକ କରିବ । ଶିକ୍ଷା ସମ୍ପର୍କରେ ଉପନିଷଦରେ-*'ସା ବିଦ୍ୟା ଯା ବିମୁକ୍ତୟେ'* କହିଲା ବେଳେ ଶ୍ରୀମଦ୍ ଭଗବତ ଗୀତାରେ 'ପୃଥିବୀରେ ଜ୍ଞାନ ସଦୃଶ ପବିତ୍ର ବସ୍ତୁ ଅଧିକ କିଛି ନାହିଁ ।' ଆରିଷ୍ଟଟଲଙ୍କ ମତରେ 'ସୁସ୍ଥ ଶରୀରରେ ସୁସ୍ଥମନ ସୃଷ୍ଟି କରିବାହିଁ ଶିକ୍ଷା' । ସକ୍ରେଟିସ୍‌ଙ୍କ ମତରେ-'ଅନ୍ତର୍ନିହିତ ସତ୍ୟର ଆବିଷ୍କାରହିଁ ଶିକ୍ଷା' । ପ୍ରାଚୀନ କାଳରେ ଆମ ପ୍ରିୟ ଦେଶ ଭାରତ ବର୍ଷର ମୁନିଋଷିମାନେ ପୃଥିବୀର ମଙ୍ଗଳ ନିମନ୍ତେ ଯାଗଯଜ୍ଞ କରୁଥିଲେ । ସେମାନଙ୍କ ଲକ୍ଷ୍ୟ ଥିଲା ଯେ-

'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ । ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିଦ୍ ଦୁଃଖ ଭାଗ୍ ଭବେତ୍ ।'

ଅର୍ଥାତ ସମଗ୍ର ପୃଥିବୀବାସୀ ସୁଖରେ ରୁହନ୍ତୁ, ନିରାମୟ ରୁହନ୍ତୁ, ସୁଖଶାନ୍ତି, ଭଦ୍ରଭାବେ ବଞ୍ଚି ରୁହନ୍ତୁ ତଥା ଭଗବାନ ସେମାନଙ୍କ ଦୁଃଖ ହରଣ କରନ୍ତୁ ।

ଏହା ହିଁ ଥିଲା ମୁନିଋଷିମାନଙ୍କ ବାଣୀ । ମୁନିଋଷିମାନେ ସାରା ପୃଥିବୀ ଭ୍ରମଣ କରି ବିଶ୍ୱଭ୍ରାତୃତ୍ୱ ଭାବ ଓ ବିଶ୍ୱ ପ୍ରେମଭାବ ପ୍ରଚାର ପ୍ରସାର କରୁଥିଲେ । ପୃଥିବୀର ମନୁଷ୍ୟ ତଥା ଜୀବଜନ୍ତୁମାନଙ୍କ ମଙ୍ଗଳ ବିଧାନ କରୁଥିଲେ । ପରିବାରଠାରୁ ଆରମ୍ଭ କରି ସମାଜ, ରାଷ୍ଟ୍ର ତଥା ବିଶ୍ୱର ମଙ୍ଗଳ କାମନା କରି ସମସ୍ତଙ୍କୁ ନୈତିକ ଶିକ୍ଷା ମନ୍ତ୍ରରେ ଦୀକ୍ଷିତ କରୁଥିଲେ । ପ୍ରତ୍ୟେକ ବ୍ୟକ୍ତିର ନୈତିକତାଦ୍ୱାରା ହିଁ ଅଭିବୃଦ୍ଧି ଘଟେ । ନୈତିକତାବିହୀନ ମଣିଷ ପଶୁତୁଲ୍ୟ । ସାଂପ୍ରତିକ ଯୁଗରେ ଭାରତବର୍ଷରେ ହତ୍ୟା, ଲୁଣ୍ଠନ, ରାହାଯାନି, ଅପରାଧ ଓ ଗଣଦୁଷ୍କର୍ମ ଆଦି ଯାବତୀୟ କୁକାର୍ଯ୍ୟ ଘଟୁଛି । ମୂଲ୍ୟବୋଧର ସଙ୍କଟ ଦେଖାଦେଉଛି, ତାହା କେବଳ ନୈତିକ ଶିକ୍ଷାର ଅଭାବ ଯୋଗୁଁ ।

ଏହିସବୁ ଅନୈତିକ କାର୍ଯ୍ୟ ଯୋଗୁଁ ଘଟୁଥିବା ହତ୍ୟା, ଲୁଣ୍ଠନ, ରାସ୍ତାରୋକ, ଜିଲ୍ଲାବନ୍ଦ, ରାଜ୍ୟବନ୍ଦ, ଭାରତ ବନ୍ଦ ଫଳରେ ଦେଶର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେବାସହିତ ଜନସାଧାରଣଙ୍କର କୋଟି କୋଟି ଟଙ୍କା ସହିତ ଧନଜୀବନ ମଧ୍ୟ ନଷ୍ଟ ହୋଇଯାଉଛି । ଦେଶର ବିକାଶ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି, ତେଣୁ ଆମ ଦେଶର ବୁଦ୍ଧିଜୀବୀ ତଥା ଚିନ୍ତାଶୀଳ ବ୍ୟକ୍ତି ନୈତିକ ଶିକ୍ଷାର ଗୁରୁତ୍ୱ ଉପଲବ୍ଧି କରି ଦେଶର ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ନୈତିକ ଶିକ୍ଷା ପ୍ରଚଳନ ନିମିତ୍ତ ଆଗ୍ରହ ପ୍ରକାଶ କରୁଛନ୍ତି ।

୧୯୫୩ ମସିହାରେ ମୁଦାଲିୟର କମିଶନ ଶିକ୍ଷାନୁଷ୍ଠାନରେ ଧାର୍ମିକ ଓ ନୈତିକ ଶିକ୍ଷା ପ୍ରଚଳନକୁ ପସନ୍ଦ କରିନଥିଲେ । ତାଙ୍କର ମତ ଥିଲା ଭାରତବର୍ଷ ହେଉଛି ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର । ଧର୍ମନିରପେକ୍ଷ ରାଷ୍ଟ୍ରରେ ଧର୍ମଉପରେ ଦିଆଯାଉଥିବା ଶିକ୍ଷାକୁ ଶିକ୍ଷାନୁଷ୍ଠାନ ସମୟର ବାହାରେ ଓ ଅଭିଭାବକମାନଙ୍କର ଅନୁମତି ନେଇ ଦିଆଯିବା ଆବଶ୍ୟକ । ସ୍କୁଲ ସମୟ ପରେ ଛାତ୍ରମାନଙ୍କୁ ପଢାଇବାକୁ ହେଲେ ଏଥିପାଇଁ ଅଲଗା ଶିକ୍ଷକ ନିଯୁକ୍ତ ହେବା ଆବଶ୍ୟକ । ଏଥିପାଇଁ ସଂଖ୍ୟାନ୍ୟୂନ ଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ ବିଦ୍ୟାଳୟକୁ ଛାଡ଼ିଦେଲେ ଅନ୍ୟସବୁ ବିଦ୍ୟାଳୟଗୁଡ଼ିକରେ ଏହି ଧର୍ମ ଓ ନୀତିଶିକ୍ଷା ବନ୍ଦ କରିଦିଆଗଲା ।

ଦେଶ ବିଜ୍ଞାନ ଅଭିମୁଖୀ ହୋଇଥିବାରୁ ପାଠ୍ୟପୁସ୍ତକଗୁଡ଼ିକ ବଦଳାଇଦିଆଗଲା । ଏହି ଅଭିଯାନରେ ଧର୍ମ ଓ ନୈତିକ ଶିକ୍ଷା ସମ୍ବଳିତ ବହିଗୁଡ଼ିକୁ ଉଠାଇ ଦିଆଗଲା ଏବଂ ତା' ବଦଳରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ତଥା କାରିଗରିବିଦ୍ୟା ଆଧାରିତ ପୁସ୍ତକଗୁଡ଼ିକ ଶିକ୍ଷାନୁଷ୍ଠାନମାନଙ୍କରେ ପାଠ୍ୟପୁସ୍ତକ ଭାବେ ପ୍ରଚଳନ କରାଗଲା । ପାଠ୍ୟପୁସ୍ତକଗୁଡ଼ିକରେ ଧାର୍ମିକ ଓ ନୈତିକ ଶିକ୍ଷାକୁ ବିମୁକ୍ତ କରି ଦିଆଗଲା । ବିଦ୍ୟାଳୟରେ ନୈତିକ ଶିକ୍ଷା ବ୍ୟବସ୍ଥାକୁ ଉଠାଇଦିଆଗଲା । ଫଳରେ ସମାଜରେ ଖରାପ ପ୍ରଭାବ ପଡ଼ିଲା । ଛାତ୍ରଛାତ୍ରୀମାନେ ନକାରାତ୍ମକ ଦିଗଆଡ଼କୁ ମନବଳାଇଲେ ।

ନୈତିକ ଶିକ୍ଷା କହିଲେ ନୀତି ନିୟମ ସମ୍ବନ୍ଧୀୟ ଶିକ୍ଷାକୁ ବୁଝିବାକୁ ପଡ଼ିବ । ୧୯୫୯ ମସିହାରେ ଧାର୍ମିକ ଓ ନୈତିକଶିକ୍ଷା ସମ୍ବନ୍ଧରେ ଗଢାଯାଇଥିବା କମିଟି ନୈତିକ ମୂଲ୍ୟ ସମ୍ପର୍କରେ ବ୍ୟାଖ୍ୟାକରି କହିଛନ୍ତି-"Anything that helps us to behave properly towards others is moral value." ନିଜକୁ ଯେପରି ଦେଖିବା ଅନ୍ୟକୁ ଠିକ ସେହିପରି ବିଚାର କରିବା ହିଁ ନୈତିକତା । ଆଜି ଆମ ସମାଜରେ ନୈତିକତାର ସ୍ଖଳନ ଘଟିଛି । ବହୁ ବ୍ୟକ୍ତି ସାମୂହିକ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି । ଏହା ଆମ ଦେଶର ରାଜ୍ୟ ଓ ଜାତୀୟ ସ୍ତରରେ ବ୍ୟକ୍ତିଗତଭାବେ ଆର୍ଥିକ ଲାଭକ୍ଷତି ହିସାବ ଅନୁରୂପ ଭାବେ ଦେଖାଦେଇଛି । ଦେଶର ସବୁବର୍ଗର କେତେକ ବ୍ୟକ୍ତିଙ୍କ ନୈତିକତାର ସ୍ଖଳନ ଘଟିବା ଫଳରେ ଦେଶର ବିକାଶରେ ବ୍ୟାଘାତ ସୃଷ୍ଟିହେଉଛି । ଆଜି ଦିନରେ ଲଣ୍ଠନ ଜଳାଯାଇ ସମାଜରେ ଭଲ ମଣିଷ ଖୋଜା ଚାଲିଛି । ତେବେ ସଂଖ୍ୟାଦୃଷ୍ଟିରୁ ସ୍ୱଳ୍ପ ହେଲେ ମଧ୍ୟ ଗାନ୍ଧୀ, ଗୋପବନ୍ଧୁ, ଅବଦୁଲ କଲାମଙ୍କ ପରି କେତେଜଣ ଆଦର୍ଶ ସମର୍ପିତ ବ୍ୟକ୍ତିଙ୍କ ପାଇଁ ତଥା ଚନ୍ଦ୍ରସୂର୍ଯ୍ୟଙ୍କ ଆତଯାତ ଏବଂ ଉଦୟ ଅସ୍ତ ଯୋଗୁ ଏ ସମାଜ ତିଷ୍ଠି ରହିଛି । ଦୂରଦ୍ରଷ୍ଟା ଯୋଗଜନ୍ମା କବି ଭୀମଭୋଇଙ୍କ ଭାଷାରେ-*"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"* ଠିକ୍ ସେହିପରି ବରେଣ୍ୟ ସମାଜସେବୀ ଉତ୍କଳମଣି ଗୋପବନ୍ଧୁଙ୍କ ଭାଷାରେ-

"ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼, ପୂରୁ ପଡ଼ି ତହିଁ ମୋର ମାଂସ ହାଡ ।" ଗାନ୍ଧୀଙ୍କର ଶିକ୍ଷାନୀତିରେ ଆଦର୍ଶବାଦ, ପ୍ରକୃତିବାଦ ଓ ପ୍ରୟୋଗବାଦର ସମନ୍ୱୟ ଘଟିଛି । ଅର୍ଥାତ ପ୍ରତ୍ୟେକେ ନିଜ ଜୀବନକୁ ହେୟ, ନଗଣ୍ୟ ଓ ତୁଚ୍ଛ ମନେକରି ଶିକ୍ଷାମାଧ୍ୟମରେ ସମାଜର ହିତସାଧନ ପାଇଁ ପ୍ରୟାସ କରିଛନ୍ତି । ଶିକ୍ଷାନୁଷ୍ଠାନରେ ନୈତିକତାର ଆବଶ୍ୟକତା ଜରୁରୀ ବୋଲି କହିଛନ୍ତି । ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ନୈତିକ ଶିକ୍ଷାର ଏକ ଜ୍ୱଳନ୍ତ ଉଦାହରଣ ।

୧୯୬୬ ମସିହାରେ କୋଠାରୀ କମିଶନଙ୍କ ମତରେ ଦେଶ ଧର୍ମନିରପେକ୍ଷତା ଅର୍ଥ ଧର୍ମଶୂନ୍ୟତା ନୁହେଁ । ତାଙ୍କ ମତରେ ଧର୍ମ ବିଷୟରେ ପଢା ନହେବା ଓ କୁତ୍ସିତର ପ୍ରଭାବ ଆସ୍ତେ ଆସ୍ତେ କମିଯିବା ଫଳରେ ପିଲାମାନେ ନୈତିକତାରୁ ଦୂରେଇ ଯାଉଛନ୍ତି । ପ୍ରତ୍ୟେକ ପିଲା ନିଜଧର୍ମ ଓ ଅନ୍ୟଧର୍ମ ବିଷୟରେ ଜାଣିବା ଦରକାର । କମିଶନଙ୍କ ମତରେ ଆଧ୍ୟାତ୍ମିକ ଦୃଷ୍ଟିରୁ ବିଚାର କରାଗଲେ ପ୍ରତ୍ୟେକ ଧର୍ମର ସାରମର୍ମ ଏକ । ତେଣୁ ଏକ ଆଧ୍ୟାତ୍ମିକ ଚେତନା ଭିତ୍ତିରେ ବିଭିନ୍ନ ଧର୍ମର ସାରମର୍ମ ସହିତ ନୈତିକ ଶିକ୍ଷା ଲେଖା ପଢା ହେବା ଉଚିତ । ଆମ ଦେଶ ଭାରତବର୍ଷର ଦକ୍ଷିଣ ପୂର୍ବ ଦିଗରେ ଅବସ୍ଥିତ ସିଙ୍ଗାପୁର ଦେଶରେ ଏବେ ନୈତିକ ଶିକ୍ଷା ଦେବାପାଇଁ ପ୍ରଚେଷ୍ଟା ଚାଲିଛି । ସେଠାରେ ହିନ୍ଦୁ, ଖ୍ରୀଷ୍ଟିୟାନ ଓ କନ୍‌ଫ୍ୟୁସିଆନ୍ ଭଳି ତିନି ପ୍ରକାରର ଧର୍ମାବଲମ୍ବୀମାନେ ବସବାସ କରନ୍ତି । ସିଙ୍ଗାପୁରର ସରକାର ନିଷ୍ପତ୍ତି ନେଲେ ଯେ ପିଲାମାନଙ୍କୁ କୁସଂସ୍କାରରୁ ମୁକ୍ତ ତଥା ବିଭେଦ ଓ ବିଶୃଙ୍ଖଳାରୁ ରକ୍ଷାକରିବା ପାଇଁ ବିଭିନ୍ନ ଧର୍ମଧାରାର ପାଠ୍ୟପୁସ୍ତକ ପ୍ରକାଶ କରି ଅଲଗା ଅଲଗା ଶିକ୍ଷା ଦେଉଛନ୍ତି । ହିନ୍ଦୁ ଧର୍ମର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ପୁସ୍ତକ ଓ ଶିକ୍ଷକମାନଙ୍କ ପାଇଁ ସହାୟକ ପୁସ୍ତକ ତଥା ତାଲିମ ବ୍ୟବସ୍ଥା କରିବା ପାଇଁ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର, ପଣ୍ଡିଚେରୀର ଅଧ୍ୟାପକ ମନୋଜ ଦାସ ଆଦିଙ୍କୁ ଦାୟିତ୍ୱ ଦେଇ ସଫଳ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିଛନ୍ତି । ଏହାଦ୍ୱାରା ସେଠାକାର ବିଭିନ୍ନ ଧର୍ମାବଲମ୍ବୀ ଛାତ୍ରଛାତ୍ରୀଙ୍କ ଆଧ୍ୟାତ୍ମିକ ପୃଷ୍ଠଭୂମି ଓ ନୈତିକଶିକ୍ଷା ଦ୍ୱାରା ଉତ୍ତମ ଶିକ୍ଷା ପରିବେଶ ସୃଷ୍ଟି ହୋଇପାରୁଛି ।

ଶିକ୍ଷାନୁଷ୍ଠାନମାନଙ୍କରେ ଆଜିକାଲି ଛାତ୍ର ଅଶାନ୍ତି ଜନିତ ସମସ୍ୟା, ଉତ୍ତମ ପରିବେଶ ସୁରକ୍ଷା ସମସ୍ୟା, ଛାତ୍ରଛାତ୍ରୀମାନଙ୍କୁ ଦେଶଗଠନର ବାର୍ତ୍ତା ଶତପ୍ରତିଶତ ଅବଗତ କରାଇ ନ ପାରିବା, ସମୟାନୁବର୍ତ୍ତିତା ନହେବା, ପରିବାର, ସମାଜ ତଥା ଗୁରୁଗୁରୁଜନଙ୍କ ପ୍ରତି ଭକ୍ତି, ଛାତ୍ରଛାତ୍ରୀଙ୍କୁ ସମୁଚିତ ଶିକ୍ଷା ନମିଳିବା ଆଦି ଅନେକ ସପକ୍ଷବାର୍ତ୍ତା ଶିକ୍ଷାନୁଷ୍ଠାନରେ ଆଜି ଅଭାବ ଘଟିଛି । ନୈତିକ ଶିକ୍ଷା ଅଭାବରେ ଛାତ୍ରଛାତ୍ରୀଙ୍କ ମାନସିକ ସ୍ଖଳନ ଦେଖାଦେଉଛି । ଏ ସମସ୍ତ କଥାକୁ ଆଖି ଆଗରେ ରଖି ବିଷ୍ଣୁଶର୍ମା ମିତ୍ରଲାଭର ଗପଗୁଡ଼ିକ ମାଧ୍ୟମରେ ପ୍ରାଚୀନ ଗୁରୁକୁଳ ଆଶ୍ରମର ଶିକ୍ଷା ବ୍ୟବସ୍ଥା ସଂପର୍କେ, ସତ୍ୟବାଦୀ ବନବିଦ୍ୟାଳୟର ଆଦର୍ଶ ଶିକ୍ଷା ବ୍ୟବସ୍ଥା ଆଦିର ଉଦାହରଣ ଦିଆଯାଇ ଶିକ୍ଷାନୁଷ୍ଠାନମାନଙ୍କରେ ନୈତିକଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ଜରୁରୀ । ଆମ ଦେଶର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଭଳି କେତେକ ଆଦର୍ଶଶିକ୍ଷାନୁଷ୍ଠାନରେ ନୈତିକଶିକ୍ଷା, ଭାରତୀୟ ସଂସ୍କୃତି,ଐତିହ୍ୟ, ପରଂପରା ରକ୍ଷାକାରୀ ଶିକ୍ଷାବ୍ୟବସ୍ଥା ଓଡ଼ିଆ ଓ ଇଂରାଜୀ ମାଧ୍ୟମ ଶିକ୍ଷାନୁଷ୍ଠାନରେ ଗ୍ରହଣ କରାଯିବା ଉଚିତ୍ । ନିଜ ନିଜ ମଧ୍ୟରେ ସଂକୀର୍ଣ୍ଣତାକୁ ଦୂରେଇ ଦେଇ ସମୃଦ୍ଧ, ସ୍ୱାସ୍ଥ୍ୟବାନ, ଆଦର୍ଶ ନୂଆ ଭାରତ ଗଠନ ପ୍ରକ୍ରିୟାରେ ନୂତନ ସ୍ୱପ୍ନ ଦେଖି ପ୍ରତ୍ୟେକ ବ୍ୟକ୍ତିଙ୍କ କଠିନ ପରିଶ୍ରମ କରିବାର ସମୟ ଆସିଛି । ବିଭିନ୍ନତା ମଧ୍ୟରେ ଏକତା ହେଉଛି ଭାରତୀୟ ପରଂପରାର ନୀତି ଓ ଆଦର୍ଶ । ଏହାଦ୍ୱାରା ଜାତୀୟ ସଂହତିକୁ ବଢାଇବା ଦିଗରେ ଆମେ ସଫଳ ହେବା । ପରିଶେଷରେ ଆମେ ନିଶ୍ଚିତ ହେବା ଯେ, ବ୍ୟକ୍ତି ଓ ଦେଶର ମଙ୍ଗଳ ପାଇଁ ଶିକ୍ଷାନୁଷ୍ଠାନମାନଙ୍କରେ ନୈତିକ ଶିକ୍ଷା ଜରୁରୀ ଯାହାଫଳରେ କି ଗୁଣାତ୍ମକ ଶିକ୍ଷା ଦିଆଯାଇପାରିବ । ଶିକ୍ଷାନୁଷ୍ଠାନମାନଙ୍କରେ ଭଲମଣିଷ ଗଢ଼ାହୋଇ ଦେଶ ତଥା ସମାଜ ଗଠନରେ ସେମାନେ ସମର୍ପିତ ହୋଇପାରିବେ ।

-ବଡତୋଟା, ଜଟଣୀ, ଖୋର୍ଦ୍ଧା
ମୋ-୯୪୩୮୩୫୨୩୭୬

ଭଗବତ୍ କୃପା

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

'ଭଗବାନଙ୍କୁ ତୁମର ପ୍ରଦୀପ କର, ତୁମେ ନିରାପଦରେ ଜୀବନ ସାରା ଗତି କରିପାରିବ । ଭଗବାନଙ୍କ ନାମକୁ ତୁଣ୍ଡରେ ରଖ; ସେ ରୂପଭାବରେ ନାମ ସହିତ ବନ୍ଧା । ଏହି ନାମ ସ୍ମରଣର ସାଧନ ଅନୁଶୀଳନ କରିବାକୁ, ରାମନାମ ସ୍ମରଣ କରିବାକୁ ଆଜି ସଂକଳ୍ପ କର । କାରଣ ରାମ ଅର୍ଥ ସେ ଆନନ୍ଦମୟ, ଆନନ୍ଦଦାତା'- 'ରମତେ ରମତେ ଇତି ଇତି ରାମଃ' । ଆଧ୍ୟାତ୍ମ ରାମାୟଣ ପାଠ କର, ଯେଉଁଥିରେ ମହାକାବ୍ୟର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ଉପରେ ମହତ୍ତ୍ୱ ଦିଆଯାଇଛି । ସଂପୂର୍ଣ୍ଣ ମହାକାବ୍ୟଟି ଦୁଇ ଜଣ ନାରୀ ଓ ଦୁଇଟି ବାସନା ଉପରେ ଆଧାରିତ- କ୍ରୋଧର ପ୍ରତୀକ ମନ୍ଥରା ଓ କାମର ପ୍ରତୀକ ଶୂର୍ପଣଖା । ମନ୍ଥରା ରାମଙ୍କୁ ବନକୁ ପଠାଇବାକୁ ଷଡ଼ଯନ୍ତ୍ର କରିଥିଲା ଏବଂ ଶୂର୍ପଣଖା ସୀତା ହରଣ ଓ ତାହା ଫଳରେ ରାକ୍ଷସ ମାନଙ୍କର ବିନାଶର କାରଣ ହୋଇଥିଲା । ଏହି ନାରୀ ଦୁଇଜଣ କାହାଣୀରେ ନଗଣ୍ୟ ଚରିତ୍ର, କିନ୍ତୁ ସେମାନେ ଅଭିନୟ କରିଥିବା ଭୂମିକା ଅତି ମହତ୍ତ୍ୱପୂର୍ଣ୍ଣ, କାରଣ ସେମାନେ ପ୍ରତିନିଧିତ୍ୱ କରୁଥିବା ବାସନା ଦ୍ୱାରା ଶୋକ ଓ ଦୁଃଖର ଦୀର୍ଘ ଅଧ୍ୟାୟ ସୃଷ୍ଟି କରିଥିଲେ । କ୍ରୋଧ ଓ କାମ ପରମାଣୁ ବୋମାଠାରୁ ଅଧିକ ଧ୍ୱଂସାତ୍ମକ, କିନ୍ତୁ ରାମଙ୍କୁ ହୃଦୟରେ ସ୍ଥାପନ କଲେ ସେଗୁଡ଼ିକ ଉଭେଇ ଯାଆନ୍ତି । ଏହି ମହାବାକ୍ୟଗୁଡ଼ିକୁ ଅବ୍ୟର୍ଥ ଔଷଧ ପରି ସ୍ୱାଗତ କରିବା ଉଚିତ । ସେଗୁଡ଼ିକ ମନର ଗଭୀର ରୋଗଗୁଡ଼ିକୁ ଆରୋଗ୍ୟ କରିପାରିବ । ମନ୍ତ୍ରଗୁଡ଼ିକୁ ମନର ଆତଙ୍କ, ଅନ୍ତଃକରଣର ଦୁର୍ବଳତା, ଅନ୍ତଶ୍ଚେତନାର ଦୋଷ ଦୂର କରିବା ପାଇଁ ଔଷଧ ଭାବରେ ଦେଖ । ସେଗୁଡ଼ିକ ଆମର ଦୃଷ୍ଟି ନିର୍ମଳ କରନ୍ତି ଏବଂ ଭଗବତ୍ ଅଭିମୁଖୀ ମାର୍ଗରେ ତୁମକୁ ଦୃଢ଼ ଓ ସ୍ଥିର କରନ୍ତି । ଭଗବତ୍ କୃପା ମେଘବର୍ଷା, ସୂର୍ଯ୍ୟାଲୋକ ପରି । ଏହା ଆହରଣ କରିବା ପାଇଁ ଆମ୍ଭମାନଙ୍କୁ କିଛି ସାଧନା କରିବାକୁ ହେବ- ବର୍ଷାଜଳ ଗ୍ରହଣ କରିବା ପାଇଁ ପାତ୍ରକୁ ସିଧା ରଖିବାର ସାଧନା, ସୂର୍ଯ୍ୟ ଆଲୋକିତ କରିବା ପାଇଁ ଆମ ହୃଦୟର କବାଟ ଖୋଲା ରଖିବାର ସାଧନା । ରେଡ଼ିଓରେ ପ୍ରସାରିତ ହେଉଥିବା ସଙ୍ଗୀତ ପରି ଏହା ଆମ ଚାରିପଟେ ରହିଛି, କିନ୍ତୁ ଆମ୍ଭମାନଙ୍କୁ ତୁମ ରେଡ଼ିଓ ସୁଇଚ ଟିପିବାକୁ ହେବ ଏବଂ ଉପଯୁକ୍ତ ତରଙ୍ଗରେ ଲଗାଇବାକୁ ହେବ, ତାହେଲେ ଆମ୍ଭେମାନେ ତାହା ଶୁଣି ପାରିବ ଓ ଉପଭୋଗ କରି ପାରିବ । କୃପା ପାଇଁ ପ୍ରାର୍ଥନା କରିବା ସହ ଅନ୍ତତଃ ଟିକିଏ ସାଧନା କର । କୃପା ସବୁ ଠିକ୍ କରି ଦେବ । ଏହାର ମୁଖ୍ୟ ପରିଣାମ ହେଲା ଆତ୍ମସାକ୍ଷାତକାର, କିନ୍ତୁ ଅନ୍ୟ ଆନୁଷଙ୍ଗିକ ଲାଭ ମଧ୍ୟ ଅଛି, ଯଥା: ଏଠାରେ ସୁଖୀ ସନ୍ତୁଷ୍ଟ ଜୀବନ ଏବଂ ଅବିଚଳିତ ଶାନ୍ତିରେ ପ୍ରତିଷ୍ଠିତ ଶୀତଳ ସାହାସୀ ମନୋଭାବ । ଅଳଙ୍କାରରୁ ମିଳୁଥିବା ମୁଖ୍ୟ ଲାଭ ହେଲା ବ୍ୟକ୍ତିଗତ ଆନନ୍ଦ କିନ୍ତୁ ଜଣଙ୍କର ପଇସା ଶେଷ ହୋଇଯିବା ବେଳେ ସେ ତାହା ବିକ୍ରୀ କରି ଜୀବନରେ ଲାଭ ଆରମ୍ଭ କରିପାରେ । ଏହା ଏକ ଆନୁସଙ୍ଗିକ ସୁବିଧା । କଦଳୀ ଗଛର କାନ୍ଦିଟି ମୁଖ୍ୟ ଉପହାର । କିନ୍ତୁ ପତ୍ର, ମଞ୍ଜା, ଭଣ୍ଡା- ଏଗୁଡ଼ିକ ଗୌଣ ବସ୍ତୁ, ଯାହାର ମଧ୍ୟ ଲାଭଜନକ ଉପଯୋଗ କରାଯାଇ ପାରିବ । ଏହା କୃପାର ସ୍ୱଭାବ । ଏହା ଅନେକ ପ୍ରକାର କାମନା ପୂରଣ କରେ । ଆମ୍ଭମାନଙ୍କର ଭଗବତ୍ ବିଶ୍ୱାସ ନରହିଲେ ଆମେ ଶ୍ରୀ ଶ୍ରୀ ଠାକୁରଙ୍କ କୃପାର କ୍ଷମତା ମାପି ପାରିବା ନାହିଁ । ଆମେ ରାମ ଓ କୃଷ୍ଣଙ୍କୁ ପ୍ରତ୍ୟାଖ୍ୟାନ କଲେ ସେମାନେ ଆମର ଆବଶ୍ୟକ ସମୟରେ ଆମ ପାଖରେ ଠିଆ ହୋଇ ପାରିବେ ନାହିଁ । ଆମ୍ଭେ ଯଦି ନିନ୍ଦା ଓ ସଂଶୟରୁ ଆରମ୍ଭ କର ଏବଂ ସମାଲୋଚନା କରିବାକୁ ଓ ଦୋଷ ଖୋଜିବାକୁ ଚେଷ୍ଟା କରିବା ତେବେ ପରିଣତି ଗଭୀର ଅଜ୍ଞାନତା ଓ ବିଶୃଙ୍ଖଳା ହେବ । ଅପବିତ୍ର ଚିନ୍ତା ମନକୁ ମଳିନ ଧୂଆଁରେ ଅନ୍ଧାରୁଆ କରି ପକାଏ । ତା'ହେଲେ ସ୍ପଷ୍ଟତା କିପରି ଦୃଷ୍ଟିକୁ ଆସିପାରିବ ? ଜଣେ ମେଷପାଳକ ବାଳକ ଭୂମିରୁ ଗୋଟିଏ ବଡ଼ ହୀରା ପାଇଲା; ସେ ତାକୁ ଖଣ୍ଡେ କାଚ ବୋଲି ଭାବିଲା । ସେ ତାକୁ ଗୋଟିଏ ମେଣ୍ଢା ବେକରେ ବାନ୍ଧି ଦେଲା । ଏହା ସେଥିପାଇଁ ଉପଯୁକ୍ତ ନଥିଲା । ମନୁଷ୍ୟ ତାର ନିଜର ମୂଲ୍ୟ, ନିଜର ଦିବ୍ୟତ୍ୱକୁ ଉପେକ୍ଷା କରିଛି । ସେ ନିଜକୁ କାଚଖଣ୍ଡର ଅବସ୍ଥାକୁ ଖସାଇ ଦେଉଛି ଏବଂ ମେଣ୍ଢାର ବେକରେ ଝୁଲୁଛି । ସେ ଯେଉଁଠି ରହିବା କଥା ନୁହେଁ ସେଥିପ୍ରତି ଆସକ୍ତି ହେଉଛି । ଦେଶର ମଧ୍ୟ ଅବମୂଲ୍ୟାୟନ ହେଉଛି । ଦୀର୍ଘ ଦିନ ଧରି ଚିରନ୍ତନ ଆନନ୍ଦର ଅନ୍ୱେଷକ ମାନବ ଜାତିର ଗୁରୁ, ସବୁ ଦେଶର ଶିକ୍ଷକ ଭାବରେ ପରିଚିତ ଭାରତ ଆଜି ନିଜର ପ୍ରକୃତ ଭୂମିକା ଭୁଲି ଯାଇଛି ଏବଂ ଭିକ୍ଷା ପାଇଁ ମୁଣ୍ଡ ନୁଆଇଁ ଓ ହାତ ପାତି ଅନ୍ୟ ଦେଶମାନଙ୍କର ଦ୍ୱାରସ୍ଥ ହେଉଛି । ବେଦ ବାକ୍ୟ 'ମାତୃଦେବୋଭବ' ପ୍ରତ୍ୟେକ ଘରେ ଉପେକ୍ଷିତ ହୋଇଛି, ଫଳରେ ମାତୃଭୂମି ତା'ର ସନ୍ତାନମାନଙ୍କୁ ଶାନ୍ତି ଓ ସମୃଦ୍ଧିର ଆଶୀର୍ବାଦ ଦେଉନାହିଁ । ପିତାମାତାଙ୍କୁ ସମ୍ମାନ କର, ଗୁରୁମାନଙ୍କୁ ସମ୍ମାନ କର-ତାହା ହେଉଛି ସନାତନ ଧର୍ମର ନିର୍ଦ୍ଦେଶ । ଭାଇମାନେ ଭାଇମାନଙ୍କ ପାଇଁ ଯୋଗ୍ୟ ସ୍ନେହ ଲାଭ କରିବା ଉଚିତ । ଯେଉଁମାନେ ଭାଇମାନଙ୍କୁ ଘୃଣା କରନ୍ତି ସେମାନଙ୍କର ଭାଗ୍ୟ ପୂର୍ଣ୍ଣ ବିଧ୍ୱଂସ ହେବ, ଏହି ଶିକ୍ଷା ହଜାର ହଜାର ଲୋକମାନଙ୍କ ଦ୍ୱାରା ପଞ୍ଚମ ବେଦ ଭାବରେ ଆଦୃତ ପ୍ରାଚୀନ ମହାକାବ୍ୟ ମହାଭାରତରେ ଦିଆଯାଇଛି । ଜଣେ ଗୁରୁ ଥିଲେ । ଥରେ ସେ ତାଙ୍କର ଶିଷ୍ୟମାନଙ୍କୁ ସେମାନଙ୍କ ଦ୍ୱାରା ଅର୍ପିତ ଫଳ ଫେରାଇ ଦେଇ କହିଲେ, 'ପ୍ରତ୍ୟେକ ଯାହାକୁ ସବୁଠାରୁ ବେଶି ଭଲ ପାଉଛ, ନିଅ' । ଜଣେ ଶିଷ୍ୟ କୌଣସି ଫଳ ଦେଲା ନାହିଁ, ମାତ୍ର ଗୋଟିଏ କୋଣରେ ନିଶ୍ଚିନ୍ତ ଭାବରେ ବସିଲା । ଗୁରୁ ତାକୁ ପଚାରିଲେ, 'ତୁ କାହାକୁ ସବୁଠାରୁ ବେଶି ଭଲ ପାଉ ? ସେ ଉତ୍ତର ଦେଲା, 'ମୋତେ' । ତାହା ହିଁ ଉପଯୁକ୍ତ ମନୋଭାବ । ଆମେ ଯଦି ଆମ ନିଜକୁ ସବୁଠାରୁ ବେଶି ଭଲ ପାଇବା, ନିଜକୁ ସର୍ବାଧିକ ଉପଯୋଗୀ କରିବା, ନିଜକୁ ସ୍ୱଚ୍ଛ ଓ ଭଲ ଭାବରେ ଜାଣିବା, ନିଜକୁ ଗଭୀର ଭାବରେ ଆଦର କରିବା, ସର୍ବଶ୍ରେଷ୍ଠ ହେବା, ଆମର ଦକ୍ଷତା ଓ ନିପୁଣତାର ପୂର୍ଣ୍ଣ ଉପଯୋଗ କରିବା ଏବଂ ନିଜକୁ ଚିରନ୍ତନ ସୁଖ ଓ ଶାନ୍ତି ଆଡ଼କୁ ଘେନିଯାଇପାରିବା । ଆମ ଭିତରେ ଥିବା ଶିବ ଉପରେ ନିର୍ଭର କର, ଶବ ଉପରେ ନୁହେଁ, ଯାହା କି ଶିବ ବିନା ଆମ ଶରୀରର ଅବସ୍ଥା ହୋଇଥାଏ । ପ୍ରତ୍ୟେକ ଶ୍ୱାସରେ ତାଙ୍କ ମହିମାକୁ ଭିତରକୁ ନିଅ; ପ୍ରତ୍ୟେକ ଶ୍ୱାସରେ ତାଙ୍କ ମହିମା କ୍ଷୟ କରୁଥିବା ସବୁକୁ ବାହାର କରିଦିଅ ।

-ସହ-ପ୍ରତିରକ୍ଷିକ, ହେପାଟୋଲୋଜି ବିଭାଗ, କଟକ ବଡ଼ମେଡ଼ିକାଲ, ଦୂରଭାଷ: ୯୪୩୭୦୫୧୯୫୭

ଦେଶର ପ୍ରଥମ ଶିଶୁ ବଜେଟ-୨୦୨୦-୨୧

-----ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ-----

ରାଜ୍ୟ ସରକାର ଶିଶୁମାନଙ୍କ ସ୍ୱାସ୍ଥ୍ୟ ଶିକ୍ଷା ସାମାଜିକ ନିରାପତ୍ତା ପାଇଁ ୧୩ ବିଭାଗ ଜରିଆରେ ୧୬୫ଟି ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏବେ ସୁଦ୍ଧା ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗ ଜରିଆରେ ପ୍ରତି ଶିଶୁ ପିଛା ବର୍ଷକୁ ୧୩ ହଜାର ୧୧୧ ଟଙ୍କା ଖର୍ଚ୍ଚ କରାଯାଉଛି । ଆସନ୍ତା ୨୦୨୦-୨୧ ଆର୍ଥିକ ବର୍ଷ ଏହି ରାଶିକୁ ୧୬ ହଜାର ୨୯୪ ଟଙ୍କାକୁ ବୃଦ୍ଧି କରି ଶିଶୁମାନଙ୍କୁ କିଭଳି ସବୁ ଦୃଷ୍ଟିରୁ ସୁରକ୍ଷିତ ରଖାଯାଇ ପାରିବ ସେ ନେଇ ରାଜ୍ୟ ସରକାର ଦେଶର ପ୍ରଥମ ଶିଶୁ ବଜେଟ ୨୦୨୦-୨୧ରେ ବ୍ୟବସ୍ଥା କରିଥିବା ଜଣାଯାଇଛି । ଚଳିତ ବଜେଟ ଅଧିବେଶନରେ ଅର୍ଥ ବିଭାଗ ପକ୍ଷରୁ ଅଣାଯାଇଥିବା ଶିଶୁ ବଜେଟରେ ପ୍ରାୟ ଦେଢ଼କୋଟି ଶିଶୁଙ୍କ ଭବିଷ୍ୟତକୁ ଗୁରୁତ୍ୱ ଦିଆଯାଇଛି । ତଥ୍ୟ ଅନୁଯାୟୀ ରାଜ୍ୟରେ ଥିବା ପ୍ରାୟ ସାଢ଼େ ଚାରି କୋଟି ଲୋକଙ୍କ ମଧ୍ୟରୁ ୩୬ ପ୍ରତିଶତ ୧୮ବର୍ଷରୁ କମ୍ ବୟସ୍କ । ଯାହାକି ସମୁଦାୟ ଜନସଂଖ୍ୟାର ୩ ଭାଗରୁ ଭାଗେ । ମାନବ ସମ୍ବଳର ବିକାଶ ଶିଶୁଙ୍କ ବିକାଶ ଦ୍ୱାରା ହିଁ ସମ୍ଭବ ହୋଇପାରିବ ବୋଲି ରାଜ୍ୟ ସରକାର ବିଶ୍ୱାସ ରଖିଛନ୍ତି । ଏଥିପାଇଁ ଚଳିତ ସାଧାରଣ ବଜେଟରେ ଶିଶୁକୈନ୍ଦ୍ରିକ ନୀତି ଉପରେ ଧ୍ୟାନ ଦିଆଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଏହି ଶିଶୁ ବଜେଟରେ ଅଧିକ ଗୁରୁତ୍ୱ ରହିଛି । ଆସନ୍ତା ଆର୍ଥିକ ବର୍ଷ ଖର୍ଚ୍ଚ ହେବାକୁ ଥିବା ୨୩ ହଜାର ୬୬୫ କୋଟି ଟଙ୍କା ମଧ୍ୟରୁ ଗଣଶିକ୍ଷା ବିଭାଗ ସିଂହଭାଗ ୭୩.୧ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବ । ଏହା ପଛକୁ ରହିଛି ମହିଳା ଓ ଶିଶୁ କଲ୍ୟାଣ ବିଭାଗର ୧୫.୧ ପ୍ରତିଶତ ଯାହାକି ସମୁଦାୟ ବଜେଟର ୧୬.୬୯ ପ୍ରତିଶତ ।

ସୂଚନା ଅନୁଯାୟୀ ୨୦୧୮-୧୯ ଆର୍ଥିକ ବର୍ଷରେ ବିଭିନ୍ନ ଶିଶୁ ବିକାଶ ଯୋଜନା ମାଧ୍ୟମରେ ୧୯୦୧୨.୭୪ କୋଟି ଟଙ୍କାର ବ୍ୟୟ ବରାଦ ଲକ୍ଷ୍ୟ ଥିବାବେଳେ ୨୦୨୦-୨୧ରେ ୨୩୬୬୫.୭୬ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏଥିରୁ ରାଜ୍ୟ ସରକାର ୧୬ ହଜାର ୬୩୯ କୋଟି ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ଯୋଜନାରେ ୭ହଜାର ୨୪କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା ରହିଛି । ରାଜ୍ୟ ସରକାର ଯୋଜନା ମାଧ୍ୟମରେ ଶିଶୁଙ୍କ ବିକାଶ ପାଇଁ କରିଥିବା ବ୍ୟବସ୍ଥା ମଧ୍ୟରୁ ଶିକ୍ଷା କ୍ଷେତ୍ରରେ ୮୪ ପ୍ରତିଶତ ବ୍ୟୟ କରିବା ପାଇଁ ଯୋଜନା କରିଛନ୍ତି । ସେହିଭଳି ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ୧.୭ ପ୍ରତିଶତ , ଶିଶୁ ସୁରକ୍ଷା ବାବଦକୁ ୦.୭ ପ୍ରତିଶତ ଏବଂ ଅନ୍ୟାନ୍ୟ କ୍ଷେତ୍ର ପାଇଁ ୧୪ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବେ । ରାଜ୍ୟରେ ଶିଶୁଙ୍କ ବିକାଶ ପାଇଁ ଗଣଶିକ୍ଷା ବିଭାଗରେ ସର୍ବାଧିକ ୮୫ଟି ଯୋଜନାରେ ବ୍ୟବସ୍ଥା ରହିଥିବାବେଳେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଓ ମହିଳା ଓ ଶିଶୁବିକାଶ ଯୋଜନାରେ ୨୮ଟି ଲେଖାଏଁ ଯୋଜନା କାର୍ଯ୍ୟକାରୀ କରାଯାଇଛି । ତେବେ ବିଭିନ୍ନ ଯୋଜନା ଜରିଆରେ ଶିଶୁଙ୍କ ପାଇଁ ଚଳିତ ବଜେଟରେ କରାଯାଇଥିବା ଅର୍ଥ ବ୍ୟବସ୍ଥାରୁ ଗଣଶିକ୍ଷା ବିଭାଗ ସର୍ବାଧିକ ୧୭ ହଜାର ୪୪୫ କୋଟି ଟଙ୍କାର ବ୍ୟବସ୍ଥା ରହିଥିବାବେଳେ, ମହିଳା ଓ ଶିଶୁ ବିକାଶ ବିଭାଗରେ ୩ ହଜାର ୫୭୩ କୋଟି, ଅନୁସୂଚୀତ ଜାତି ଓ ଜନଜାତି ବିଭାଗରେ ୨ ହଜାର ୩୯୯ କୋଟି ଟଙ୍କାର ବ୍ୟବସ୍ଥା ଥିବା ଶିଶୁ ବଜେଟ ୨୦୨୦-୨୧ରୁ ଜଣାଯାଇଛି ।

ସରକାର ସ୍ୱାସ୍ଥ୍ୟ ବିଭାଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଭାବେ ନବଜାତକ ଶିଶୁ ଓ ଶିଶୁ ବିଭାଗକୁ ବିଚାର କରି ପ୍ରତିବର୍ଷ ବିଭିନ୍ନ ସ୍ୱାସ୍ଥ୍ୟଗତ ପ୍ରକଳ୍ପ ପାଇଁ ବ୍ୟୟ ବରାଦ ରାଶି ବଢ଼ାଉଛନ୍ତି । ଗ୍ରାମାଞ୍ଚଳ ତଥା ଉପାନ୍ତ ତଥା ଅଗମ୍ୟ କ୍ଷେତ୍ରରେ ଯୋଗାଯୋଗ ବ୍ୟବସ୍ଥାକୁ ପ୍ରାଥମିକତା ଦେଇ ସରକାରୀ ଭାବେ ମୁମୂର୍ଷୁ ରୋଗୀ ଓ ସ୍ଥଳ ବିଶେଷରେ ସେମାନଙ୍କ ମାଆ ମାନଙ୍କୁ ନିକଟସ୍ଥ ଡାକ୍ତରଖାନା ବା ବଡ଼ଡାକ୍ତରଖାନାକୁ ଆଣିବାର ବ୍ୟବସ୍ଥା କରିଛନ୍ତି । ଶିଶୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାର ସବୁଠାରୁ ବଡ଼ ପ୍ରାଥମିକତା ଓ ତତ୍କାଳ ସେବାକୁ ଗୁରୁତ୍ୱ ଦେଇ ଅନେକ ଦୁରାରୋଗ୍ୟ ଓ ସଂକ୍ରାମକ ରୋଗକୁ ପ୍ରତିହତ ପାଇଁ ଦିନକୁ ଦିନ ଅନେକ ନୂଆ ନୂଆ ଯୋଜନା ହାତକୁ ନେଇଛନ୍ତି । ଏହା ଲୋକମାନଙ୍କ ସେବା ପାଇଁ ଯଥେଷ୍ଟ ହୋଇପାରୁଛି । ତେବେ ସବୁ ସମୟରେ ସରକାର ଓ ପ୍ରଶାସନ ଉପରେ ଦାୟିତ୍ୱ ଓ ଦୋଷାରୋପ କରିଲେ ଚଳିବ ନାହିଁ । କାରଣ ଅନେକ ସମୟରେ ଦେଖାଯାଏ ଶିଶୁରୋଗୀର ନିକଟ ପରିଜନ ଓ ଆତ୍ମୀୟମାନେ ଅବହେଳା କରି, ପ୍ରାଥମିକ ସମୟରେ ଉପଯୁକ୍ତ ଚିକିତ୍ସା ନକରି ଯଥେଷ୍ଟ ବିଳମ୍ବରେ ସରକାରୀ ସ୍ୱାସ୍ଥ୍ୟସେବାର ସୁଯୋଗ ନେଇଥାନ୍ତି ଯାହାପାଇଁ ନେଡ଼ିଗୁଡ଼ କହୁଣୀକୁ ବୋହିଗଲା ପରି ପିଲାଟିର ସ୍ୱାସ୍ଥ୍ୟକୁ ଅତ୍ୟନ୍ତ ଦୁଃଖଦ କରିଦିଏ । ସେହିପରି ଏବେ ବି ଅନେକ ସଂସ୍କାର ଓ ସଚେତନତା ସତ୍ତ୍ୱେ ଗୁଣୀଟୁଣି ଚିକିତ୍ସା, ଘରୋଇ ବା କ୍ୱାକ୍ ମାନଙ୍କୁ ବିଶ୍ୱାସ କରି ପିଲାମାନଙ୍କୁ ଚିକିତ୍ସା କରାଯାଉଥିବାରୁ ଏହା ମଧ୍ୟ ସେମାନଙ୍କୁ ରୋଗରୁ ଉପଶମ କରିବା ତ ଦୂରର କଥା ବରଂ ମୃତ୍ୟୁ ମୁଖକୁ ଠେଲିଦିଏ । ତେଣୁ ସବୁବେଳେ ସରକାରୀ ସ୍ୱାସ୍ଥ୍ୟସେବା ଓ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶକୁ ବିଶ୍ୱାସ ରଖି ଚିକିତ୍ସା ସେବାର ସୁଯୋଗ ନେବା ଜରୁରୀ । ଅନେକ ରାଜ୍ୟ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାର ଏବଂ ଦେଶ ବାହାରର ଅନେକ ଆନ୍ତର୍ଜାତିକ ସ୍ୱାସ୍ଥ୍ୟସେବା କ୍ଷେତ୍ର ସଙ୍ଗଠନ ମାନେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ସୁଯୋଗ ପ୍ରଦାନ କରୁଛନ୍ତି । ଏହାର ସଦୁପଯୋଗ ହେବା ସହ ସମସ୍ତେ ଏହି ସୁଯୋଗରେ ଭାଗିଦାର ହେଲେ ପିଲାମାନଙ୍କ ଜୀବନ ନିରାପଦ ରହିବା ସହ ସେମାନେ ମୃତ୍ୟୁମୁଖରୁ ବଞ୍ଚିପାରନ୍ତେ । ପ୍ରତିବର୍ଷ ସରକାରୀ ଭାବେ ପର୍ଯ୍ୟାପ୍ତ ଅନୁଦାନ ଶିଶୁ ସ୍ୱାସ୍ଥ୍ୟ ପାଇଁ ପ୍ରଦାନ କରାଯାଉଛି । ଆଜିକା ସମୟରେ ଅନେକ ବେସରକାରୀ ସ୍ୱେଚ୍ଛାସେବୀ ସ୍ୱାସ୍ଥ୍ୟ ସଙ୍ଗଠନମାନେ ଏ କ୍ଷେତ୍ରରେ ଉଦାର ଭାବେ ସହାୟତାର ହାତ ବଢ଼ାଉଛନ୍ତି । ସମସ୍ତଙ୍କ ସହଯୋଗ ମିଳିଲେ ଶିଶୁ ସ୍ୱାସ୍ଥ୍ୟକ୍ଷେତ୍ରରେ ଏକ କ୍ରାନ୍ତିକାରୀ ସେବା ତ୍ୱରାନ୍ୱିତ ହୋଇ ଅନେକ ମୁମୂର୍ଷୁ ଶିଶୁ ନୂଆ ଜୀବନ ପାଇପାରନ୍ତେ । ଏ ଦାୟିତ୍ୱ ଆମ ସମସ୍ତଙ୍କର ନିଶ୍ଚୟ ।

-ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪

ସେଂଟ ଜାଭିୟରର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ନେଉଳପୁର, ୨୬/୨(ପି.ଏନ)- ଚଣ୍ଡିଖୋଳ ନିକଟସ୍ଥ ଦୁର୍ଘଟଣା ଜନିତ କେନ୍ଦ୍ର ନିକଟରେ ଅବସ୍ଥାପିତ ନେଉଳପୁରସ୍ଥ ସେଂଟ ଜାଭିୟର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ହୋଇଯାଇଛି। ବିଦ୍ୟାଳୟ ପରିସରରେ ସାଇନାଜ ପରବିନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଶିକ୍ଷକ ଅମୀୟ କୁମାର ମିଶ୍ର ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଶିଶୁ ସାହିତ୍ୟିକ ନିଖିଳ ଉତ୍କଳ ଶିଶୁ ମେଳା ସମିତିର ଆବାହକ ଡ.ପ୍ରିୟନାଥ ମହାପାତ୍ର ଯୋଗ ଦେଇ ମା ଓ ବାପା ମାନେ ଶିଶୁ ,ମାନଙ୍କୁ ଯେଉଁପରି ଭାବେ ଗଢି ତୋଳିବେ ପିଲାମାନଙ୍କର ଭ୍ବିଷ୍ୟତ ସେହି ହିସାବରେ ଉଜ୍ୱଳ ହେବ। ବର୍ତମାନ ବାପା ମାନଙ୍କ ଠାରୁ ମା ମାନେ ପିଲାମାନେ ଅଧିକ ଯତ୍ନ ନେଉଛନ୍ତି। ଗୁରମା ଓ ଗୁରଜୀ ମାନେ ପାଠପଢା ସମୟରେ ସମସ୍ତ ପିଲାଙ୍କୁ ସମାନ ଭାବରେ ଦେଖିବା ଉଚିତ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଅକ୍ଷୟ କୁମାର ଦାସ ନିଜ ବକ୍ତବ୍ୟରେ ପବ୍ଲିକ ସ୍କୁଲରେ ବର୍ତମାର ଚାହିଦା ବଢିଚାଲୀଛି। ଏଠଅକାର ପିଲାମାନେ ପରିକ୍ଷାରେ ବେଶ ସଫଳ ଅର୍ଜନ କରୁଛନ୍ତି। ମାତ୍ର ଚାକଚକ୍ୟରେ ପାଠର ଚାହିଦା ବେଶୀ ନଥାଏ। ବକୁଳବନ ବିଦ୍ୟାଳୟରେ ଗଛ ମୂଳରେ ପାଠପଢି ଛାତ୍ରଛାତ୍ରୀ ମାନେ ବେଶ ସୁନାମ ଅର୍ଜନ କରୁଛନ୍ତି। ତେଣୁ ବର୍ତମାନ ପିଲାମାନଙ୍କୁ ମଧ୍ୟ ସେହିପରି ଗଢି ତୋଳିବା ଆବଶ୍ୟକ। ସମ୍ମାନିତ ଅତିଥି ଭାବେ ସ୍ୱୟଂଶାସିତ ବାବା ଭେରାବାନନ୍ଦ ମହାବିଦ୍ୟାଳୟର ଓଡିଆ ବିଭାଗର ପ୍ରଫେସର ବିଜୟ କେତନ ସାମଲ ଯୋଗ ଦେଇ ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟଙ୍କୁ ଭୁୟସୀ ପ୍ରଶଂସା କରିଥିଲେ ଓ ଏଠାକର ପରିବେଶ ପିଲାମାନଙ୍କ ପାଠପଢା ପାଇଁ ବେଶ ଉପ ଯୋଗୀ। ଏଣୁ ଏଠାକାର ପିଲା ଭବିଷ୍ୟତରେ ବେଶ ନାମ କରିବେ। ବିଦ୍ୟଅଳୟର ଚେୟା ପର୍ସନ ଦୁସ୍ମନ୍ତ କୁମାର ପଣ୍ଡା ସ୍ୱାଗତ ଭାହଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେକ୍ରେଟାରୀ ବନସ୍ମିତା ପଣ୍ଡା ବାର୍ଷୀକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବିଦ୍ୟାଳୟ ପକ୍ଷରୁ ଚଣ୍ଡିଖୋଲ ପ୍ରେସକ୍ଲବର ସଭାପତି ପ୍ରଦୀପ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥରେ ବିଦ୍ୟାଳୟର ଶିକ୍ଷୟତ୍ରୀ ଅନିତା ମହାରଣା, ପ୍ରିୟଙ୍କା ନାୟକ, କଲ୍ୟାଣୀ ରାଉତ, କାଜଲ ବାରିକ, ସ୍ନେହଲତା ଓଝା, ପ୍ରିୟଙ୍କା ପରିଡା, ରଞ୍ଜିତ ବେହେରା, ଅର୍ଚ୍ଚନା ବେହୋ, ସୁକାନ୍ତି ପ୍ରଧାନ, ନାରାୟଣ ରାଉଳ ପ୍ରମୁଖ ସହ ଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ବିଭାଗର ମାନପତ୍ର ଓ କପ ପ୍ରଦାନ କରାଯାଉଥିଲା। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଅଭିଭାବକ ମାନେ ଉପଭୋଗ କରିଥିଲେ।

ଜାରକା ଗଳିପୋଲକୁ ସମ୍ପ୍ରସାରଣ କରିବା ପାଇଁ ଦାବି

ଧର୍ମଶାଳା, ୨୬/୨(ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଜାରକା ବଜାରସ୍ଥିତ ଗଳିପୋଲକୁ ସମ୍ପ୍ରସାରଣ କରିବା ପାଇଁ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ଦାବି କରିଛନ୍ତି । ଜାରକାଠାରେ ଫ୍ଲାଏଓଭର ବ୍ରିଜ ନିର୍ମାଣ କରିବାକୁ ଜାତୀୟ ରାଜପଥ କର୍ତୃପକ୍ଷ ନିଷ୍ପତି ନେଇଥିବାରୁ ଏହାକୁ ସେ ସ୍ୱାଗତ କରିଛନ୍ତି । ଏହି ଅବସରରେ ଶ୍ରୀ ଲାବଣ୍ୟ ସୋମବାର ଭୁବନେଶ୍ୱର ସ୍ଥିତ ଜାତୀୟ ରାଜପଥ କାର୍ଯ୍ୟାଳୟଠାରେ ସିଜିଏମ୍ ଡ. ରାମପ୍ରସାଦ ପଣ୍ଡାଙ୍କୁ ସାକ୍ଷାତ କରିବା ସହ ଏଥିପାଇଁ ତାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଏଠାରେ ଥିବା ଗଳି ପୋଲକୁ ନ ଭାଙ୍ଗି ଏହାକୁ ସମ୍ପ୍ରସାରଣ କରିବାକୁ ସେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜାରକା ଉପର ବଜାର ଏବଂ ତଳ ବଜାରକୁ ସଂଯୋଗ କରୁଥିବା କେନ୍ଦ୍ରସ୍ଥଳରେ ଏହି ଫ୍ଲାଏଓଭର ବ୍ରିଜ ନିର୍ମାଣ କରିବାକୁ ଶ୍ରୀ ଲାବଣ୍ୟ ଦାବୀ କରିଥିଲେ । ଏହି ସ୍ଥାନରେ ଫ୍ଲାଏଓଭର ନିର୍ମାଣ ହେଲେ ଏହା ଜନସାଧାରଣଙ୍କ ଗମନାଗମନରେ ସୁବିଧା ହେବା ସହ ଜାରକା ବଜାରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ ବୋଲି ସିଜିଏମ୍‌ଙ୍କୁ ଅବଗତ କରିଥିଲେ । ସୂଚନାଯୋଗ୍ୟ, ଜାରକାଠାରେ ଥିବା ଗଳି ପୋଲ ଯୋଗୁଁ ଟ୍ରାଫିକ ଜାମ ହେବା ସହିତ ଜନସାଧାରଣ ନାହିଁ ନଥିବା ସମସ୍ୟା ସମ୍ମୁଖୀନ ହେବା ସହିତ ଦୁର୍ଘଟଣା ଘଟୁଥିବାରୁ ଏହାର ସମାଧାନ ପାଇଁ ଶ୍ରୀ ଲାବଣ୍ୟ ୨୦୧୮ ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ପୂର୍ତ୍ତ ବିଭାଗର ନିର୍ଦ୍ଦେଶ କ୍ରମେ ଏହି ଗଳିପୋଲକୁ ସମ୍ପ୍ରସାରଣ କରିବା ପାଇଁ ଜାତୀୟ ରାଜପଥ କର୍ତୃପକ୍ଷ ନିଷ୍ପତି ନେଇଥିଲେ । ଏହି ଗଳିପୋଲ ସାଢେ ସାତ ମିଟର ଓସାର ଏବଂ ସାଢେ ତିନିମିଟର ଉଚ୍ଚତା ଥିବା ବେଳେ ଏହାକୁ ବାର ମିଟର ଓସାର ଏବଂ ସାଢେ ପାଂଚ ମିଟର ଉଚ୍ଚତା କରିବାକୁ ଜାତୀୟ ରାଜପଥ କର୍ତୃପକ୍ଷ ନିଷ୍ପତି ନେଇଥିବା ନେଇ ଗତବର୍ଷ ଫେବୃଆରୀ ୨୭ ତାରିଖ, ପତ୍ର ସଂଖ୍ୟା ୩୨୧୧ ରେ ପୂର୍ତ୍ତ ବିଭାଗ ପକ୍ଷରୁ ଶ୍ରୀ ଲାବଣ୍ୟଙ୍କୁ ପତ୍ର ପ୍ରଦାନ କରାଯାଇଥିବା ନେଇ ସେ ସିଜିଏମ୍‌ଙ୍କର ଦୃଷ୍ଟି ଆକର୍ଷଣ କରିଥିବା ସହ ଉକ୍ତ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାକୁ ଶ୍ରୀ ଲାବଣ୍ୟ ଦୃଢ ଦାବି କରିଥିଲେ । ଅନ୍ୟ ପକ୍ଷରେ ନୂତନଭାବେ ନିର୍ମାଣ ହେବାକୁ ଥିବା ଏହି ଫ୍ଲାଏଓଭର ବ୍ରିଜର ସର୍ବନିମ୍ନ ୫୦ ମିଟର ଲମ୍ବ ଏବଂ ୬ ମିଟର ଉଚ୍ଚତା କରିବାକୁ ଶ୍ରୀ ଲାବଣ୍ୟ ଜାତୀୟ ରାଜପଥ କର୍ତୃପକ୍ଷଙ୍କ ନିକଟରେ ଦାବି କରିଥିବା ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି ।

ହାଇଲେବୁଲ ରାସ୍ତାକାମରେ ନିମ୍ନମାନର ପ୍ୟାଚ ପକାଇ କାମ ଶେଷ



ଚଣ୍ଡିଖୋଲ, ୨୬/୨(ପିଏନ)- ଜଗତସିଂହ ପୁର ଠାରୁ ଧର୍ମଶାଳା ଜେନାପୁର ପର୍ଯ୍ୟନ୍ତ ଦୀର୍ଘ ୫୫ କିମି ହାଇଲେବୁଲ କେନାଲ ବନ୍ଧ ଏସିଆନ ଡେଭେଲୋପମେଣ୍ଟ ବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ ହୋଇଛି। ମାତ୍ର ଠିକାଦାର ଓ ବିଭାଗୀୟ ପ୍ରଶାସନିକ ଅଧିକାରୀ ଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ଯୋଗୁ ନିମ୍ନମାନର କାର୍ଯ୍ୟ କରି ବିଲ ଉଠାଇ ନେଉଛନ୍ତି । ଠିକାଦାର ପ୍ରାୟ ଏକ ବର୍ଷ ତଳେ ନିର୍ମାଣ କରାଯାଇଥିବା ପିଚୁ ରାସ୍ତା ସଂପୂର୍ଣ୍ଣ ନଷ୍ଟ ହେବା ସହିତ ଖାଲ ଖମାରେ ପରିପୂର୍ଣ୍ଣ ହୋଇଗଲାଣି । ରାସ୍ତା କାମରେ ବ୍ୟବହୃତ ନିମ୍ନମାନର ଚିପ୍ସ ପିଚୁ ଯୋଗୁ ଏହି ପରି ରାସ୍ତାର ଅବସ୍ଥା ହୋଇଛି। ଆବଶ୍ୟକ ଠାରୁ କମ ପରିମାଣର ପିଚୁ ଓ ବଜୁରୀ ପକାଇ ଅଧିକ ଲାଭ ଖୋର ମନୋବୃତ୍ତି ଯୋଗୁ ରାସ୍ତାର ଅବସ୍ଥା ଏହି ପରି ହୋଇଛି। ରାସ୍ତା କାମ ସମୟରେ ଆର ଆଣ୍ଡ ହଉ କି ଇରିଗେସନର ଅଧିକାରୀ ମାନେ ରହୁନଥିବାରୁ ଠିକାଦାର ମନଇଚ୍ଛା କାମ କରୁଛନ୍ତି। ବିଶେଷ କରି ଧାନମଣ୍ଡଳ ବ୍ରିଜ ଠାରୁ ଖୋସାଲିପୁର ବ୍ରିଜ ପର୍ଯ୍ୟନ୍ତ ଏବେ ଜଣେ ସ୍ଥାନୀୟ ଠିକାଦାର ଦ୍ୱାରା ରାସ୍ତା ଉପରେ ପ୍ୟାଚ ପକାଇ ଲକ୍ଷାଧିକ ଟଙ୍କାର ବିଲ କରି ନେଇଛନ୍ତି। ତୁରନ୍ତ ଏହାର ତଦନ୍ତ କରାଯାଇ ଠିକାଦାରଙ୍କୁ କଳାତାଲିକା ଭୁକ୍ତ କରିବାକୁ ସାଧାରଣରେ ଦାବୀ ହୋଇଛି।

ବେଆଇନ ସର୍ଭିସିଂ ସେଣ୍ଟର ଯୋଗ ଯାତାୟତରେ ବାଧା

ଚଣ୍ଡିଖୋଲ, ୨୬/୨(ପିଏନ)- ୧୬ନମ୍ବର ଜାତୀୟ ରାଜପଥ ଚଣ୍ଡିଖୋଲ ଛକ ଠାରୁ ଧାନମଣ୍ଡଳ ହଠାତ ମାର୍କେଟ ପର୍ଯ୍ୟନ୍ତ ଏନଏଚ କଡ଼ ସର୍ଭିସ ରାସ୍ତା କଡ଼ରେ ବେଆଇନ ଭାବରେ ଚାଲୁଥିବା ସର୍ଭିସ ସେଣ୍ଟର ଯୋଗ ସେହି ରାସ୍ତା ଦେଇ ଯାଉଥିବା ଲୋକ ମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । କୌଣସି ପରମିସନ ନଥାଇ ବଡ଼ବଡ଼ ବୋରିଂ କରି ଭୂତଳ ଜଳକୁ ବ୍ୟାପକ ବ୍ୟବହାର ଯୋଗୁ ସ୍ଥାନୀୟ ଅଞ୍ଚଳରେ ଥିବା କୂଅ, ପୋଖରୀ, ଟ୍ୟୁୱେଲ, ଗୁଡ଼ିକର ଜଳସ୍ତର କମି କମି ଯାଉଛି । ଏହି ସର୍ଭିସିଂ ସେଣ୍ଟର ଯୋଗୁ ବଡ଼ ବଡ଼ ଗାଡ଼ି ଗୁଡ଼ିକ ଦୈନିକ ବହୁ ସଂଖ୍ୟାରେ ଥୁଆ ହୋଇଥିବାରୁ ସେହି ଅଞ୍ଚଳରେ ଜଳ, ବାୟୁ , ମୃତ୍ତିକା ଦୂଷିତ ହେବା ସଙ୍ଗେ ସଙ୍ଗେ ରାସ୍ତାରେ ଯାଉଥିବା ଲୋକ ମାନଙ୍କ ଉପରେ ସର୍ଭିସିଂ ପାଣି ପଡ଼ି ପ୍ୟାଣ୍ଟ ସାର୍ଟ ଖରାପ ହୋଉଛି । ସ୍କୁଲ ପିଲା ଯାତାୟତ ସମୟରେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଶିଶୁ ଶ୍ରମିକ ମାନଙ୍କୁ ଏହି କାର୍ଯ୍ୟରେ ନିୟୋଜନ କରି ସର୍ଭିସିଂ ସେଣ୍ଟର ମାଲିକ ମାନେ ଶିଶୁ ଶ୍ରମିକ ଆଇନକୁ ବେଖାତିର କରୁଛନ୍ତି। ବିଶେଷ କରି ବଡ଼ ବଡ଼ ଗାଡ଼ି ଗୁଡ଼ିକୁ ଧୂଆ ହେବା ପାଇଁ ରାସ୍ତା କଡ଼ରେ ଦୀର୍ଘ ସମୟ ଧରି ଠିଆ ହେବା ଫଳରେ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ଗୁଡ଼ିକୁ ଯିବା ପାଇ ଅସୁବିଧା ହେଉଛି। ବଡ଼ଚଣା ପୋଲିସ ଓ ଚଣ୍ଡିଖୋଲ ଫାଣ୍ଡୀ ଅଧିକାରୀ ତୁରନ୍ତ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହୋଇଛି।

ରାଜ୍ୟ ଭବିଷ୍ୟନିଧି ସଂସ୍ଥାର ତୃଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ବହୁ ଶ୍ରମିକ ପେନସନ ଓ ପିଏଫ ଟଙ୍କା ପାଇବାରୁ ବଞ୍ଚିତ

ଚଣ୍ଡିଖୋଲ, ୨୬/୨(ପିଏନ)- ଓଡ଼ିଶାର ଏକ ମାତ୍ର କୃଷି ଭିତ୍ତିକ ଝୋଟ ଶିଳ୍ପ କୋଣାର୍କ ଝୋଟକଳ ବନ୍ଦ ହୋଇଯିବା ପରେ ସେଥିରେ କାର୍ଯ୍ୟରତ ବହୁ ଶ୍ରମିକ ସେମାନଙ୍କର ପେନସନ ପ୍ରୋଭିଡେଣ୍ଟ ଫଣ୍ଡ ପାଇବାରୁ ଅସୁବିଧା ହେଉଛି। ଫଳରେ ବହୁ ଗରିବ ଶ୍ରମିକ ଆର୍ଥିକ ଅସୁବିଧା ଭିତରେ କାଳାତିପାତ କରୁଛନ୍ତି। ଆଞ୍ଚଳିକ ଭବିଷ୍ୟନିଧି ସଂସ୍ଥା ଭୁବନେଶ୍ୱର ର ମନୋମୁଖୀ କାର୍ଯ୍ୟ ଓ ତୃଟି ପୂର୍ଣ୍ଣ ଆକାଉଣ୍ଟ ନମ୍ବର ଗୁଡ଼ିକ ଭୁଲ ଏଣ୍ଟ୍ରି ଯୋଗୁ ବହୁ ଶ୍ରମିକ ସେମାନଙ୍କର ପେନସନ ଟଙ୍କା ପାଇବାରେ ଅସୁବିଧା ହେଉଛି। ସେନସନ ଭୋଗୀ ମାନେ ସେମାନଙ୍କର ସର୍ଟ ନେମ ଏଣ୍ଟ୍ରି ଓ କମ୍ପ୍ୟୁଟର ସିଷ୍ଟମରେ ଆଦୌ ନାମ ନଥିବା ଓ ପିଏଫ ଏକାଉଣ୍ଟରେ ଭୁଲ ଯୋଗୁ ଶ୍ରମିକ ମାନେ ସେମାନଙ୍କର ପେନସନ ଟଙ୍କା ପାଇବାରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ୧୯୯୫ ମସିହାରୁ ପେନସନ ପ୍ରୋଭିଡେଣ୍ଟ ପାଉଥିବା ଲୋକେ ବର୍ତ୍ତମାନ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆପ୍ଲଭ ଫର୍ମ ନଂ-୯ ଅନୁଯାୟୀ ସିଷ୍ଟମରେ କରେକସନ କଲେ ଏହି ଅସୁବିଧା ଦୂର ହୋଇପାରିବ ବୋଲି ବହୁ ଶ୍ରମିକ ମତଦାନ କରିଛନ୍ତି। ସର୍ଟ ନେମ ଥାଇ ଫର୍ମ ନଂ -୯ ଅନୁଯାୟୀ ଡିସେମ୍ବର ୨୦୧୯ ପର୍ଯ୍ୟନ୍ତ ପ୍ରୋଭିଡେଣ୍ଟ ଫଣ୍ଡ ପେମେଣ୍ଟ ହୋଇଥିଲା। ୦୧/୦୧/୨୦୨୦ରୁ ସର୍ଟ ନେମ ଯୋଗୁ କୌଣସି ଅଭିଯୋଗ ଗ୍ରହଣ ହେଉନାହିଁ। ଫଳରେ ଶ୍ରମିକ ମାନେ ସେମାନଙ୍କର ପେନସନ ଟଙ୍କା ପାଇବାରେ ଅସୁବିଧା ହେଉଛି। ଏ ସଂପର୍କରେ ଶ୍ରମିକ ସଂଗଠନ କର୍ମଚାରୀ ମାନେ , ଆଞ୍ଚଳିକ କମିସନ୨, ସହକାରୀ କମିସନର, କେନ୍ଦ୍ରୀୟ ପେନସନ ଓ ପ୍ରୋଭିଣ୍ଡେଟ କମିସନରଙ୍କୁ ଅବଗତ କରାଇଛନ୍ତି।

ହରେକୃଷ୍ଣ ସ୍ମାରକୀ କ୍ରିକେଟ୍ : ଚୋରମୁହାଁ ଓ କାଳିକାହୁଡା ସେମିରେ

ଧର୍ମଶାଳା, ୨୬।୨(ପିଏନ୍) : ଧର୍ମଶାଳା ବ୍ଲକ୍ ଚୋରମୁହାଁ ଗ୍ରାମ ମଜାର ପଡିଆରେ ଦ୍ୱିତୀୟ ବାର୍ଷିକ ହରେକୃଷ୍ଣ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜି ଠାରୁ ଆରମ୍ଭ ହୋଇଛି । ଯୁବନେତା ମୁମତାଜ୍ ଖାଁ ଟୁର୍ଣ୍ଣମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚରେ ଅଚ୍ୟୁତପୁରର ବାବା ଜ୍ଞାନେଶ୍ୱର କ୍ରିକେଟ୍ କ୍ଲବକୁ ୩ ଉଇକେଟ୍‌ରେ ପରାସ୍ତ କରି ଚୋରମୁହାଁ ୟୁଥ୍ କ୍ଲବ ବିଜୟୀ ହୋଇଛି । ପ୍ରଥମେ ବ୍ୟାଟିଂ କରିଥିବା ଅଚ୍ୟୁତପୁର ଟିମ୍ ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ୍ ହରାଇ ୧୧୨ ରନ୍ ସଂଗ୍ରହ କରିଥିଲା । ଜବାବରେ ଚୋରମୁହାଁ ଟିମ୍ ବ୍ୟାଟିଂ କରି ୧୧.୪ ଓଭରରେ ୭ ଉଇକେଟ୍ ହରାଇ ୧୧୩ ରନ୍ କରି ବିଜୟୀ ହୋଇଥିଲା । ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ବାଟିଜଙ୍ଗା କ୍ରିକେଟ୍ କ୍ଲବ୍‌କୁ ୧୮ ରନ୍‌ରେ ପରାସ୍ତ କରି କାଳିକାହୁଡା କ୍ରିକେଟ୍ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ବ୍ୟାଟିଂ କରିଥିବା କାଳିକାହୁଡା ଟିମ୍ ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ୍ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲା । ଜବାବରେ ବାଟିଜଙ୍ଗା ଟିମ୍ ବ୍ୟାଟିଂ କରି ୧୨ ଓଭରରେ ୮ ଉଇକେଟ୍ ହରାଇ ୧୪୦ ରନ୍ କରି ପରାଜିତ ହୋଇଥିଲା । ଉଭୟ ମ୍ୟାଚ୍‌କୁ ରବିନ୍ଦ୍ର ଦାସ, ପପୁ ଜେନା, ସୁମନ ଦାସ ଓ ପ୍ରଦୀପ ଜେନା ପରିଚାଳନା କରିଥିବାବେଳେ ସୁନାକର ସାହୁ, ଚନ୍ଦନ ବେହେରା, ବସନ୍ତ ମହାନ୍ତି ଓ ପ୍ରଦ୍ୟୁମ୍ନ ମହାନ୍ତି ଏଥିରେ ସହଯୋଗ କରିଥିଲେ ।

ଦୁର୍ଘଟଣାରେ ମିନିଟ୍ରକ୍ ଚାଳକ ଗୁରୁତର

ଧର୍ମଶାଳା, ୨୬/୨(ପି.ଏନ): ଧର୍ମଶାଳା ଥାନା ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥର ଓସରା ଛକ ନିକଟରେ ଆଜି ଅପରାହ୍ନରେ ମିନିଟ୍ରକ ଓ ଟ୍ରକ ମଧ୍ୟରେ ଧକ୍କା ହୋଇଥିଲା । ଫଳରେ ଭାରସାମ୍ୟ ହରାଇ ଟ୍ରକ୍‌ଦୁଇଟି ରାସ୍ତାପାର୍ଶ୍ୱରେ ଥିବା ପାଣିଖାଲକୁ ଗଡିଯାଇଥିଲେ । ଏଥିରେ ମିନିଟ୍ରକ ଚାଳକ ପଳାସିଆ ଗ୍ରାମର ଭରତ ମଲିକ(୩୫) ଆହତ ହୋଇଥିଲେ । ଖବର ପାଇ ଧର୍ମଶାଳା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଭରତଙ୍କୁ ନେଇ ବଡଚଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଭରତଙ୍କୁ କଟକ ବଡମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି ।

ଆରଏମଏସ ସ୍ଥାନାନ୍ତରକୁ ସେନାର ବିରୋଧ

ପୁରୀ,(ପି.ଏନ): ପ୍ରଗତି ପଥରେ ଥିବା ବିଶ୍ୱ ଐତିହ୍ୟ ସହର ପୁରୀରୁ ରେଲୱେ ମେଲ ସର୍ଭିସ(ଆରଏମଏସ) ପୁରୀ ଷ୍ଟେସନ ଠାରୁ ଉଠାଇ ଖୋର୍ଦ୍ଧାକୁ ନେଇଯିବା ପାଇଁ ହୋଇଥିବା ଷଡଯନ୍ତ୍ରକୁ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବୁଧବାର ଦିନ ଘୋର ବିରୋଧ କରାଯାଇଛି । ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ଯୁବକ ଷ୍ଟେସନ ଅଂଚଳରେ ଥିବା ଆରଏମଏସ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।ଏ ସଂପର୍କରେ ଶ୍ରୀ ପଟ୍ଟନାୟକ କୁହନ୍ତି ବିଶ୍ୱ ଐତିହ୍ୟ ନଗରୀରେ ରହିଥିବା ଏହି ପୁରୁଣା ଡାକସେବା ଅନୁଷ୍ଠାନକୁ ନଉଠାଇ ପୁନର୍ବାର ରଖିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏ ସଂପର୍କରେ ମଧ୍ୟ ଆଗକୁ ଜନ ଆନ୍ଦୋଳନ କରାଯିବ। ହାଇକୋର୍ଟରେ ମଧ୍ୟ ମାମଲା କରିବାକୁ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଶ୍ରୀକ୍ଷେତ୍ରକୁ ପ୍ରତିଦିନ ହଜାର ହଜାର ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଆସୁଛନ୍ତି ।

ବର୍ଷିଆନ ଶିକ୍ଷାବିତ୍ ଉଗ୍ରସେନ ବଳଙ୍କ ପରଲୋକ

ଧର୍ମଶାଳା, ୨୬/୨(ପି.ଏନ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ପାଟପୁର ପଂଚାୟତସ୍ଥ ପାଣିମୁହାଣୀ ଗ୍ରାମର ତଥା ଧର୍ମଶାଳା ବାଣୀପୀଠର ଅବସର ପ୍ରାପ୍ତ ଶିକ୍ଷାବିତ ଉଗ୍ରସେନ ବଳ (୮୯)ଙ୍କର ମଙ୍ଗଳବାର ସକାଳ ୮ଘଟିକାରେ ପରଲୋକ ହୋଇଯାଇଛି । ସେ ଦୀର୍ଗ ଦିନ ଧରି ଜାରକା ବଜାର ସ୍ଥିତ ଶାନ୍ତିବଜାର ବାସଭବନରେ ରହୁଥିଲେ । ସୋମବାର ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ କଟକ ବଡଡାକ୍ତରଖାନାକୁ ନିଆଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ପରଲୋକ ଘଟିଛି । ମଙ୍ଗଳବାର ପୂର୍ବାହ୍ନରେ ଶାନ୍ତିବଜାର ମରଶରୀର ପହଁଚିବା କ୍ଷଣି ବହୁ ମାନ୍ୟଗନ୍ୟ ବ୍ୟକ୍ତି ବାସଭବନରେ ପହଁଚି ଶେଷ ଦର୍ଶନ ନିମନ୍ତେ ଅଣାଯାଇଥିଲା । ତାଙ୍କ ବିୟୋଗ ଖବର ପାଇ ସଚେତନ ନାଗରିକ ମକ୍କକ୍ଲବର ସଭାପତି ତଥା ସମାଜସେବୀ କାହ୍ନୁ ଚରଣ ଦାଶ ,ବର୍ଷିୟାନ ଶିକ୍ଷାବିତ ହୃଷିକେଶ ଦାସ ସମେତ ବହୁ ପୁରାତନ ସହକର୍ମୀ ଓ ବର୍ତମାନର ଶିକ୍ଷକ,ଶିକ୍ଷୟତ୍ରି ଓ କର୍ମଚାରୀ ପୁରାତନ ଛାତ୍ରଛାତ୍ରି ଶୋକ ପ୍ରକାଶ କରିବା ସହ ଶେଷ ଦର୍ଶନ କରିଥିଲେ । ସେ ଜଣେ କର୍ତବ୍ୟନିଷ୍ଠ ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ । ତାଙ୍କ ବଡପୁଅ ଗିରିଧାରୀ ବଳ ମୁଖାଗ୍ନୀ ଦେଇ ପରଲୋକରେ ସ୍ୱର୍ଗୀୟ ବଳଙ୍କ ପରଲୋକରେ ପାଣିମୁହାଁଣି ସମେତ ସମଗ୍ର ଧର୍ମଶାଳା ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

ରାସ୍ତା ନିର୍ମାଣ ନାମରେ ଜୟପୁର ବ୍ଲକ ପ୍ରଶାସନ ୧୫ ଲକ୍ଷ ଟଙ୍କା ଚଳୁ

ଜୟପୁର,(ପିଏନ)- ରାସ୍ତା ନିର୍ମାଣ କରିବା ନାମରେ ଜୟପୁର ବ୍ଲକ ପ୍ରଶାସନ ୧୫ ଲକ୍ଷ ଟଙ୍କା ସ୍ୱଷ୍ଟ ଦିବା ଲୋକରେ ଲୁଟ୍ କରିଛି । ଜୟପୁର ବ୍ଲକ ଦୁର୍ନିତିର ଗନ୍ଧାଘର ପାଲଟିଥିବା ବିଷୟ ସାରା ଜିଲ୍ଲାରେ ଚହଳ ସୃଷ୍ଟି କରିଛି । ଜୟପୁର କେନାଲ ରୋଡ ଠାରୁ ସତସଙ୍ଗ ବିହାର ଅନୁକୁଳ ଚନ୍ଦ୍ର ଆଶ୍ରମକୁ ରାସ୍ତା ସକାଶେ ଜୟପୁର ବ୍ଲକ ଗତ ୨ ବର୍ଷ ମଧ୍ୟରେ ୧୫ ଲକ୍ଷଟଙ୍କା ବ୍ୟୟ କରି ରାସ୍ତା ନିର୍ମାଣ କରିଥିବା ଫଳକରେ ଉଲ୍ଲେଖ କରିଛି । ୨୦୧୮-୧୯ରେ ବିଜୁ କେବିକେ ଅନୁଦାନର ୫ ଲକ୍ଷ ଟଙ୍କା ବ୍ୟୟରେ ଓ ୨୦୧୬-୧୭ରେ କ୍ରିଟିକାଲ ଫଣ୍ଡରେ ୫ ଲକ୍ଷ ଟଙ୍କା ଓ ୨୦୧୮-୧୯ରେ ଏମଜିଏମନଆରଇଜିଏ ଯୋଜନାରେ ୫ ଲକ୍ଷ ଟଙ୍କା ବ୍ୟୟରେ କେନାଲ ରୋଡରୁ ସତସଙ୍ଗ ବିହାରକୁ ରାସ୍ତା ନିର୍ମାଣ କରାଯାଇଥିବା ଦର୍ଶାଇଛି। କିନ୍ତୁ ଏହି ସ୍ଥାନଟି ଜୟପୁର ପୌର ପରିଷଦ ପରିସୀମା ମଧ୍ୟରେ ଅବସ୍ଥିତ ରହିଛି ବୋଲି ଆଜି ଏକ ଖବରଦାତା ସମ୍ମିଳନିରେ ଯୁବ ସଗଂଠନର ଆବାହକ ରବିନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ ଏହି ରାସ୍ତା ନିର୍ମାଣ ନିମନ୍ତେ ଜୟପୁର ପୌରପରିଷଦ ୨୩।୨।୧୯ ତାରିଖରେ ଟେଣ୍ଡର ଆହ୍ୱାନ କରିଛି । ଜୟପୁର ପୌରପରିଷଦ ୨୩।୨।୧୯ରେ ଟେଣ୍ଡର ଆହ୍ୱାନ କରିବାର ଦେଢ଼ମାସ ନହେଉଣୁ ପୁଣି ସେହି କାମ ଜୟପୁର ବ୍ଲକ କିପରି ୪।୪।୧୧୯ରେ ଏମଜିଏନଆରଇଜିଏସ ଯୋଜନାରେ ଆରମ୍ଭ କରିଥିବା ଦର୍ଶାଇଛି। କିନ୍ତୁ ଏମଜିଏନଆରଜିଏ ଯୋଜନାର ଅର୍ଥ ଜୟପୁର ପୌରାଂଚଳରେ ଖର୍ଚ୍ଚ କରିପାରିବେ ନାହିଁ ବୋଲି ଗାଇଡ ଲାଇନରେ ଉଲ୍ଲେଖ ରହିଛି । ଜୟପୁର ବ୍ଲକ ପୌରପରିଷଦ ପରିମୀମା ମଧ୍ୟରେ ବେଆଇନ ଭାବରେ ତା'ର ଅର୍ଥ ଖର୍ଚ୍ଚ କରିବା ପଛରେ କଣ ରହସ୍ୟ ବୋଲି ପ୍ରଶ୍ନ କରିଛନ୍ତି ମହାପାତ୍ର ।

ଜୟପୁର ବ୍ଲକ ୧୫ ଲକ୍ଷ ଟଙ୍କା ଏହି ରାସ୍ତା ନିମନ୍ତେ ଖର୍ଚ୍ଚ କରିଥିବା ଦର୍ଶାଉଥିବା ବେଳେ ଏହି ରାସ୍ତାରେ ଗୋଡିକି ମେଟାଲ ଟିକେ ମଧ୍ୟ ପଡ଼ିନାହିଁ। କିଛି ବି କାମ କରାନଯାଇ ଏହି ଟଙ୍କାକୁ ହଡପ କରାଯାଇଥିବା ଜଣାଯାଇଛି।୧୫ ଲକ୍ଷ ଟଙ୍କା ଏହି ରାସ୍ତା ନିର୍ମାଣରେ ଖର୍ଚ୍ଚ କରିଥିବା ସୂଚନା ଫଳକ ଏହି ରାସ୍ତାରେ ଲଗାଇଥିବାବେଳେ ପୁଣି ସେହି କାମ ନିମନ୍ତେ ଜୟପୁର ପୌର ପରିଷଦ ୧୩ ଲକ୍ଷ ୩୯ ହଜାର ଟଙ୍କାର ଏକ ଟେଣ୍ଡର ଆହ୍ୱାନ କରିଛି। ତେଣୁ ଏହାର ଉଚ୍ଚସ୍ତରିୟ ତଦନ୍ତ କରାଯାଉ ବୋଲି ଦାବି କରାଯାଇଛି । ଏହି ଅଭିଯୋଗ ପତ୍ରଟି ଏସ ପି ଭିଜିଲାନ୍ସ, ତହସିଲଦାର, ବିଡିଓ ପୌର କାର୍ଯ୍ୟନିବାହୀ ଅଧିକାରିଙ୍କୁ ପ୍ରଦାନ କରାଯାଇଛି।

ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ

ଛତ୍ରପୁର,(ପିଏନ)- ଗଞ୍ଜାମ ଜିଲ୍ଲା ମଧ୍ୟଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ପ୍ରତ୍ୟେକ ଜନ ଗହଳି ପୂର୍ଣ୍ଣ ସ୍ଥାନଗୁଡିକ ଚିହ୍ନଟ କରି ଅଣ୍ଡର ପାସ କିମ୍ବା ଓଭରବ୍ରିଜ୍ କରିବାକୁ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଡକ ସୁରକ୍ଷା କମିଟି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ କହିଲେ ଯେ ଜିଲ୍ଲାର ପ୍ରତ୍ୟେକ ସଡକ ଦୁର୍ଘଟଣାର ଅନୁସନ୍ଧାନ କରାଯିବ ଏବଂ ଆଂଚଳିକ ପରିବହନ ଅଧିକାରୀ ପ୍ରତ୍ୟେକଟିର ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ। ଏହାକୁ ଭିତିକରି ସଡକ ନିରାପତା ସମ୍ବନ୍ଧୀୟ ପରବର୍ତି ପଦକ୍ଷେପ ଗ୍ରହଣ କରାଯିବ। ସଡ଼କ ସୁରକ୍ଷା ନେଇ ମୁଖ୍ୟ ଶାସନ ସଚିବ ଉଦବେଗ ପ୍ରକାଶ କରୁଥିବାରୁ ଦୁର୍ଘଟଣାକୁ ସମ୍ପୂର୍ଣ୍ଣ ଏଡାଇବାକୁ ପଦକ୍ଷେପ ନିଆଯିବ। ଜାତୀୟ ରାଜପଥ କର୍ତୃପକ୍ଷ ମୋଟ ୧୬ ଗୋଟି ଅଣ୍ଡରପାସର ପ୍ରସ୍ତାବ ରଖିଥିବାରୁ ଜିଲ୍ଲାପାଳ ଏହାକୁ ଆବଶ୍ୟକତା ଅନୁଯାୟୀ ବୃଦ୍ଧି କରିବାକୁ କହିଥିଲେ। ବେନିୟମ ବସ୍ ପାର୍କିଂ ଉପରେ ଜୋରିମାନା ଲାଗୁ କରାଯିବ। ବସଗୁଡ଼ିକ ପରମିଟ୍ ରୁଟ୍ ବ୍ୟତୀତ ଉପଯୁକ୍ତ ଅନୁମତି ନନେଇ ଅନ୍ୟରୁଟ୍‌ରେ ଯାତାୟତ କଲେ ତା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ। ସ୍କୁଲ ବସଗୁଡିକର ଦୁଇ ପାର୍ଶ୍ୱରେ ଯାତ୍ରୀ ପରିବହନ ସ୍ଥାନ ସଂଖ୍ୟା ଉଲ୍ଲେଖ ରହିବ। ଅସୁରକ୍ଷିତ ଭାବରେ ସ୍କୁଲ ପିଲାମାନଙ୍କୁ ପରିବହନ କରୁଥିବା ଗାଡି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ। ଗତ ଜାନୁୟାରୀ ମାସରେ ବିଭିନ୍ନ ସଡ଼କ ଦୁର୍ଘଟଣାରେ ଜିଲ୍ଲାରେ ୫୭ ଜଣଙ୍କର ମୃତ୍ୟୁ ହୋଇଥିବାରୁ ଜିଲ୍ଲାପାଳ ଅତ୍ୟଧିକ ଉଦବେଗ ପ୍ରକାଶ କରିବା ସହିତ ଟ୍ରକ୍ ଓ ବସ୍ ଆସୋସିଏସନ୍ କର୍ମକର୍ତାଙ୍କୁ ସମ୍ପୂର୍ଣ୍ଣ ଯତ୍ନଶୀଳ ହେବାକୁ କହିଥିଲେ। ପ୍ରତ୍ୟେକ ଯାତ୍ରୀବାହୀ ବସରେ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ସହିତ ଅଗ୍ନି ନିର୍ବାପକ ଯନ୍ତ୍ର ସୁନିଶ୍ଚିତ କରାଯିବ। ବସର ଡ୍ରାଇଭର ଓ ଅନ୍ୟ କର୍ମଚାରୀଙ୍କୁ ଅଗ୍ନି ନିର୍ବାପକ ତାଲିମ ଦିଆଯିବ। ଏ ବାବଦ ବ୍ୟୟ ବସ୍ ଆସୋସିଏସନ୍ ବହନ କରିବେ। ଖଲ୍ଲିକୋଟ ଓ ଗୋଳନ୍ଥରା ଠାରେ ପ୍ରସ୍ତାବିତ ଟ୍ରକ୍ ଟର୍ମିନାଲ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସଂପୃକ୍ତ କର୍ମକର୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ଆରକ୍ଷୀ ଅଧିକ୍ଷକ ବ୍ରିଜେଶ କୁମାର ରାଏ, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ପିନାକ୍ ମିଶ୍ର, ବ୍ରହ୍ମପୁର ଉପଜିଲ୍ଲାପାଳ ସିନ୍ଦେ ଦତାତ୍ରେୟ ଭାଉ ସାହେବ, ଛତ୍ରପୁର ଉପଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଭଞ୍ଜନଗର ଉପ ଜିଲ୍ଲାପାଳ ରାଜେନ୍ଦ୍ର କୁମାର ମିଞ୍ଜି, ଆଂଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ବିଶ୍ୱାଳ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

ସମସ୍ତଙ୍କ ପାଇଁ ବିଜ୍ଞାନର କ୍ରାନ୍ତିକାରୀ ଉପଲବ୍ଧି

ବିଜ୍ଞାନ ଦ୍ୱାରା ମିଳୁଥିବା ଲାଭ ବିଷୟରେ ସମାଜରେ ସଚେତନତା ସୃଷ୍ଟି କରିବା ଏବଂ ବୈଜ୍ଞାନିକ ଚିନ୍ତାଧାରା ଉଦ୍ରେକ କରିବା ଉଦ୍ଦେଶ୍ୟରେ ଜାତୀୟ ବିଜ୍ଞାନ ଏବଂ ପ୍ରଦ୍ୟୋଗିକୀ ପରିଷଦ ତଥା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ପ୍ରତିବର୍ଷ ୨୮ ଫେବୃଆରୀକୁ ଭାରତରେ ଜାତୀୟ ବିଜ୍ଞାନ ଦିବସ ଭାବେ ପାଳନ କରାଯାଇଥାଏ। ୨୮ ଫେବୃଆରୀ ୧୯୨୮ ମସିହାରେ ବିଶିଷ୍ଟ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟ ରମଣ ନିଜ ଗୁରୁତ୍ୱପୂର୍ଣ୍ଣ ଅନୁସନ୍ଧାନ 'ରମଣ ପ୍ରଭାବ'ର ଆବିଷ୍କାର କରିଥିଲେ। ଏହି ଅନୁସନ୍ଧାନ ପାଇଁ ତାଙ୍କୁ ୧୯୩୦ରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଜାତୀୟ ବିଜ୍ଞାନ ଦିବସର ମୂଳ ଉଦ୍ଦେଶ୍ୟ ହେଉଛି ବିଦ୍ୟାର୍ଥୀମାନଙ୍କୁ ବିଜ୍ଞାନ ପ୍ରତି ଆକୃଷ୍ଟ କରାଇବା, ଜନସାଧାରଣଙ୍କୁ ବୈଜ୍ଞାନିକ ଉପଲବ୍ଧୀଗୁଡ଼ିକ ବିଷୟରେ ସଜାଗ କରିବା। ଏହି ଦିବସ ଅବସରରେ ସମସ୍ତ ବିଜ୍ଞାନ ସଂସ୍ଥାନ, ଜାତୀୟ ବିଜ୍ଞାନ ଏବଂ ଅନ୍ୟ ପ୍ରୟୋଗଶାଳା, ବିଜ୍ଞାନ ଏକାଡ଼େମୀ, ସ୍କୁଲ, କଲେଜ ଆଦିରେ ବୈଜ୍ଞାନିକ ଗବେଷଣା ସମ୍ବନ୍ଧିତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ବିଜ୍ଞାନ କ୍ଷେତ୍ରରେ ବିଶେଷ ଯୋଗଦାନ ନିମନ୍ତେ ରାଷ୍ଟ୍ରୀୟ ଏବଂ ଅନ୍ୟ ପୁରସ୍କାର ମଧ୍ୟ ଏହି ଅବସରରେ ପ୍ରଦାନ କରାଯାଇଥାଏ। ସଂପ୍ରତି କେବଳ ସର୍ବଭାରତୀୟ ସ୍ତର ନୁହେଁ ବିଶ୍ୱସ୍ତରରେ ସବୁ କ୍ଷେତ୍ରରେ ବିଜ୍ଞାନର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। କେବଳ ବିଦ୍ୟାର୍ଥୀ ନୁହଁନ୍ତି ସାଧାରଣରେ ଗୃହିଣୀ ଠାରୁ ପରିଣତ ବୟସର ନାଗରିକ, ବିଭିନ୍ନ କ୍ଷେତ୍ରର କର୍ମଜୀବୀ, ବୃତ୍ତିଜୀବୀ ନିଜ ନିଜ ନିତିଦିନିଆ ଜୀବନରେ ବିଜ୍ଞାନର ପ୍ରାସଙ୍ଗିକତା, ଆବଶ୍ୟକତା ଓ ବ୍ୟବହାରତାକୁ ନେଇ ଆଜିର ଯୁଗରେ ଜ୍ଞାନବିଜ୍ଞାନକୁ ବୃଦ୍ଧି କରିପାରୁଛନ୍ତି। ଭାରତର ବିଭିନ୍ନ ଶିକ୍ଷାୟତନରେ ସମପରିମାଣରେ ଓଡ଼ିଶାରେ ସମସ୍ତ ଶିକ୍ଷା ପ୍ରତିଷ୍ଠାନରେ ଛାତ୍ରଛାତ୍ରୀମାନେ ପ୍ରୟୋଗାତ୍ମକ ବିଜ୍ଞାନକୁ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ସୂଚନା ପ୍ରଯୁକ୍ତି ଓ ବୈଷୟିକ କ୍ଷେତ୍ରରେ ବିଜ୍ଞାନର ଅବଦାନ ରହିଛି। ସରକାରଙ୍କଠାରୁ ବେସରକାର କ୍ଷେତ୍ରରେ ବିଜ୍ଞାନକୁ ସବୁ ପ୍ରସଙ୍ଗ ଓ ସବୁ କ୍ଷେତ୍ରରେ ପ୍ରୋତ୍ସାହନ ମଧ୍ୟ ଦିଆଯାଉଛି। ବିଶେଷକରି ମହାକାଶ ବିଜ୍ଞାନଠାରୁ ପ୍ରତିରକ୍ଷା ବିଜ୍ଞାନ, ସୂଚନା ପ୍ରଯୁକ୍ତି ଓ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ବିଜ୍ଞାନରେ ନୂଆ ନୂଆ ପାଠ୍ୟଖସଡ଼ା ସ୍ଥାନିତ କରାଯାଇ ପିଲାମାନଙ୍କୁ ବିଜ୍ଞାନର ଉତ୍କର୍ଷତାର ଶିଖରରେ ପହଞ୍ଚାଇବା ପାଇଁ ସମସ୍ତ ଉଦ୍ୟମ ଜାରି ରହିଛି। ଆଜି ଜାତୀୟ ବିଜ୍ଞାନ ଦିବସରେ ସବୁକ୍ଷେତ୍ର ଓ ସବୁମହଲରେ ଏହାର ବ୍ୟାପକତା, ଉନ୍ନତ ଚିନ୍ତାଧାରା ଓ ସଚେତନତାର ବାର୍ତ୍ତା ପ୍ରଚାର ପ୍ରସାର କରିବା ଦ୍ୱାରା ଏହି ଦିବସର ମହତ୍ତ୍ୱ ପ୍ରାସଙ୍ଗିକ ହୋଇପାରିବ।

ଡ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଧର୍ମଶାଳା (ପିଏନ୍): ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଶିବିରକୁ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ବିଭାଗର ମୋଟ ୨୪୨ଜଣ ଭିନ୍ନକ୍ଷମ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୧୨ ଜଣ ଅସ୍ଥିଶଲ୍ୟ ବିଭାଗର ହୋଇଥିବା ବେଳେ ୫୦ଜଣ ମାନସିକ ଅନଗ୍ରସର, ୪୬ଜଣ ଇଏନ୍‌ଟି, ୩୩ଜଣ ଚକ୍ଷୁ ଓ ଜଣଙ୍କୁ ଭେଷକ ବିଭାଗର ଭିନ୍ନକ୍ଷମ ଭାବେ ଚିହ୍ନଟ କରାଯାଇଥିଲା। ଡାକ୍ତର ଅରୁଣ ସାମଲ,ଅସିତ୍ କୁମାର ବିଶ୍ୱାଳ,ଏସ୍.କେ ପଲେଇ,ସୋନାଲି ସାହୁ ଓ ଅନୁପ ଶର୍ମା ଯୋଗଦେଇ ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ଏହି ଅବସରରେ ୩ ଜଣ ଭିନ୍ନକ୍ଷମଙ୍କୁ ବସ୍‌ପାସ୍ ଓ ୨ଜଣଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଥିଲା। ବିଡିଓ ସ୍ମିତା ରଥ,ଏବିଡିଓ ଅସିତ୍ କୁମାର ପାତ୍ର, ପୂର୍ବତନ ଉପାଧ୍ୟକ୍ଷ ଜଳଧର ମହାନ୍ତି, ହିସାବରକ୍ଷକ ନବକିଶୋର ସାହୁ, ସାମାଜିକ ମଙ୍ଗଳ ଅଧିକାରୀ ରାଜଲକ୍ଷ୍ମୀ ମହାପାତ୍ର, ରତିକାନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତେବେ ଅଧିକାଂଶ ଭିନ୍ନକ୍ଷମଙ୍କୁ ଆବଶ୍ୟକ ସରକାରୀ ସହାୟତା ମିଳୁ ନଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ବାରମ୍ବାର ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ହେଉଥିବା ଭୀମଭୋଇ ଭିନ୍ନକ୍ଷମ ଶିବିର ଏବେ ପ୍ରହସନ ପାଲଟିଥିବା ଚର୍ଚ୍ଚା ହେଉଛି।

ଶ୍ରୀ ଗଣେଷ ଶିକ୍ଷାକେନ୍ଦ୍ରର ୧୩ତମ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ

ବ୍ୟାସନଗର (ପି.ଏନ): ଯାଜପୁର ଜିଲ୍ଲାର ଦାନଗଦି ବ୍ଲକ ରଣାଗୁଣ୍ଡି ପଂଚାୟତର ଶୁଳିଆଠାରେ ଅବସ୍ଥିତ ଶ୍ରୀ ଗଣେଷ ଶିକ୍ଷାକେନ୍ଦ୍ରର ୧୩ତମ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଗତ ରବିବାର ସନ୍ଧ୍ୟାରେ ପ୍ରଧାନଶିକ୍ଷକ ଯୋଗେନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଚିକିତ୍ସକ ଅରୁଣ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଏବଂ 'ଉଦୟବଟ'ର ସଂପାଦକ ଦୁଷ୍ମନ୍ତ କୁମାର ରାଉତ ମୁଖ୍ୟବକ୍ତାଭାବେ ଯୋଗଦେଇ ଆଦିବାସୀବହୁଳ ଗ୍ରାମାଂଚଳରେ ଶିକ୍ଷାର ପ୍ରସାର ପାଇଁ ବିଦ୍ୟାଳୟର ପ୍ରଚେଷ୍ଟା ବେଶ ପ୍ରଶଂସନୀୟ ବୋଲି କହିଥିଲେ। ବିଦ୍ୟାଳୟର ସଂପାଦକ ଲାଲବାହାଦୂର ମହାନ୍ତ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ନିର୍ମଳା ମହାନ୍ତ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପରାମର୍ଶଦାତା ନିରଂଜନ ନାୟକ, ସାମ୍ବାଦିକ କପିଳେନ୍ଦ୍ର ମହାନ୍ତ ଓ ସଂଜୀବ ମହାନ୍ତ, ପୂର୍ବତନ ସରପଂଚ ଜୟକୃଷ୍ଣ ମହାନ୍ତ, ରଶ୍ମିକାନ୍ତ ପଣ୍ଡିତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥି ଶ୍ରୀ ରାଉତ ଓ ଶ୍ରୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଅନୁପମା ମହାନ୍ତ, ଅହଲ୍ୟା ମହାନ୍ତ, ତୀର୍ଥବାସୀ ମହାନ୍ତ, ରାକେଶ ବେହେରା, ନିରୁପମା ମହାନ୍ତ, ମମତା ମହାନ୍ତ, ଫୁଲମଣି ହେମ୍ବ୍ରମ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିରଚିଂ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

କୃଷି ଉତ୍ପାଦନ ବୃଦ୍ଧିରେ ପ୍ରାମାଣିକ ବିହନର ଆବଶ୍ୟକତା

ଭୁବନେଶ୍ୱର (ପିଏନ୍): ଆମ ରାଜ୍ୟ ଏକ କୃଷିପ୍ରଧାନ ରାଜ୍ୟ। ରାଜ୍ୟର ଶତକଡ଼ା ୮୫ଭାଗ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। କୃଷିର ଉନ୍ନତି ଉପରେ ରାଜ୍ୟର ଅର୍ଥନୈତିକ ବିକାଶ ନିର୍ଭରଶୀଳ। ଆମ ରାଜ୍ୟରେ ଆଞ୍ଚଳିକ ଭିତ୍ତିରେ କୃଷି ଜଳବାୟୁ ଅନୁଯାୟୀ ବିଭିନ୍ନ ପ୍ରକାରର ଫସଲ ଚାଷ କରାଯାଇଥାଏ। ଆମ ରାଜ୍ୟରେ ଧାନ, ଗହମ, ମକା, ବାଜରା, ମୁଗ, ବିରି, ହରଡ଼ ପ୍ରଭୃତି ଡ଼ାଲି ଜାତୀୟ ଫସଲ ଚାଷ କରାଯାଉଅଛି। ସେହିପରି ତୈଳବୀଜ ଫସଲ ଚିନାବାଦାମ, ରାଶି, ସୋରିଷ, ସୂର୍ଯ୍ୟମୁଖୀ, ଅଳସୀ, ଜଡ଼ା ଏବଂ ତନ୍ତୁ ଜାତୀୟ ଫସଲ କପା, ଝୋଟ ଏବଂ ଉଦ୍ୟାନ କୃଷି ଫସଲ ଫଳ, ପନିପରିବା ଚାଷ କରାଯାଇଥାଏ। ବିଭିନ୍ନ ଫସଲର ଉତ୍ପାଦନ ବୃଦ୍ଧି ଦିଗରେ ଉନ୍ନତ ପ୍ରାମାଣିକ ବିହନର ସର୍ବପ୍ରଥମ ଆବଶ୍ୟକତା ରହିଛି। ଆମ ରାଜ୍ୟରେ ଅଧିକାଂଶ ଫସଲର ଉତ୍ପାଦକତା ଜାତୀୟ ହାର ଠାରୁ କମ୍ ରହିଛି। ଏହାକୁ ବୃଦ୍ଧି କରିବା ପାଇଁ ଉନ୍ନତ ପ୍ରାମାଣିକ ବିହନର ଉପଯୋଗ ଅଧିକ କରିବା ଆବଶ୍ୟକ। ଏହା ନିଶ୍ଚିତ ଯେ, ଅଧିକ ଅମଳକ୍ଷମ ବିହନ ବ୍ୟବହାର ଦ୍ୱାରା ଅଧିକ ଉତ୍ପାଦନ ମିଳେ। ଓଡ଼ିଶାରେ ବିହନର ଚାହିଦା ଯଥେଷ୍ଟ ଅଧିକ ଥିଲେ ମଧ୍ୟ ଉତ୍ପାଦନ ଓ ଯୋଗାଣ କ୍ଷେତ୍ରରେ କେତେକ ବାଧା ସୃଷ୍ଟି ହେବାର ଲକ୍ଷ୍ୟ କରାଯାଇଛି। ଆମ ରାଜ୍ୟ ମୁଖ୍ୟ ଫସଲ ହେଉଛି ଧାନ। ଓଡ଼ିଶାରେ ଯେତେ ଫସଲ ଚାଷୀ କରନ୍ତି, ସେଥିରୁ ୯୦ ଭାଗ ହେଉଛି ଧାନ। ଆମ ରାଜ୍ୟର ଚାଷୀଙ୍କ ବ୍ୟବହାର ପାଇଁ ବର୍ଷକୁ ପ୍ରାୟ ୨୪ଲକ୍ଷ କୁଇଣ୍ଟାଲ ଧାନ ବିହନ ଦରକାର। ଏଥିମଧ୍ୟରୁ ରାଜ୍ୟ ବିହନ ନିଗମ ମୁଖ୍ୟତଃ ପ୍ରାମାଣିକ ଧାନ ବିହନ ନିଜ ଜ୍ଞାନ କୌଶଳରେ ଉତ୍ପାଦନ କରି ଯୋଗାଇଥାଏ। ଚଳିତବର୍ଷ ଖରିଫ୍ ଋତୁରେ ରାଜ୍ୟ ବିହନ ନିଗମ ଜୁଲାଇ ୨୦ ତାରିଖ ସୁଦ୍ଧା ୨ଲକ୍ଷ ୬୦ ହଜାର କୁଇଣ୍ଟାଲ ପ୍ରାମାଣିକ ଧାନ ବିହନ ଚାଷୀଙ୍କୁ ଯୋଗାଇଥିବା ଜଣାପଡ଼ିଛି। ୨୦୧୫-୧୬ରେ ରାଜ୍ୟ ବିହନ ନିଗମ ଓଡ଼ିଶାର ଚାଷୀଙ୍କୁ ୩ଲକ୍ଷ ଟନ ଏବଂ ୨୦୧୬-୧୭ରେ ୩ ଲକ୍ଷ ଟନ ଧାନ ବିହନ ଯୋଗାଇଥିଲା। କିନ୍ତୁ ଏହାର ୫ବର୍ଷ ପୂର୍ବରୁ ୨୦୦୯-୧୦ରେ ୪୦୦୫୨୧ ଏବଂ ୨୦୧୦-୧୧ରେ ୫ଲକ୍ଷ ଟନରୁ ଉର୍ଦ୍ଧ୍ୱ ପ୍ରାମାଣିକ ଧାନ ବିହନ ରାଜ୍ୟ ବିହନ ନିଗମ ଦ୍ୱାରା ଚାଷୀଙ୍କୁ ଯୋଗାଇ ଦିଆଯାଇଥିଲା। ଏହି ପରିସଂଖ୍ୟାନରୁ ଜଣାପଡୁଛି ଯେ, ରାଜ୍ୟ ବିହନ ନିଗମରେ ବର୍ଷକୁ ବର୍ଷ ପ୍ରାମାଣିକ ଧାନ ବିହନର ଉତ୍ପାଦନ ବଢ଼ିବା ପରିବର୍ତ୍ତେ କମିବାରେ ଲାଗିଛି। ଅଧିକ ପ୍ରାମାଣିକ ବିହନ ଉତ୍ପାଦନ କରିବା ଏବଂ ତାକୁ ପ୍ରକ୍ରିୟାକରଣ କରିବାର ଯଥେଷ୍ଟ ଭିତ୍ତିଭୂମି ଥିଲେ ମଧ୍ୟ ଅଧିକ ପ୍ରାମାଣିକ ବିହନ ଉତ୍ପାଦିତ ହୋଇପାରିନଥିବାର କାରଣ କ'ଣ? ନିକଟରେ କୃଷି ବିଭାଗର ଦାୟିତ୍ୱ ନେଇଥିବା ନୂତନ କୃଷିମନ୍ତ୍ରୀ ଏହାର କାରଣ ଅନୁଧ୍ୟାନ କରି ଦେଖିବା ସଙ୍ଗେ ସଙ୍ଗେ ଏହାର ପ୍ରତିକାର ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ପ୍ରାମାଣିକ ବିହନ ଉପଯୋଗ ଦ୍ୱାରା ଅମଳ ପରିମାଣ ଶତକଡ଼ା ୧୫ରୁ ୨୦ ଭାଗ ବୃଦ୍ଧି ଘଟିଥାଏ। ରାଜ୍ୟର ବିହନ ଚାହିଦା ପୂରଣ କରିବା ପାଇଁ ବିହନ ଗ୍ରାମ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ରାଜ୍ୟ କୃଷି ବିଭାଗ, ରାଜ୍ୟ ବିହନ ନିଗମ ଏବଂ ଓଡ଼ିଶା ରାଜ୍ୟ ବିହନ ପ୍ରାମାଣିକରଣ ସଂସ୍ଥା ମିଳିତ ଭାବରେ କାର୍ଯ୍ୟ କରନ୍ତି। ଉନ୍ନତ ମାନର ଗୁଣାତ୍ମକ ବିହନ ଉତ୍ପାଦନ ନିମିତ୍ତ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ଅନୁସରଣ କରାଯାଏ। ଭବିଷ୍ୟତର ବିହନ ଆବଶ୍ୟକତାକୁ ପର୍ଯ୍ୟାଲୋଚନା କରି ପ୍ରଥମତଃ ପ୍ରଜନନ ବିହନ ଓଡ଼ିଶା ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ରାଜ୍ୟରେ ଥିବା ଗବେଷଣା ପ୍ରତିଷ୍ଠାନରୁ ସଂଗ୍ରହ କରାଯାଏ। ଏହି ପ୍ରଜନନ ବିହନ କୃଷି ବିଭାଗ, ରାଜ୍ୟ ବିହନ ନିଗମ ଏବଂ କୃଷି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କ୍ଷେତ୍ର ରେ ଚାଷ କରାଯାଇ ପିଣ୍ଡ ବିହନ ପ୍ରସ୍ତୁତ କରାଯାଏ। ଆବଶ୍ୟକତା ଅନୁଯାୟୀ ସ୍ଥଳବିଶେଷରେ ଅଗ୍ରଣୀ ଚାଷୀମାନଙ୍କ ମଧ୍ୟରେ ପିଣ୍ଡ ବିହନ ପ୍ରସ୍ତୁତ କରାଯାଇଥାଏ। ଏହି ପିଣ୍ଡ ବିହନକୁ ଗ୍ରାମ୍ୟ ବିହନ ଉତ୍ପାଦନ ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥାଏ ଏବଂ ଏଥିରୁ ପ୍ରାମାଣିକ ବିହନ ଉତ୍ପାଦନ କରାଯାଇଥାଏ। ଏହି ପ୍ରାମାଣିକ ବିହନକୁ କୃଷି ବିଭାଗ ବିଭିନ୍ନ ବ୍ଲକରେ ଥିବା ତାହାର ବିକ୍ରୟ କେନ୍ଦ୍ରମାନଙ୍କ ଜରିଆରେ ଚାଷୀଙ୍କୁ ଯୋଗାଇଥାଏ। ଓଡ଼ିଶା ରାଜ୍ୟ ବିହନ ନିଗମ ରାଜ୍ୟରେ ଚାଷ କରାଯାଉଥିବା ବିଭିନ୍ନ ପ୍ରକାର ଫସଲ ବିହନ ଯଥା : ଧାନ, ମକା, ମାଣ୍ଡିଆ, ହରଡ଼, ମୁଗ, ବିରି, ବୁଟ, ମଟର, ଚିନାବାଦାମ, ରାଶି, ସୋରିଷ, ଅଳସୀ ଏବଂ ପନିପରିବା ବିହନ ଗ୍ରାମ ଉତ୍ପାଦନ ଯୋଜନାରେ ଉତ୍ପାଦନ କରିଥାଏ। ଚାଷୀ ନିଜେ ତାର ଚିରାଚରିତ ଭାବେ ଧାନ ବିହନ ରଖି ତାକୁ ବ୍ୟବହାର କରିଥାଆନ୍ତି। ଏହି ଧାନକୁ ପରୀକ୍ଷା କରି ଦେଖାଯାଇଛି ଯେ, ପ୍ରାୟ ଅଧିକାଂଶ ବିଲରେ ଫସଲର ୫ରୁ ୧୫ ଭାଗ ମିଶା ଧାନଗଛ ଓ ବାଲୁଙ୍ଗା (ଅଣଧାନଗଛ) ମିଶି ରହିଛି। ଏହି ମିଶା ଧାନ ଯେ ଅମଳ କମ୍ ହେବା ସହିତ ଏଥିରୁ ରଖିବା ବିହନ ନିମ୍ନମାନର ହୁଏ ଓ ଆଗାମୀ ଫସଲ ଉତ୍ପାଦନ ହ୍ରାସ ପାଏ। ଓଡ଼ିଶାରେ ହାଇବ୍ରିଡ଼ ଧାନ ଚାଷର ପ୍ରବର୍ତ୍ତନ ଏକ ସମୟୋପଯୋଗୀ ପଦକ୍ଷେପ। ମାତ୍ର ଏ ସମ୍ପର୍କୀୟ ଜ୍ଞାନକୌଶଳ ଅନେକ ଚାଷୀଙ୍କ ନିକଟରେ ପହଞ୍ଚିପାରି ନାହିଁ। ସୁତରାଂ ରାଜ୍ୟ କୃଷି ସମ୍ପ୍ରସାରଣ କର୍ମଚାରୀମାନେ ଏ ଦିଗରେ ବିଶେଷ ଯତ୍ନବାନ ହେବା ଆବଶ୍ୟକ। ଡାଲି ଓ ତୈଳଜାତୀୟ ଫସଲ ସାଧାରଣତଃ ଆମ ରାଜ୍ୟରେ ଦ୍ୱିତୀୟ କିମ୍ବା ତୃତୀୟ ଫସଲ ହିସାବରେ ଚାଷ କରାଯାଏ। କିନ୍ତୁ ଏ ପ୍ରକାର ଚାଷ ଆମ ଚାଷୀମାନେ ଠିକ୍ ଭାବରେ କରନ୍ତି ନାହିଁ। ଅଧିକ ଅମଳକ୍ଷମ ବିହନର ବ୍ୟବହାର ମଧ୍ୟ ସୀମିତ। ଫଳରେ ଉତ୍ପାଦନ କମ୍ ହେଉଛି। ଅନୁମୋଦିତ ପ୍ରଣାଳୀରେ ଖତ, ସାର ଓ ଅଧିକ ଅମଳକ୍ଷମ ବିହନର ବ୍ୟବହାର ଦ୍ୱାରା ଆଦାୟ ଯଥେଷ୍ଟ ଅଧିକ ହୋଇପାରିବ, ଏଥିରେ ସନ୍ଦେହ ନାହିଁ। ନୂତନ କୃଷି ନୀତିର ପ୍ରଣୟନ ଓ ପ୍ରଚଳନ ଫଳରେ ଓଡ଼ିଶାର ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ଓ ରାଜ୍ୟର ଅଧିକାଂଶ କ୍ଷୁଦ୍ର, ନାମମାତ୍ର ଓ ଭାଗଚାଷୀ ଆତ୍ମନିର୍ଭରଶୀଳ ହୋଇପାରିବେ। ଆମର କୃଷି ବୈଜ୍ଞାନିକମାନେ ଦିନକୁ ଦିନ ନୂଆ ନୂଆ କିସମର ଅଧିକ ଅମଳକ୍ଷମ ବିହନ ଉତ୍ପାଦନ କରି ଚାଷୀଙ୍କୁ ଯୋଗାଇବାକୁ ସମର୍ଥ ହୋଇପାରିଛନ୍ତି। କିନ୍ତୁ ଆମର ଚାଷୀ ଏହି ବିହନକୁ ବ୍ୟବହାର କରିବାର ଜ୍ଞାନକୌଶଳ ଶିଖିନାହାଁନ୍ତି। ଏଥିପାଇଁ ସେମାନଙ୍କୁ ପ୍ରଶିକ୍ଷଣ ମାଧ୍ୟମରେ ସଚେତନ କରାଇବାର ଆବଶ୍ୟକତା ରହିଛି।

(ସୌଜନ୍ୟ: ଗୋଲକବିହାରୀ ନାୟକ, ପୂର୍ବତନ ଅଧ୍ୟକ୍ଷ, ଓଡ଼ିଶା ରାଜ୍ୟ ବିହନ ନିଗମ, ଫୋନ୍-୯୪୩୭୩୧୮୭୩୧)

ଓଡ଼ିଶାରେ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀ

ସୁଦୀର୍ଘ ବେଳାଭୂମି ଓ ସାମୁଦ୍ରିକ ତଟ ଅଞ୍ଚଳକୁ ନେଇ ସମଗ୍ର ବିଶ୍ୱରେ ଗୌରବର ବାନା ଉଡାଉଥିବା ଓଡ଼ିଶା ପାଇଁ ଏହି ପ୍ରାକୃତିକ ସମ୍ପଦ ଏବେ କାଳ ହେବାକୁ ଯାଉଛି। ଓଡ଼ିଶାର ଦୀର୍ଘ ବେଳାଭୂମି ସହ ଘଞ୍ଚ ଜଙ୍ଗଲ ବାତ୍ୟା ଓ ସୁନାମୀକୁ ମୁକାବିଲା କରୁଥିବାବେଳେ କିନ୍ତୁ ପରବର୍ତ୍ତୀ ସମୟରେ ଏହି ବେଳାଭୂମିର ଅଧିକାଂଶ ଜଙ୍ଗଲ ମାଫିଆଙ୍କ ହାତରେ ପଡ଼ି ଚାଷ ଜମିରେ ପରିଣତ ହେଲା। ସେହିପରି ବାଲେଶ୍ୱରରୁ କେନ୍ଦ୍ରାପଡ଼ାର ରାଜନଗର ଓ ପାରାଦ୍ୱୀପକୁ ଛୁଇଁଥିବା ସମୁଦ୍ରତଟ ଏବେ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀଙ୍କ ଚରାଭୂମି ପାଲଟିଛି। ବାଙ୍ଗଲାଦେଶରେ ବେରୋଜଗାରୀ ଓ ଥଇଥାନ ମୁଖ୍ୟ ପ୍ରସଙ୍ଗ ହୋଇଥିବାରୁ ଓଡ଼ିଶାର ଖୋଲାମେଲା ସମୁଦ୍ରତଟ ଏହି ଅନୁପ୍ରବେଶକାରୀଙ୍କ ଜୀବନ ଜୀବିକାର କେନ୍ଦ୍ର ପାଲଟିଛି। ବିଭାଜନ ପୂର୍ବରୁ ପୂର୍ବବଙ୍ଗ ତଥା ପଶ୍ଚିମବଙ୍ଗ ଭିତରେ ସୀମାବର୍ତ୍ତୀ କୌଣସି ନିୟନ୍ତ୍ରଣ ବା କଟକଣା ନଥିବାରୁ କିଛି ଦିନ ଏହା ରୟାଲ ବେଙ୍ଗଲ ଟାଇଗରର କ୍ଷେତ୍ରସ୍ଥଳୀ ପାଲଟିଥିଲା। ମାଛଧରା ଜୀବିକା କେବଳ ବାଙ୍ଗଲାଦେଶୀ ନୁହେଁ ତଟବର୍ତ୍ତୀ ଓଡ଼ିଆଙ୍କ ଜୀବନ ଜୀବିକା ଥିଲା। ତେବେ ଏହି ବାଙ୍ଗଲାଦେଶୀ ଅନୁପ୍ରବେଶକାରୀ ଯେ ବିନା ସରକାରୀ ଓ ସ୍ଥାନୀୟ ପ୍ରୋତ୍ସାହନରେ ସେମାନଙ୍କ ପ୍ରଭାବ ବିସ୍ତାର କରିଛନ୍ତି ତାହାନୁହେଁ। ସେମାନେ ନିଜର ଜୀବିକା ସହ ଜଡ଼ିତ ଥିବା ଓଡ଼ିଶା ମତ୍ସ୍ୟଜୀବୀ ମାନଙ୍କ ସହ ସୁସମ୍ପର୍କ, ସ୍ଥଳବିଶେଷରେ ପାରିବାରିକ ସମ୍ପର୍କ ରଖି ସ୍ଥାନୀୟ ଗାଁ ମୁଖିଆ, ବନକର୍ମଚାରୀ, ତଟବନରକ୍ଷୀ ଓ ପୁଲିସକୁ ସନ୍ତୁଷ୍ଟ କରି ନିଜ ଯୋଜନାକୁ ସଫଳ କରିବାକୁ ସକ୍ଷମ ହୋଇଛନ୍ତି। କେବଳ ମାଛଧରି ନୁହେଁ ଜଙ୍ଗଲରୁ ବିଭିନ୍ନ ଜଙ୍ଗଲୀ ପଶୁ ହରିଣ, ବରାହ ମାରି ମାଂସ ଓ ଚମଡ଼ାର ଚୋରା ବ୍ୟାପର କରୁଛନ୍ତି। ଓଡ଼ିଶାର ତଟଦେଶରେ ଥିବା ଓଡ଼ିଆମାନେ ୧୯୬୭, ୧୯୭୨ ଓ ପରେ ୧୯୯୯ର ମହାବାତ୍ୟାକୁ ସାମ୍ନା କରିଛନ୍ତି। ଇତିହାସର ପୃଷ୍ଠା ଦେଖିଲେ ଜଣାଯାଏ ପୂର୍ବବଙ୍ଗରେ ମୁସିଲିମ୍ ଲିଗ୍ ଶକ୍ତିଶାଳୀ ଥିବାବେଳେ ସେ ସମୟରେ ଲକ୍ଷ ଲକ୍ଷ ହିନ୍ଦୁମାନଙ୍କ ଉପରେ ଦମନଲୀଳା କରିବାକୁ ସେମାନଙ୍କ ନେତା ସୁରାବର୍ଦ୍ଦି ପ୍ରବର୍ତ୍ତାଇଥିଲେ। ସେଠାରେ ଅସଂଖ୍ୟ ହିନ୍ଦୁମାନଙ୍କୁ ହତ୍ୟା କରାଯିବା ସହ ସେମାନଙ୍କ ସମ୍ପତିବାଡ଼ିକୁ ଧୂଳିସାତ୍ କରି ମହିଳା ଓ ଯୁବତୀମାନଙ୍କୁ ବଳାତ୍କାର କରାଗଲା ଯାହାଦ୍ୱାରା ଲକ୍ଷ ଲକ୍ଷ ହିନ୍ଦୁ ସମୁଦ୍ର ପଥ ଦେଇ ଭାରତକୁ ପଳାୟନ କରିଥିଲେ। ଯେଉଁମାନେ କି ହିନ୍ଦୁ ହୋଇ ମଧ୍ୟ ଶରଣାର୍ଥୀର ସ୍ଥାନ ପାଇଲେ। ତେବେ ୧୯୭୧ ବଙ୍ଗଳାଦେଶର ଜାତୀୟ ମୁକ୍ତି ସଂଗ୍ରାମ ବେଳେ ପାକିସ୍ଥାନର ସୈନ୍ୟମାନଙ୍କ ହିନ୍ଦୁମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ପରେ ପୁନର୍ବାର ଶରଣାର୍ଥୀଙ୍କ ସୁଅ ଛୁଟିଲା। ବାଙ୍ଗଲାଦେଶୀ, ଆସାମ, ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଓ ବିହାରରେ ଶରଣାର୍ଥୀଙ୍କୁ ଯେଉଁ ବିପୁଳ ସ୍ରୋତ ସୃଷ୍ଟି ହେଲା ତାହା କେତେକାଂଶରେ ଧର୍ମଭିତ୍ତିକ ହୋଇ ଭିନ୍ନ ଏକ ଶ୍ରେଣୀ ସଂଗ୍ରାମର ଲଢ଼େଇ ସୃଷ୍ଟି କଲା। ନୂଆ ବଙ୍ଗଳା ଦେଶ ସୃଷ୍ଟି ହେବାପରେ ଦେଶର ସାମର୍ଥ୍ୟ ନଥିବାରୁ ଅନେକ ନାଗରିକ ବିଭିନ୍ନ ଦେଶକୁ ଛୋଟ ମୋଟର କାମଦାମ ପାଇଁ ଦେଶାନ୍ତର ହେଲେ। ଆଜି ବି ଖୁବ୍ ମଜୁରୀରେ ଭଲ କଳା ନିର୍ମାଣରେ ସିଦ୍ଧହସ୍ତ ବାଙ୍ଗଲାଦେଶୀ ରାଜମିସ୍ତ୍ରୀ, ବଢ଼େଇ, ରଙ୍ଗମିସ୍ତ୍ରୀ ଓ ଗାଡ଼ି କାରିଗରଙ୍କ ଚାହିଦା କେବଳ ଓଡ଼ିଶାରେ ନୁହେଁ ଭାରତର ବିଭିନ୍ନ ରାଜ୍ୟରେ ରହିଛି। ତେବେ ବିପୁଳ ସଂଖ୍ୟକ ବାଙ୍ଗଲାଦେଶୀ ଓଡ଼ିଶା ସରକାରଙ୍କ କଡ଼ା ନଜର ତଳେ ସ୍ଥାନୀୟ ଲୋକଙ୍କ ଓ ପ୍ରଶାସନର ସହଯୋଗ ନେଇ ଦିନକୁ ଦିନ ଓଡ଼ିଶାରେ କାୟା ବିସ୍ତାର କରୁଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଅସାମାଜିକ ତତ୍ତ୍ୱ ଓ ବିଭିନ୍ନ ଆତଙ୍କବାଦୀ ସଂଗଠନ ସହ ଜଡ଼ିତ ରହି ବିଭିନ୍ନ ଚୋରା ଚାଲାଣ ବେଆଇନ କାର୍ଯ୍ୟକ୍ରମରେ ସାମିଲ ହେବା ବର୍ତ୍ତମାନର ସରକାରଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ସ୍ଥାନୀୟ କୁଜିନେତା ଓ ପ୍ରଶାସନକୁ ହାତ କରି ଭୋଗରାଗ ଦେଇ ସ୍ଥାନୀୟ ଭୋଟର ଭାବେ ସାମିଲ ହୋଇ ସରକାରୀ ଦଳର ବଡ଼ ଭୋଟ ବ୍ୟାଙ୍କ ସାଜିଥିବାରୁ ସରକାର ଓ ଦଳ ଅନେକ ସମୟରେ ନୀରବ ରହୁଛନ୍ତି। ଅନେକ ହୁଏତ ଜାଣି ନ ଥିବେ ଆଜି ବି ଓଡ଼ିଶାରେ ବେଆଇନ ଭାବେ ଅନୁପ୍ରବେଶ କରୁଥିବା ଅନେକ ବାଙ୍ଗଲାଦେଶୀ ଯେଉଁପରି ଭାବରେ ଖୁବ୍ କମ୍ ସମୟ ଭିତରେ ଭୋଟର କାର୍ଡ଼, ରେସନ କାର୍ଡ଼, ଆଧାର କାର୍ଡ଼, ଜବ କାର୍ଡ଼ ପାଇବା ସହ ଇନ୍ଦିରା ଆବାସ, ମନୋରେଗା ଯୋଜନା ଓ ସରକାରଙ୍କ ସରକାରୀ ବ୍ୟବସ୍ଥିତ ଅଙ୍ଗନବାଡ଼ିର ସୁବିଧା ସୁଯୋଗ ପାଇବା ସହ ସେମାନଙ୍କ ମଧ୍ୟରୁ କିଛି ମଧ୍ୟ ଓଡ଼ିଶାରେ ସରକାରୀ କର୍ମସଂସ୍ଥାନରେ ଯୋଗ ଦେବା ପାଇଁ ସକ୍ଷମ ହୋଇଛନ୍ତି। ଓଡ଼ିଶା ସରକାର ନିଜ ଭୋଟବ୍ୟାଙ୍କୁ ସୁଦୃଢ଼ କରୁଥିବାରୁ ଏମାନଙ୍କୁ ଆଖିବୁଜା ସମର୍ଥନ ଦେଉଥିବାବେଳେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଶକ୍ତିଶାଳୀ ସରକାର ଦଳ ଅପେକ୍ଷା ଦେଶର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ବିଭିନ୍ନ ଦେଶର ଅନୁପ୍ରବେଶକାରୀଙ୍କ ଉପରେ କଡ଼ା ନଜର ରଖୁଛନ୍ତି। ଏମାନଙ୍କୁ ନେଇ ଭୋଟବ୍ୟାଙ୍କ ରାଜନୀତି କରୁଥିବା ବିରୋଧୀ ଦଳମାନେ ଏ କ୍ଷେତ୍ରରେ ନରେନ୍ଦ୍ର ମୋଦିଙ୍କ ସରକାରଙ୍କୁ ନିନ୍ଦା କରିବା ଜାତୀୟତା ବିରୋଧି କହିଲେ ଅତ୍ୟୁକ୍ତି ହେବନାହିଁ। ସମଗ୍ର ବିଶ୍ୱରେ ଭାରତ ଦ୍ରୁତ ପ୍ରଗତି ଓ ଅଭିବୃଦ୍ଧିରେ ନିଜକୁ ଯଥେଷ୍ଟ ଅଗ୍ରଗତିରେ ପହଞ୍ଚାଇ ସାରିଥିବା ବେଳେ ଏହିପରି ଅନେକ ଅନୁପ୍ରବେଶକାରୀ ଆତଙ୍କବାଦୀ ସାଜି ଦେଶର ଧନଜୀବନ ସୁରକ୍ଷା ପାଇଁ ଭୟଙ୍କର ବିପଦ ସାଜିଛନ୍ତି। ଭାରତରେ ପ୍ରତିଦିନ ଏହି ମାନଙ୍କ କାରଣରୁ ରକ୍ତପାତ ହୋଇ ଆମର ଅତିପ୍ରିୟ ଦେଶ ସେବକ ଯୋଦ୍ଧା ବୀରବାହିନୀ ସୈନିକମାନେ ଓ ପୁଲିସ ଭାଇମାନେ ନିଜ ମୂଲ୍ୟବାନ ଜୀବନକୁ ଦେଶ ମାତୃକାର ସୁରକ୍ଷା ପାଇଁ ବଳୀଦାନ ଦେଉଛନ୍ତି। ଏହି ତଥାକଥିତ ବାଙ୍ଗଲାଦେଶୀ ମାନେ କେବଳ ଓଡ଼ିଶା ନୁହେଁ ଭାରତର ଶକ୍ତି, ସାମର୍ଥ୍ୟକୁ ଲୁଣ୍ଠନ କରିବା ସହ ଯାବତୀୟ ବେଆଇନ କାର୍ଯ୍ୟକ୍ରମ କରି ଭାରତୀୟ ସ୍ୱାଭିମାନୀ ନାଗରିକଙ୍କ ନିଜ ଅଧିକାର ଓ ହକ୍‌କୁ ସେମାନେ ଛଡ଼ାଇ ନେଉଛନ୍ତି। ଆସାମର ଘଟଣା ସହ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଆଜି ଲକ୍ଷ ଲକ୍ଷ ଭାରତୀୟମାନେ ଏହି ଅନୁପ୍ରବେଶକାରୀ ଆତଙ୍କବାଦୀଙ୍କ ଅତ୍ୟାଚାରର ଶିକାର ହେଉଛନ୍ତି। କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ନେତୃତ୍ୱରେ ଜାତୀୟ ନାଗରିକ ପଞ୍ଜିକା କାର୍ଯ୍ୟକ୍ରମ ଆସାମରେ କରାଇବା ଦ୍ୱାରା ଚାଳିଶ ଲକ୍ଷରୁ ଉର୍ଦ୍ଧ୍ୱ ବେଆଇନ ବାଙ୍ଗଲାଦେଶୀ ଚିହ୍ନଟ ହୋଇପାରିଛନ୍ତି। କିନ୍ତୁ ସମଗ୍ର ଭାରତର ବିଭିନ୍ନ ରାଜ୍ୟରେ ଏମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ଥିବା ସମୟରେ ଆଗାମୀ ଦିନରେ ଭାରତୀୟଙ୍କ ପାଇଁ ନିଶ୍ଚିନ୍ତ ଭାବରେ ବିପଦ ବଢ଼ିବାରେ ଲାଗିବ। ଏହି କ୍ରମରେ ଦେଖିଲେ ଶାନ୍ତିପ୍ରିୟ ଓ ଜଗନ୍ନାଥ ଦେଶ ଭାବେ ପରିଚିତ ଓଡ଼ିଶା ମଧ୍ୟ ଯେ ଅଶାନ୍ତ ନ ହେବ ତାହା କହିହେବନାହିଁ। ତେଣୁ ତୁରନ୍ତ ଏହି ବେଆଇନ ଅନୁପ୍ରବେଶକାରୀ ଓ ଅସାମାଜିକ ତତ୍ତ୍ୱମାନଙ୍କୁ ସପ୍ରମାଣେ ଧରି ସେମାନଙ୍କୁ ସେମାନଙ୍କ ନିଜ ଦେଶକୁ ପଠାଇବା ଅପରିହାର୍ଯ୍ୟ।

ଡାକ୍ତର ନୀଳମାଧବ ପୃଷ୍ଟି, ପାଣିକୋଇଲି, ଯାଜପୁର, ଦୂରଭାଷ : ୯୪୩୯୪୮୬୨୫୨୬

କେନ୍ଦ୍ରାପଡ଼ା ଜିଲ୍ଲାର ଉନ୍ନତି ପାଇଁ ଉଦ୍ୟମ ହେଉନାହିଁ କାହିଁକି ?

ପଟ୍ଟାମୁଣ୍ଡାଇ (ଓଏନ୍‌ଏସ୍) (ଆଇଏନ୍‌ଏସ୍): ରାଜ୍ୟ ରାଜନୀତିରେ ଏକଦା ପ୍ରମୁଖ ଭୂମିକା ରହିଥିବା କେନ୍ଦ୍ରାପଡ଼ା ଜିଲ୍ଲା କିଛି ବର୍ଷ ତଳୁ ରାଜନୈତିକ ଆକ୍ରୋଶର ଶିକାର ହୋଇ ଚାଲିଛି। ସବୁ ସରକାରୀ ଯୋଜନା ଫେଲ୍ ମାରିଛି। କୌଣସିଟିର ଲକ୍ଷ୍ୟ ସାଧନ ହୋଇନାହିଁ। ଉପକୂଳବାସୀଙ୍କର ସୁରକ୍ଷା ପାଇଁ ବିଜୁ ପଟ୍ଟନାୟକ ୧୯୭୨ ଏପ୍ରିଲ୍ ୪ରେ ଧାମରା ମୁହାଣ ଠାରୁ ମହାନଦୀ ତ୍ରିକୋଣଭୂମି (ପାରାଦୀପ) ପର୍ଯ୍ୟନ୍ତ ବରୁଣେଇ ଦେଇ ବିଶାଳ ପଥର ପନ୍ଥ ନିର୍ମାଣ କରାଇବାକୁ ଘୋଷଣା କରିଥିଲେ। ଏଯାଏ ତାହା ସମ୍ଭବ ହୋଇ ପାରିନାହିଁ। ପ୍ରତି ମୁହୂର୍ତରେ ଧ୍ୱଂସ ପାଇ ଚାଲିଛି ଉପକୂଳ ଝାଉଁଜଙ୍ଗଲ। ୧୯୮୦ ରେ ବରୁଣେଇ ନିକଟସ୍ଥ ଜଗରିଜୋର ଠାରେ ସରକାର ଓ ବିଶ୍ୱବ୍ୟାଙ୍କର ମିଳିତ ସହାୟତାରେ ବିଶାଳ ହେନ୍ତାଳବଣ ଧ୍ୱଂସ କରାଯାଇ ଏକ ନଡ଼ିଆ ଚାଷ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ପୁନଶ୍ଚ ୧୯୯୪ରେ ସେହି ସ୍ଥାନରେ ବିଶ୍ୱବ୍ୟାଙ୍କ୍ ସହାୟତାରେ ବାକି ଥିବା ହେନ୍ତାଳବଣ ଧ୍ୱଂସ କରାଯାଇ ଏକ ଚିଙ୍ଗୁଡ଼ି ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ହେଲେ ଅଳ୍ପ କିଛି ବର୍ଷ ପରେ ଏହି ୨ଟି ପ୍ରକଳ୍ପ ବିଫଳ ହୋଇଥିଲା। ଜିଲ୍ଲାରେ ରାସ୍ତାଘାଟ ସମସ୍ୟା ଗମ୍ଭୀର ରହିଛି। ଆଜି ମଧ୍ୟ ବିଭିନ୍ନ ଗାଁ, ପଂଚାୟତ ଓ ବ୍ଲକ୍ ସଦର ମହକୁମା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି। ବହୁ ରାସ୍ତା କିଛି ବର୍ଷ ତଳୁ ମରାମତି ହୋଇନାହିଁ। ୧୫ରୁ ଉର୍ଦ୍ଧ୍ୱ ନିର୍ମାଣାଧୀନ ନଦୀ ସେତୁ ଦୀର୍ଘ ବର୍ଷ ତଳୁ ଅଧାପନ୍ତରିଆ ଭାବେ ପଡ଼ି ରହିଛି। ସମୁଦ୍ର ତଟବର୍ତୀ ଗାଁ ଗୁଡ଼ିକର ଅବସ୍ଥା ସାଂଘାତିକ ଅବସ୍ଥାରେ ରହିଛି। ଅନେକ ଗାଁ ବଙ୍ଗୋପସାଗର ଓ ହଂସୁଆ ନଦୀର ମହାପ୍ଲାବନରେ ମିଳେଇ ଯାଇଛି। ରାଜନଗରର କେତେକ ଗାଁ ବଙ୍ଗୋପସାଗରର ପ୍ରକୋପକୁ ସାମ୍ନା କରି ନପାରି ମହାପ୍ଲାବନରେ ଲୀନ ହୋଇଯାଇଛି। ଲୁଣା ଘେରିବନ୍ଧ ଦୁର୍ବଳ ଥିବାରୁ ସମୁଦ୍ରରୁ ଲୁଣି ପାଣି ଆସି ଭେଡ଼ା ଭିତରେ ପଶୁଛି ଓ ଫସଲ ହାନୀ ହେଉଛି। ଜଳସେଚନ ବ୍ୟବସ୍ଥା ଜିଲ୍ଲାବାସୀଙ୍କ ପାଇଁ ଯେମିତି ସ୍ୱପ୍ନ। କେତେକ ଅଂଚଳରେ ଅନେକ ବର୍ଷ ତଳେ କେନାଲ୍ ଖୋଳା କାମ ଆରମ୍ଭ ହୋଇ ଆଜି ମଧ୍ୟ ତାହା ଅଧାପନ୍ତରିଆ ଭାବେ ପଡ଼ିରହିଛି। ଲୁଣା ଘେରିବନ୍ଧ ଓ ବନ୍ୟା ଘେରିବନ୍ଧ ନିର୍ମାଣ ବା ମରାମତି ନାଁରେ ରାଜନୀତିକ ପ୍ରୋତ୍ସାହନରେ ଫର୍ଜରୀ ବିଲ୍ କରାଯାଇ ଶହଶହ କୋଟି ଟଙ୍କା ଲୁଟ୍ କରାଯାଉଛି। ବେଣାକନ୍ଦା ଠାରୁ ତନ୍ତିଆପାଳ ପର୍ଯ୍ୟନ୍ତ ୧୩ କି.ମି. ଗୋବରୀ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ପାଇଁ ୩୦ବର୍ଷ ତଳେ ନିଷ୍ପତି ନିଆଯାଇଥିଲେ ହେଁ ବାସ୍ତବ କ୍ଷେତ୍ରରେ ଏଯାଏ ଏହି ଲୋକହିତକର କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ତେବେ ଜିଲ୍ଲାର ବିକାଶରେ ରାଜନୀତିକ ଇଚ୍ଛା ଶକ୍ତିର ଘୋର ଅଭାବ ରହିଥିବା ସାଧାରଣରେ ଆଲୋଚନା ହେଉଛି।

DISPLAY CLASSIFIED

FOR ADVERTISEMENT
CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web :www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG.,
Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web :www.maharishipublicschool.com

ରାଜଘାଟରେ ମହାତ୍ମା ଗାନ୍ଧୀଙ୍କ ସମାଧୀ ପିଠରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ମିଆଁମାର ରାଷ୍ଟ୍ରପତି ଓ ତାଙ୍କ ଧର୍ମପତ୍ନୀ

ଖାଉଟିଙ୍କ ସୁରକ୍ଷା ପାଇଁ ସରକାର ଅଧିକ କ୍ରିୟାଶୀଳ ହୁଅନ୍ତୁ

ଭୁବନେଶ୍ୱର (ପିଏନ) ରାଜ୍ୟରେ ଖାଉଟିଙ୍କ ସୁରକ୍ଷା ନିମନ୍ତେ ୩୦ଗୋଟି ଜିଲ୍ଲାରେ ଜିଲ୍ଲା ଖାଉଟି ବିବାଦ ସମାଧାନ ମଞ୍ଚ ରହିଥିବାବେଳେ ପାଖାପାଖି ୧୫ରୁ ଅଧିକ ଜିଲ୍ଲାରେ କାର୍ଯ୍ୟକାରିତା ଠିକ୍ ଭାବରେ କରୁନାହିଁ । ପ୍ରାୟତଃ ଜିଲ୍ଲାରେ ଖାଦ୍ୟ ନିରୀକ୍ଷକ, ଡ୍ରଗ୍ ଇନିସ୍ୱେକ୍ଟର, ଲିଗାଲ ମେଟ୍ରୋଲୋଜିଙ୍କର ଅଭାବ ପରିଲକ୍ଷିତ ହେଉଛି । ଏଥିପାଇଁ ତୁରନ୍ତ ନିଯୁକ୍ତି ବ୍ୟବସ୍ଥା ସହ ଆବଶ୍ୟକୀୟ ସମନ୍ୱୟ ସୃଷ୍ଟି କରାଯିବା ଦରକାର ବୋଲି ସ୍ଥାନୀୟ ସିଓ୍ୱାଇଏସ୍ଡି ସଭାକକ୍ଷଠାରେ, ଖାଉଟି ସୁରକ୍ଷା ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଖାଉଟି ସୁରକ୍ଷା ସଂପର୍କୀତ ଏକ ଦିବସୀୟ କର୍ମଶାଳାରେ ମତ ପ୍ରକାଶ ପାଇଛି । ଆଗାମୀ ଦିନରେ ସରକାର ଜିଲ୍ଲା ଓ ରାଜ୍ୟ ସ୍ତରରେ କେସ୍ ଫଇସଲା ବ୍ୟବସ୍ଥା, ଅନୁଦାନ ରାଶିର ସଠିକ୍ ବିନିଯୋଗ ଓ ଶୁଣାଣି ଉପରେ ଗୁରୁତ୍ୱ ଦେବା ଓ ଏହାର କମ୍ପ୍ୟୁଟରୀକରଣ କରି ସର୍ବସାଧାରଣରେ ପ୍ରକାଶ କରିବା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରତିନିଧିମାନେ ମତ ପ୍ରକାଶ କରିଛନ୍ତି । ଉକ୍ତ କର୍ମଶାଳାରେ ଆଡ୍‌ଭୋକେଟ୍ ଗୌରିଶ୍ୟାମ ପଣ୍ଡା, ଖାଉଟି ସମନ୍ୱୟ କାଉନ୍‌ସିଲ ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ନିଳାମ୍ବର ମିଶ୍ର ଓ ଶରତ କୁମାର ନାୟକ ପ୍ରମୁଖ ବକ୍ତବ୍ୟ ରଖିବା ସହ ଖାଉଟିର ଅଧିକାର ସମସ୍ତଙ୍କୁ ସଠିକ ଭାବରେ ମିଳିବା ଦରକାର ବୋଲି ଗୁରୁତ୍ୱାରୋପ କରିଥିଲେ ଓ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଆଗାମୀ ଦୁଇମାସ ପାଇଁ ଏକ କାର୍ଯ୍ୟଖସଡା ପ୍ରସ୍ତୁତ ହୋଇଥିଲା ।

ଓଭରଲୋଡିଂ ସହ ବେପରୁଆ ଗାଡି ଚାଳନା : ଦୁର୍ଘଟଣାକୁ କରୁଛି ସ୍ୱାଗତ

ଭଦ୍ରକ, (ପିଏନ)- ଚଳିତ ୨୦୨୦ ନୂଆବର୍ଷ ଆରମ୍ଭରୁ ଭଦ୍ରକ ଦେଇ ଗତି କରିଥିବା ୧୬ନଂ ଜାତୀୟ ରାଜପଥର ଭଣ୍ଡାରିପୋଖରୀ ଠାରୁ ସୋର ମଧ୍ୟରେ ସଡକ ଦୁର୍ଘଟଣାର ମାତ୍ରା ବୃଦ୍ଧି ପାଇଥିବା ପରି ଅନୁଭୂତ ହେଉଛି। ସଡକ ଦୁର୍ଘଟଣା ହ୍ରାସ କରିବା ପାଇଁ ସରକାରଙ୍କ ତରଫରୁ 'ସଡକ ସୁରକ୍ଷା ସପ୍ତାହ' ପରି ନାନା ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଥିବା ସତ୍ତ୍ୱେ ଗାଡି ମାଲିକ ଓ ଚାଳକମାନେ ସଡକ ଦୁର୍ଘଟଣା ହ୍ରାସ କରିବା ଦିଗରେ ସଚେତନ ହେଉନଥିବା ପରିତାପର ବିଷୟ। ଭାରୀ ଯାନ ଠାରୁ ଆରମ୍ଭ କରି ହାଲକା ଯାନ ଓ ବାଇକ୍ ସ୍କୁଟର ପ୍ରଭୃତିର ଦୃତ ଗତି ଓ ବେପରୁଆ ଗାଡି ଚାଳନା ଉପରେ ସଡକ ଓ ପରିବହନ ବିଭାଗ ତରଫରୁ କଡାକଡି ଭାବେ ଅଂକୁଶ ନଯିବା ପର୍ଯ୍ୟନ୍ତ ଦୁର୍ଘଟଣାର ମାତ୍ରା ହ୍ରାସ କରାଇବା ସହଜ ମନେ ହେଉନାହିଁ। ଏ ଦିଗରେ ସଂପୃକ୍ତ ବିଭାଗ ସୁଚିନ୍ତିତ ଓ ସୁନୟନ୍ତ୍ରିତ ପଦକ୍ଷେପ ନେବା ନିତ୍ୟାନ୍ତ ଜରୁରୀ ମନେହୁଏ। ୧୬ନଂ ଜାତୀୟ ରାଜପଥର ଭଦ୍ରକ କଲେଜ ଛକ ଓଭରବ୍ରିଜ୍ ଠାରୁ ମୋଟେଲ ଛକ ଦେଇ ଚରମ୍ପା ପର୍ଯ୍ୟନ୍ତ ରାସ୍ତା ନବୀକରଣ କାର୍ଯ୍ୟ ଯୋଗୁଁ ସିଙ୍ଗଲ ରୋଡ୍ ରୂପେ ବର୍ତ୍ତମାନ ଉଭୟ ପାର୍ଶ୍ୱର ଗାଡି ବିପଦଶଙ୍କୁଳ ଅବସ୍ଥାରେ ଯାତାୟତ କରୁଥିବାବେଳେ କେତେକ ଓଭରଲୋଡିଂ ହୋଇଥିବା ଭାରିଯାନ ସମେତ ହାଲକା ଯାନ ଓ ବାଇକ୍ ପ୍ରଭୃତିର ବେପରଓ୍ୱା ଗାଡି ଚାଳନା ସେମାନଙ୍କ ନିଜ ପାଇଁ ଦୁର୍ଘଟଣାର କାରଣ ହେବା ସଂଗେ ଅନ୍ୟକୁ ମଧ୍ୟ ଦୁର୍ଘଟଣାଗ୍ରସ୍ତ କରାଇବାର ସମ୍ଭାବନାକୁ ଆମନ୍ତ୍ରଣ କରୁଛି। ବିଶେଷକରି କୁହୁଡି ଘେରା ରାତ୍ରୀ ହେଉ ବା ସକାଳ ହେଉ କୁହୁଡି ଘେରି ରହିଥିବା ସମୟରେ ହିଁ ଅଧିକ ଦୁର୍ଘଟଣା ଘଟୁଥିବାର ନଜରି ରହିଥିବାରୁ ଏହି ସମୟରେ ସର୍ବାଧିକ ସତର୍କତା ଅବଲମ୍ବନ କରିବା ଯେପରି ଗାଡି ଚାଳକ ପାଇଁ ଗୁରୁତ୍ୱପୂର୍ଣ୍ଣ ସେହିପରି କୁହୁଡି ସମୟରେ ଚଳପ୍ରଚଳ ହେଉଥିବା ଯାନମାନଙ୍କ ଗତିବିଧି ନିୟନ୍ତ୍ରଣ ପାଇଁ ସଂପୃକ୍ତ ବିଭାଗ ତରଫରୁ ଆବଶ୍ୟକୀୟ ଆଇନଗତ କଟକଣା ମଧ୍ୟ ଜରୁରୀ ହୋଇପଡିଛି। ତେଣୁ ଏ ଦିଗରେ ବିଭାଗୀୟ ତୀକ୍ଷ୍ଣ ଦୃଷ୍ଟି ପାଇଁ ବୁଦ୍ଧିଜୀବୀ ମହଲ ଓ ସାଧାରଣରେ ଦାବି ହୋଇଛି।

ସାମ୍ବାଦିକ ଆଦିତ୍ୟ ରଣସିଂହଙ୍କ ଏକାଦଶାହ ଉପଲକ୍ଷେ ଜଟଣୀ ପ୍ରେସ କ୍ଲବ ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଜଟଣୀ,(ପିଏନ)-ବାଙ୍କୀ ବୈଦେଶ୍ୱର କଢାମଲ ପଚାଂୟତର କାର୍ଯ୍ୟରତ ସାମ୍ବାଦିକ ଆଦିତ୍ୟ ରଣସିଂହଙ୍କୁ ଚଳିତ ମାସ ୧୫ ତାରିଖରେ କେତେକ ଦୁର୍ବୃତ ସେହି ଅଂଚଳରେ ହତ୍ୟା କରିଥିବା ଘଟଣା ସାରା ରାଜ୍ୟରେ ଚାଂଚଲ୍ୟ ସୃଷ୍ଟି କରିଥିଲା। ମଙ୍ଗଳବାର ଏକାଦଶାହ ଉତ୍ସବର ଆୟୋଜନ ହୋଇଥିବା ବେଳେ ଏହି ପରିପ୍ରେକ୍ଷୀରେ ଆଜି ଜଟଣୀ ପ୍ରେସ କ୍ଲବ ପକ୍ଷରୁ ସ୍ଥାନୀୟ ରାମଚନ୍ଦ୍ରପୁର ସ୍ଥିତ ସ୍ଥାୟୀ କାର୍ଯ୍ୟାଳୟରେ ସ୍ୱର୍ଗତ ଶ୍ରୀ ରଣସିଂହଙ୍କ ଶ୍ରଦ୍ଧାଜଂଳି ଉତ୍ସବ ଆୟୋଜନ ହୋଇଥିଲା। ଜଟଣୀ ପ୍ରେସ କ୍ଲବର ସଭାପତି ବିରଚିଂ ନାରାୟଣ ମହାନ୍ତୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ରଣସଂହଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଦ୍ୱୀପ ପ୍ରଜ୍ୱଳନ କରାଯିବା ସହିତ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଉପଦେଷ୍ଟା ହେମନ୍ତ କୁମାର ସୁନ୍ଦରାୟ କହିଥିଲେ ଯେ, ସାମ୍ବାଦିକଙ୍କ ପ୍ରତି ଆକ୍ରମଣ ହେବା ଘଟଣା ନୂଆ ନୁହେଁ । ବାରମ୍ବାର ଏହିପରି ଘଟଣା ଦୃଷ୍ଟିକୁ ଆସୁଥିଲେ ମଧ୍ୟ ସରକାର ଏଥିପ୍ରତି କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଫଳରେ ଦେଶସେବା ମନବୃତି ନେଇ ଗଣମାଧ୍ୟମକୁ ଓହ୍ଲାଉଥିବା ଲୋକଟି ଅଯଥାରେ ମୃତ୍ୟୁ ବରଣ କରୁଛି। ସେହିପରି ସମସ୍ତ ସାମ୍ବାଦିକମାନେ ସେମାନଙ୍କର ଭିନ୍ନ ଭିନ୍ନ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ସୁବେଦାର ମେଜର ସୁରେଶ କୁମାର ଛୋଟରାୟ,ଏସଭିଆର ମୁର୍ତି, ଦୁଲାଲ ସର୍ବଜ୍ଞ, ରଙ୍ଗନାଥ ବେହେରା, ହରିହର ସ୍ୱାଇଁ, ହୃଦାନନ୍ଦ କୋଦମାସଂିହ, ସନ୍ତୋଷ କୁମାର ମହାପାତ୍ର, ଦେବ ପ୍ରସାଦ ଦାସ,ସୁବ୍ରତ ନାୟକ, ବିଶ୍ୱନାଥ ପଟ୍ଟନାୟକ, ସାମ୍ବାଦିକା ମମତା ବେହେରାଙ୍କ ସହିତ ସମସ୍ତ କର୍ମକର୍ତା ଯୋଗଦେଇଥିଲେ।

ବଜେଟ୍‌ରେ ପଶ୍ଚିମ ଓଡିଶାବାସୀଙ୍କ ପାଇଁ କିଛି ନାହିଁ : ନରସିଂହ ମିଶ୍ର

ଭୁବନେଶ୍ୱର, (ପିଏନ)- ଅର୍ଥ ମନ୍ତ୍ରୀ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଆଗତ କରିଥିବା ବଜେଟ୍ ଲୋକ ବିରୋଧୀ ଏବଂ ଶାସକ ଦଳକୁ ସୁହାଇବା ଭଳି ପ୍ରସ୍ତୁତ ହୋଇଛି ବୋଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଅଭିଯୋଗ କରିଛନ୍ତି। ବୁଧବାର ଦିନ ଦ୍ୱିତୀୟ ଦିନରେ ବଜେଟ୍ ଉପରେ ବିଧାନସଭାରେ ଆଲୋଚନା ହୋଇଥିଲା। ଶ୍ରୀ ମିଶ୍ର କହିଥିଲେ ଶିକ୍ଷା , ସ୍ୱାସ୍ଥ୍ୟ , କୃଷି ବିଭାଗ ପାଇଁ ବରାଦ ହୋଇଥିବା ଅର୍ଥ ଯଥେଷ୍ଟ ନୁହେଁ। ଏ ସରକାରଙ୍କ ଶାସନ କାଳରେ ପଶ୍ଚିମ ଓଡିଶାରେ ନ୍ୟାୟ ବ୍ୟବସ୍ଥା ସ୍ଥାଣୁ ଅବସ୍ଥାରେ ରହିଛି। ଏପର୍ଯ୍ୟନ୍ତ ହାଇକୋର୍ଟ ବେଂଚ ପ୍ରତିଷ୍ଠା ପାଇଁ ସରକାର କୌଣସି ନିଷ୍ପତି ନନେବା ଦୁର୍ଭାଗ୍ୟଜନକ। ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟ ସମ୍ପୃକ୍ତ ଅଂଚଳରେ ପ୍ରତିଷ୍ଠା ହୋଇପାରିଲା ନାହିଁ। କେବିକେ ଅଂଚଳରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ ହେଲା ନାହିଁ। ସମ୍ପୃକ୍ତ ଅଂଚଳବାସୀଙ୍କ ପ୍ରତି ସରକାର ବିଶ୍ୱାସଘାତକତା କରିଛନ୍ତି। ଓଡିଶାରେ ଆଖୁ ଉତ୍ପାଦନ ଏବଂ ଚିନି ଉତ୍ପାଦନ ହ୍ରାସ ପାଇଛି। ଚାଷୀଙ୍କ ଆୟ ଦ୍ୱିଗୁଣିତ ହୋଇଛି ବୋଲି ଯାହା କୁହାଯାଉଛି ବାସ୍ତବରେ ତାହା ହୋଇନାହିଁ। ଚାଷୀମାନଙ୍କର ସାମାଜିକ ଓ ଆର୍ଥିକ ବିକାଶ ହୋଇପାରିଲା ନାହିଁ। ବରଂ ସେମାନଙ୍କୁ ଶୋଷଣର ଶୀକାର ହେବାକୁ ପଡୁଛି। ଉତ୍ପାଦିତ ସାମଗ୍ରୀର ଦର ମିଳୁନାହିଁ। ଧାନ କିଣା ବିକାରେ ଦଲାଲି ବ୍ୟବସ୍ଥାର ଉଚ୍ଛେଦ ହେଲାନାହିଁ। ଓଡିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ ବେକାରୀ ସମସ୍ୟା ଅଧିକ ରହିଛି। ପଶ୍ଚିମ ଓଡିଶାରେ ହୋମିଓପ୍ୟାଥି ଓ ଆୟୁର୍ବେଦିକ ଡାକ୍ତରଙ୍କ ଦ୍ୱାରା ଭେଷଜ ଡାକ୍ତରଖାନା ଚାଲୁଛି। ପାଠ ଅଧାରୁ ଛାଡିବା ହାର ବୃଦ୍ଧି ପାଇଛି ବୋଲି ସେ କହିଥିଲେ।

ବିବେକାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଓ ଯୁବ ମହୋତ୍ସବ

ଭଦ୍ରକ,(ପିଏନ)- ଭଣ୍ଡାରିପୋଖରୀର କୁଲଣା ସ୍ଥିତ ବିବେକାନନ୍ଦ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଓ ଯୁବ ମହୋତ୍ସବ ବିଦ୍ୟାମନ୍ଦିର ପରିସରରେ ସ୍ୱାମୀ ଆଶ୍ରୟାନନ୍ଦଜୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଯାଇଛି। ଉକ୍ତ ଉତ୍ସବରେ ଚରମ୍ପା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ସୌରେଶ ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେଯୋଗ ଦେଇଥିବା ବେଳେ ଯୁବ ବୈଜ୍ଞାନିକ ଡା. ପ୍ରଣୟ ପରିଡା(କୋଲକାତା) ସମ୍ମାନନୀୟ ଅତିଥି, ଭାରତୀୟ ରେଳବାଇ ବୋର୍ଡର ସଦସ୍ୟ ପଂଚାନନ ରାଉତ ମୁଖ୍ୟବକ୍ତା ଭାବରେ ମଂଚାସିନ ହୋଇଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ମହାନ୍ତି ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ ବ୍ୟକ୍ତି ନିଜର ଅନ୍ତଃ ଦୃଷ୍ଟିରେ ଆତ୍ମ ବିଶ୍ଳେଷଣ କରିବା ଉଚିତ ବୋଲି ମତ ରଖିଥିଲେ। ସମ୍ମାନନୀୟ ଅତିଥି ଶ୍ରୀଯୁକ୍ତ ପରିଡ଼ା ବିଜ୍ଞାନ ଓ ଭାରତୀୟ ପରମ୍ପରାର ସମନ୍ୱୟ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଶ୍ରୀଯୁକ୍ତ ରାଉତ ବିବେକାନନ୍ଦଙ୍କ ଜୀବନ ଓ କାର୍ଯ୍ୟଶୈଳୀ ଉପରେ ବକ୍ତବ୍ୟ ରଖିବା ସହ ସେହି ମାର୍ଗରେ ସମସ୍ତେ ପରିଚାଳିତ ହେବା ଉଚିତ ବୋଲି କହିଥିଲେ।ସ୍ୱାମୀ ଆଶ୍ରୟାନନ୍ଦ ମହାରାଜ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ବିଦ୍ୟାମନ୍ଦିରର ଉନ୍ନତି ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅତିଥିମାନେ କୃତି ଛାତ୍ରଛାତ୍ରୀଙ୍କୁ ଭିନ୍ନ ଭିନ୍ନ ପ୍ରତିଯୋଗିତା ପାଇଁ ଉଦ୍ଦିଷ୍ଟ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାମନ୍ଦିରର ଶିକ୍ଷୟିତ୍ରୀ ମମତା ଖୁଂଟିଆ, ଶୁଭଶ୍ରୀ ସେଠୀ, ଲିଲି ବାରିକ, ପୁଷ୍ପଲତା ଭୂୟାଁ, ସବିତା ଯେନା, ଝୁନୁରାଣୀ ଦାସ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁରଲୀଧର ମଲ୍ଲିକ ଓ ଅମିୟ ପରିଡ଼ା ସହଯୋଗ କରିଥିଲେ।

ଉଦ୍ରକରେ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା

ସିଧାସଳଖ ନିଯୁକ୍ତି ପାଇଲେ ୧୯୪, ତାଲିମ ପାଇଁ ମନୋନୀତ ୩୬୭

ଭଦ୍ରକ, (ପିଏନ)- ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା କର୍ମ ନିୟୋଜନ ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଆଜି ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ଭଦ୍ରକର ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ।

ସମ୍ମାନନୀୟ ଅତିଥି ଭାବେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାଶ, ଓଡିଶା ରାଜ୍ୟ ବିକାଶ ଦକ୍ଷତା ପ୍ରାଧିକରଣ ନୋଡାଲ ଅଫିସର ଏସ୍.ଭି.ଏନ୍. ରାଓ, ସହକାରୀ ଜିଲ୍ଲାପାଳ କାର୍ତିକ ନାଥ ମଣ୍ଡଳ, ଭଦ୍ରକ ତହସିଲଦାର ଜ୍ୟୋତି ବିକାଶ ଦାଶ ଯୋଗ ଦେଇ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଦ୍ୱାରା ବିଶେଷ ଭାବେ ଗ୍ରାମାଂଚଳର ବେକାର ଯୁବକ ଯୁବତୀମାନେ ସିଧାସଳଖ ନିଯୁକ୍ତି ପାଇବାର ସୁଯୋଗ ପାଇ ପାରୁଛନ୍ତି। ଯାହା ଫଳରେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରି ଆତ୍ମନିର୍ଭରଶୀଳ ହେବା ସଂଗେ ସଂଗେ ପରିବାର ପ୍ରତିପୋଷଣ କରି ପାରିବେ ବୋଲି ମତ ପୋଷଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ପ୍ରଶାନ୍ତ କୁମାର ଭୋଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ମେଳାରେ ସରକାରୀ ବେସରକାରୀ ସ୍ତରର ୨୫ଜଣ ନିଯୁକ୍ତି ସଂସ୍ଥା ଯୋଗ ଦେଇଥିଲେ। ପ୍ରମୁଖ ସଂସ୍ଥାମାନଙ୍କ ମଧ୍ୟରେ ସିଆଇପିଇଟି ବାଲେଶ୍ୱର, ମୋ ବସ୍ ଭୁବନେଶ୍ୱର, ଡିଭାଇନ ନର୍ସିଂ କେୟାର, ଡି.ଓ୍ୱାଇ. ପାଟିଲ ଏକାଡେମିକ ଏଜୁକେସନ, ଏସଏସଇପିଏଲ ସ୍କିଲ ଭୁବନେଶ୍ୱର, ସ୍ପେଣ୍ଡିଡ୍ ମେଡିକାଲ ଡିଭିଜନ ପ୍ରାଇଭେଟ ଲିମିଟେଡ୍, ୟୁରେକା ଫୋର୍ବ୍‌ସ, ୟୁକୋ ଆରଏସଇଟିଆଇ ଭଦ୍ରକ, ଭିଭୋ ହେଲଥ କେୟାର କଟକ, ସିନ୍‌କ୍ରୋ ସର୍ଭ ଗ୍ଲୋବାଲ ସଲ୍ୟୁସନ ପ୍ରାଇଭେଟ ଲିମିଟେଡ, ଆଦାନୀ ସ୍କିଲ ଡେଭେଲପମେଂଟ ସେଂଟର ଭଦ୍ରକ ଭଳି ବହୁ ସଂସ୍ଥା ଯୋଗଦେଇ ସେମାନଙ୍କ ସଂସ୍ଥାରେ ନିଯୁକ୍ତି ପ୍ରଦାନ କରିଥିଲେ।

ଏହି ମେଳାରେ ମୋଟ ୫୮୮ ଜଣ ନିଯୁକ୍ତି ଆଶାୟୀ ସେମାନଙ୍କ ନାମ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ବିଭିନ୍ନ ନିଯୁକ୍ତି ପ୍ରଦାନ କାରୀ ସଂସ୍ଥାମାନେ ସିଧାସଳଖ ୧୯୪ ଜଣଙ୍କୁ ନିଯୁକ୍ତି ଦେଇଥିବା ବେଳେ ୩୬୭ଜଣଙ୍କୁ ତାଲିମ ପାଇଁ ମନୋନୀତ କରିଛନ୍ତି। ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ, ପୌରାଞ୍ଚଳରୁ ଆଶାୟୀ ଯୁବକଯୁବତୀ ଯୋଗ ଦେଇଥିଲେ।

ଆଧାର ସଂଯୋଗୀକରଣ ଯୋଗୁଁ ନକଲି ପଡ଼ିକାର୍ଡ଼ ଅସମ୍ଭବ : ମନ୍ତ୍ରୀ

ଭୁବନେଶ୍ୱର,(ପିଏନ)- ରାଜ୍ୟରେ, ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ମୋଟ ୧୨ଲକ୍ଷ ୫୮ ହଜାର ୫ଶହ ୬୯ ଗୋଟି ପରିବାର, ଯାହାଙ୍କର ସଦସ୍ୟ ସଂଖ୍ୟା ୩୮ଲକ୍ଷ ୬୬ ହଜାର ୪ଶହ ୨୫ କୋଟି ଓ ଅଗ୍ରାଧିକାର ପରିବାର ଯୋଜନାରେ ୮୦ଲକ୍ଷ ୪୦ ହଜାର ୧୩ଗୋଟି ପରିବାର, ଯାହାଙ୍କ ସଦସ୍ୟଙ୍କ ସଂଖ୍ୟା ୨କୋଟି ୮୬ ଲକ୍ଷ ୬ହଜାର ୯୫ ଗୋଟି ହିତାଧିକାରୀ ଅଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ସଭ୍ୟ ଅନନ୍ତ ନାରାୟଣ ଜେନାଙ୍କ ଏକ ତାରକା ଚିହ୍ନିତ ପ୍ରଶ୍ନର ଉତରରେ ମନ୍ତ୍ରୀ ଏହା କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି ଯେ ରାସନ କାର୍ଡ଼ ଡାଟାବେସରେ ଆଧାର ସଂଯୋଗୀକରଣ ଯୋଗୁଁ ନକଲି ପଡ଼ିକାର୍ଡ଼ ରହିବା ସମ୍ଭବପର ନୁହେଁ। ଅନ୍ୟପଟେ ବ୍ଲକ ଏବଂ ପୌରାଂଚଳ ସ୍ତରରେ ନିୟମିତ ଭାବରେ ମୃତ ବ୍ୟକ୍ତିଙ୍କ ତଥ୍ୟାବଳୀ ଗ୍ରାମ ପଂଚାୟତ/ଓ୍ୱାର୍ଡ଼ ଏବଂ ସିଏଚସିଗୁଡ଼ିକରୁ ସଂଗ୍ରହ କରାଯାଇ, ଯଦି ସେମାନେ ରାସନ କାର୍ଡ଼ରେ ଅନ୍ତର୍ଭୁକ୍ତ ଅଛନ୍ତି, ତାହାଙ୍କୁ ବାଦ୍ ଦିଆଯାଇଛି ଏବଂ ତାଙ୍କ ସ୍ଥାନରେ ସେହି ଗ୍ରାମ ପଂଚାୟତ/ପୌରାଂଚଳରେ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ଏହା ଏକ ନିରନ୍ତର ପ୍ରକ୍ରିୟା ଅଟେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

ରାଇରଙ୍ଗପୁର ବ୍ୟାଙ୍କ ଅଫ ଇଣ୍ଡିଆ ଏଟିଏମ୍ ଲୁଟେରାଙ୍କ ଉଦ୍ୟମ ପଣ୍ଡ

ବାରିପଦା,(ପିଏନ)- ମୟୂରଭଂଜ ଜିଲ୍ଲାର ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଏବଂ ପୌରପରିଷଦ ବସ୍ ଷ୍ଟାଣ୍ଡ ନିକଟସ୍ଥ ଗୋରୁମହିଷାଣୀ ଛକରେ ବ୍ୟାଙ୍କ ଅଫ ଇଣ୍ଡିଅ। ଏଟିଏମ୍ ଲୁଟେରାଙ୍କ ଉଦ୍ୟମ ପଣ୍ଡ ହୋଇଥିବାର ଜଣାପଡିଛି। ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ବସ୍ ଷ୍ଟାଣ୍ଡ ନିକଟସ୍ଥ ଗୋରୁମହିଷାଣୀ ଛକରେ ଥିବା ବ୍ୟାଙ୍କ ଅଫ ଇଣ୍ଡିଆ, ଇଟିଣ୍ଡା ବ୍ରାଂଚର ଏଟିଏମ୍ ଲୁଟ୍ ଉଦ୍ୟମ ସମୟରେ ଘରର ମାଲିକ ଜାଣିବାକୁ ପାଇ ଲୁଟେରାଙ୍କୁ ବାଧା ଦେବା ଫଳରେ ଲୁଟ ଉଦ୍ୟମ ପଣ୍ଡ ହୋଇଯାଇଛି।

ପ୍ରକାଶ ଥାଉକି ମଙ୍ଗଳବାର ରାତି ୨.୫୦ ପାଖାପାଖି ସମୟରେ ଜଣେ ମୁହଁରେ ଧଳା କପଡ଼ା ପିନ୍ଧା ଲୁଟେରା ଏକ ରଡ଼ ସାହାଯ୍ୟରେ ଏଟିଏମର କିଛି ଅଂଶ ଭାଙ୍ଗି ଦେଇଥିଲା। ଏଟିଏମ୍ ହୋଇଥିବା ଘର ମାଲିକ ଶବ୍ଦ ଶୁଣି କବାଟ ଖୋଲି ଘର ବାହାର ଶିଡିରେ ଓହ୍ଲାଇ ଚୋର ଚୋର କହି ଚିକ୍ରାର କରିଥିଲା। ଏହି ସମୟରେ ଲୁଟେରା ଧରି ଥିବା ଲୁହା ରଡ଼ରେ ତାଙ୍କୁ ମାରିବାକୁ ଗୋଡ଼ାଇ ଥିଲା। ମାଲିକ ଭୟଭିତ ହୋଇ ଘର ଭିତରକୁ ଦୌଡ଼ି ପଳାଇଥିଲେ। ଲୁଟେରା ଜଣକ ମାଲିକ ଉପରକୁ ଲକ୍ଷକରି ରଡ଼ ଫୋପାଡି ଥିଲା ଓ ରଡ଼ଟି ଲକ୍ଷ ଭ୍ରଷ୍ଟ ହୋଇଥିଲା । ପରେ ଘର ଉପରକୁ ଯାଇ ଚୋର ଚୋର ଚିକ୍ରାର କରିବା ପରେ କିଛି ଲୋକ ଚିତ୍କାର ଶୁଣି ଆସି ପହଂଚିଲେ।

ଚାଷୀଙ୍କଠାରୁ ସବୁ ବଳକାଧାନ ତୁରନ୍ତ କିଣନ୍ତୁ ସରକାର : କିଷାନ କଂଗ୍ରେସ

ଭୁବନେଶ୍ୱର, (ପିଏନ)- ସାରା ରାଜ୍ୟରେ ବର୍ତମାନ ଅଭାବୀ ଧାନ ବିକ୍ରି ଦ୍ୱାରା ଚାଷୀକୁଳ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ। ମିଲର୍ସ ଓ ସରକାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ମଣ୍ଡିରୁ ଧାନ ଉଠୁନାହିଁ। ଅନ୍ୟ ପକ୍ଷରେ ଅଦିନିଆ ବର୍ଷାରେ ମଣ୍ଡିରେ ଧାନ ଭିଜୁଛି। ବର୍ଷାରେ ଧାନର ମାନ ଓ ରଙ୍ଗ ପ୍ରଭାବିତ ହେବାରେ ଲାଗିଲାଣି। ମିଲର ଗଲେ ଧାନ ଓଜନ ହେଉଛି। ଧର୍ମକୁ ଆଖିଠାର ସଦୃଶ ସରକାର ବିଳମ୍ବରେ ଅନେକ ସ୍ଥାନରେ ମଣ୍ଡି ଖୋଲି ନିର୍ଦ୍ଧିଷ୍ଟ ସମୟ ସୀମା ପୂର୍ବରୁ ମଣ୍ଡିରେ ଧାନ କିଣା ବନ୍ଦ କରି ଦେଉଛନ୍ତି। ରାଜ୍ୟର ଆଉ ୪ ଲକ୍ଷ ଚାଷୀ ଧାନ ବିକିବାକୁ ରହିଥିବା ବେଳେ ଏହା ଖୁବ୍ ମନ୍ଥର ଗତିରେ ଚାଲିଛି। ସରକାରଙ୍କ ଡେଡ୍ ଲାଇନ୍ ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଧାନ କ୍ରୟ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ଥିଲାବେଳେ ଚାଷୀ ଧାନ ବିକିବା ପାଇଁ ଘୋର ସନ୍ଦେହ ମଧ୍ୟରେ ରହିଛନ୍ତି। ଏଣୁ ସରକାର ଯୁଦ୍ଧକାଳୀନ ଭିତିରେ ଚାଷୀଙ୍କ ସମସ୍ତ ବଳକା ଧାନକୁ ସର୍ବନିମ୍ନ ସହାୟକ ମୂଲ୍ୟରେ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା କିଣିବା ସହିତ ଏଫ୍.ଏ.କ୍ୟୁ ମାନ ଧାନର କୋହଳ କରନ୍ତୁ ବୋଲି ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି। ଏହା ବ୍ୟତୀତ ଖରିଫରେ ଧାନର ବମ୍ପର କ୍ରପ୍ ହୋଇଥିବାରୁ ସରକାର ଅତ୍ୟନ୍ତ ପକ୍ଷେ ଚାଷୀଙ୍କଠାରୁ ୫୦ ଲକ୍ଷ ମେଟ୍ରିକ୍ ଟନ୍ ପରିବର୍ତେ ୮୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବା ପାଇଁ ଦାବୀ କରାଯାଇଛି। ଆବଶ୍ୟକସ୍ଥଳେ ସରକାର ବର୍ଷ ତମାମ ନିରନ୍ତର ପ୍ରକ୍ରିୟାରେ ଚାଷୀଙ୍କଠାରୁ ପ୍ରତି ପଂଚାୟତସ୍ତରରୁ ଧାନ କିଣିବାକୁ ଠୋସ୍ ପଦକ୍ଷେପ ନେବାକୁ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ଦୃଢ଼ ଦାବୀ କରିଛନ୍ତି।

୪ ବର୍ଷ ଲାଗି ୧୪୮୦ କୋଟି ଟଙ୍କାର ବ୍ୟୟବରାଦ

ନୂଆଦିଲ୍ଲୀ , (ପିଏନ)-ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ ସମିତି (ସିସିଇଏ) ୧୪୮୦ କୋଟି ଟଙ୍କାର ବ୍ୟୟବରାଦ ସହିତ ରାଷ୍ଟ୍ରୀୟ ବୈଷୟିକ ବୟନ ମିଶନ ଗଠନ ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି। ଏହା ବୈଷୟିକ ବୟନଶିଳ୍ପ କ୍ଷେତ୍ରରେ ଭାରତକୁ ବିଶ୍ୱସ୍ତରରେ ଅଗ୍ରଣୀ ରାଷ୍ଟ୍ର ଭାବେ ପ୍ରତିଷ୍ଠିତ କରିବ ବୋଲି ଆଶା କରାଯାଉଛି। ଏହି ମିଶନର କାର୍ଯ୍ୟକାରିତା ଅବଧି ୨୦୨୦-୨୧ରୁ ୨୦୨୩-୨୪ ପର୍ଯ୍ୟନ୍ତ ୪ ବର୍ଷ ପାଇଁ ରହିବ।

ବୈଷୟିକ ବୟନର ଭବିଷ୍ୟତ ଉଜ୍ଜ୍ୱଳ ଏବଂ ଏହା ବୟନର ସବୁଠୁ ସୁନ୍ଦର ଦିଗ। ଏହାକୁ ବୟନର ବିଭିନ୍ନ କ୍ଷେତ୍ର ଯେପରିକି କୃଷି, ସଡ଼କ, ରେଳପଥ, ଖେଳ ପରିଧାନ, ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ବୁଲେଟ ପ୍ରୁଫ ଜ୍ୟାକେଟ, ଫାୟାର ପ୍ରୁଫ ଜ୍ୟାକେଟ, ଉଚ୍ଚତା କ୍ଷେତ୍ର ଏବଂ ମହାକାଶ ପ୍ରୟୋଗ ସହିତ ଅନ୍ୟ କ୍ଷେତ୍ରରେ ମଧ୍ୟ ଉପଯୋଗ କରାଯାଇପାରିବ।ଏହି ମିଶନର ଚାରିଟି ଉପାଦାନ ରହିବ । ସେଗୁଡିକ ହେଲା ଗବେଷଣା, ନବୋନ୍ମେଷ ଏବଂ ବିକାଶ , ପ୍ରୋତ୍ସାହନ ଏବଂ ବଜାର ବିକାଶ , ରପ୍ତାନି ପ୍ରୋତ୍ସାହନ ଏବଂ ଶିକ୍ଷା, ତାଲିମ ଓ ଦକ୍ଷତା ବିକାଶ।

ଏହି ମିଶନ ରଣନୈତିକ କ୍ଷେତ୍ର ସମେତ ଦେଶର ବିଭିନ୍ନ ମିଶନ କାର୍ଯ୍ୟକ୍ରମରେ ବୈଷୟିକ ବୟନର ଉପଯୋଗ ଉପରେ ଧ୍ୟାନ କେନ୍ଦ୍ରିତ କରିବ। ଏହି ମିଶନ ଅନ୍ତର୍ଗତ ଷ୍ଟାର୍ଟଅପ ଏବଂ ଭେଂଚରକୁ ପ୍ରୋତ୍ସାହନ ଦିଆଯିବ। ନବୋନ୍ମେଷ ଏବଂ ଇନକ୍ୟୁବେଟର କେନ୍ଦ୍ର ପ୍ରତିଷ୍ଠା କରାଯାଇ ଯୁବ ଇଞ୍ଜିନିୟରିଂ, ପ୍ରଯୁକ୍ତି, ବିଜ୍ଞାନ ଛାତ୍ରଛାତ୍ରୀ ଏବଂ ସ୍ନାତକଙ୍କ ମଧ୍ୟରେ ନବୋନ୍ମେଷକୁ ପ୍ରୋତ୍ସାହନ ଦିଆଯିବ। ଜୈବିକ ଅପଘଟନୀୟ ବସ୍ତ୍ର ସାମଗ୍ରୀ, ବିଶେଷ କରି କୃଷି ଟେକ୍ସଟାଇଲ, ଜିଓ ଟେକ୍ସଟାଇଲ ଏବଂ ଚିକିତ୍ସା ବସ୍ତ୍ର ବିକାଶ ଉପରେ ଧ୍ୟାନ ଦିଆଯାଇ ଗବେଷଣା କରାଯିବ। ବୈଷୟିକ ବୟନ ଲାଗି ସ୍ୱଦେଶୀ ମେସିନାରୀ ବିକାଶ କରାଯିବ। ଏହାଦ୍ୱାରା ମେକ ଇନ ଇଣ୍ଡିଆକୁ ପ୍ରୋତ୍ସାହନ ମିଳିବ ତଥା କମ ପୁଞ୍ଜି ବ୍ୟୟରେ ଉଦ୍ୟୋଗର ପ୍ରତିଦ୍ୱନ୍ଦ୍ୱିତା ସାମର୍ଥ୍ୟ ବଜାୟ ରହିବ।

ସମ୍ପୃକ୍ତ କ୍ଷେତ୍ରର ଜଣେ ପ୍ରତିଷ୍ଠିତ ବିଶେଷଜ୍ଞଙ୍କ ଅଧ୍ୟକ୍ଷତାରେ ବୟନ ମନ୍ତ୍ରଣାଳୟରେ ଏକ ମିଶନ ନିର୍ଦ୍ଦେଶାଳୟ କାର୍ଯ୍ୟକ୍ଷମ ହେବ। ମିଶନ ନିର୍ଦ୍ଦେଶାଳୟ ପାଇଁ କୌଣସି ସ୍ଥାୟୀ ନିଯୁକ୍ତି ଦିଆଯିବ ନାହିଁ କିମ୍ବା କୌଣସି ଭବନର ନିର୍ମାଣ ହେବ ନାହିଁ। ଚାରି ବର୍ଷର ଅବଧି ପରେ ମିଶନକୁ ଶେଷ କରି ଦିଆଯିବ।

ରାଜ୍ୟରେ ଉତ୍ପାଦନ ହେଉଛି ୪ ଲକ୍ଷ ୮ ହଜାର ମେଟ୍ରିକ୍ ଟନ୍ କଦଳୀ

ଭୁବନେଶ୍ୱର, (ପିଏନ)- ରାଜ୍ୟରେ ବାର୍ଷିକ ପ୍ରାୟ ୨୨ ହଜାର ହେକ୍ଟର ଜମିରେ କଦଳୀ ଚାଷ କରାଯାଇ ୪ ଲକ୍ଷ ୮ ହଜାର ମେଟ୍ରିକ୍ ଟନ୍ କଦଳୀ ଅମଳ କରାଯାଇଥାଏ। ଆନ୍ଧ୍ର ବ୍ୟତୀତ କେରଳ ଓ ମହାରାଷ୍ଟ୍ରରୁ ମଧ୍ୟ କଦଳୀ ଆସୁଛି ବୋଲି ରାଜ୍ୟ କୃଷିଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ବିଧାୟକ ସୌଭିକ ବିଶ୍ୱାଳଙ୍କ ପ୍ରଶ୍ନର ଉତର ଦେଇ ବିଧାନସଭାରେ ଏହା କହିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟକୁ କଦଳୀ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରୀ ରଖିଛନ୍ତି । ବର୍ତମାନ ଜାତୀୟ ଉଦ୍ୟାନ କୃଷି ମିଶନ ଓ ରାଜ୍ୟ ଯୋଜନାରେ କଦଳୀ ଚାଷ ପାଇଁ ହେକ୍ଟର ପ୍ରତି ୪୦,୯୮୫ ଟଙ୍କାର .ସହାୟତା ପ୍ରଦାନ କରାଯାଉଛି। ବୁନ୍ଦା ଜଳ ସେଚନ ପାଇଁ ମଧ୍ୟ ୮୦ରୁ ୯୦ ପ୍ରତିଶତ ରିହାତି ପ୍ରଦାନ କରାଯାଉଛି। ରୋଗପୋକ ତଥା ଖାଦ୍ୟସାରର ସମନ୍ୱିତ ପରିଚାଳନା ପାଇଁ ହେକ୍ଟର ପ୍ରତି ୧୨୦୦ ଟଙ୍କାର ସହାୟତା ବ୍ୟବସ୍ଥା ରହିଛି। କଦଳୀର ବିକ୍ରିବଟା ସୁବିଧା ପାଇଁ କଦଳୀ ପଚାଇବା ଗୃହ ଲାଗି ୩୫ ରୁ ୫୦ ପ୍ରତିଶତ ରିହାତି ଦିଆଯାଉଛି।

ଏହା ବ୍ୟତୀତ ୨୦୨୦-୨୧ ଆର୍ଥିକ ବର୍ଷରୁ ରାଜ୍ୟ ଯୋଜନାରେ ଅନୁଗୋଳ , ଦେବଗଡ, ସୁନ୍ଦରଗଡ, ଝାରସୁଗୁଡା , ସମ୍ବଲପୁର, ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲ୍ଲାରେ କଦଳୀ ଉତ୍ପାଦନ ବୃଦ୍ଧିପାଇଁ ସ୍ୱତନ୍ତ୍ର ଭାବେ ଏକଚକିଆ କଦଳୀ ଚାଷ ପାଇଁ ହେକ୍ଟର ପ୍ରତି ୧ ଲକ୍ଷ ଟଙ୍କାର ସହାୟତାରେ ,ଇନପୁଟ ଯୋଗାଇବାକୁ ଯୋଜନା କରାଯାଉଛି । ପାଟକୁରା କଦଳୀର ବ୍ରାଣ୍ଡିଂ କରିବାକୁ ଯୋଜନା ରହିଛି ବୋଲି ମନ୍ତ୍ରୀ କହିଥିଲେ ।ଅନ୍ୟପକ୍ଷରେ ସଦସ୍ୟ ସୁରେଶ କୁମାରରାଉତରାୟ , ଅମର ଶତପଥୀ ଓ ଗଣେଶ ରାମ ସିଂହ ଖୁଂଟିଆ ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ ଯେ ରାଜ୍ୟର ଚାହିଦା ୨୦ ଲକ୍ଷ ମେଟ୍ରିକ୍ ଟନ୍ ଥିବା ବେଳେ ଆନ୍ଧ୍ରରୁ ୧୫ ଲକ୍ଷ ମେଟ୍ରିକ୍ ଟନ୍ କଦଳୀ ଆମଦାନୀ କରାଯାଉଛି। କଦଳୀ ଚାଷୀ ମାନଙ୍କୁ ଉପଯୁକ୍ତ ସହାୟତା ସହ ଟ୍ରେନ୍ଂ ଦିଆଯାଉ। କେମିକାଲ ବ୍ୟବହାର କରାନଯାଇ ଜୈବିକ ସାର ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯାଉ ବୋଲି ସେମାନେ କହିଥିଲେ ।

ଏସମ୍ପର୍କରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କୃଷି ମନ୍ତ୍ରୀଙ୍କୁ କହିଥିଲେ ଯେ ବିଧାୟକମାନଙ୍କ ଆନ୍ଧ୍ରର ରାଜମହେନ୍ଦ୍ରୀ ନେଇକି ଯାଆନ୍ତୁ। ସେଠି ପ୍ରତିଦିନ ୧୦ ହଜାର ଟ୍ରକ୍ ବାହାରକୁ ଯାଉଛି ।ସେଠାରେ କେମିତି ଚାଷ ହେଉଛି ବିଧାୟକମାନଙ୍କୁ ଦେଖାନ୍ତୁ।

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Friday February 28 ଭୁବନେଶ୍ୱର ଶୁକ୍ରବାର, ଫେବୃଆରୀ ୨୮ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଗୋଆର ପ୍ରତିଭାବାନ ଷ୍ଟ୍ରାଇକରଙ୍କ ଚମକ

ଭୁବନେଶ୍ୱର: ଗୋଟିଏ ଗତିରୋଧ ମଧ୍ୟରେ ଖେଳ ଅଟକିଯିବା ସହିତ, ଏକ ଘଣ୍ଟାରୁ ଅଧିକ ସମୟର ଖେଳ ପରେ ଗୋଆ ୟୁନସିଭର୍ସିଟିର ମୁଖ୍ୟ ଏବଂ ସମର୍ଥନ ସଦସ୍ୟମାନେ ଚିଂତିତ ହେବାର ସମସ୍ତ କାରଣ ରହିଥିଲା । ସେମାନେ ପ୍ରିୟ ହୋଇପାର୍ଁ କିଁ ସେମାନେ ଆୟୋଜନକାରୀ କିଟ ବିପକ୍ଷରେ ମଧ୍ୟ ଠିଆହୋଇଥିଲେ ଏବଂ ଏପରି ପରିଲକ୍ଷିତ ହେଉଥିଲା ଯେପରି ବିଜୟର ନିଷ୍ପତି ପାଇଁ ଗୋଟିଏ ଗୋଲ ହିଁ ସବୁକିଛି ଥିଲା । ଅଥଚ ସେମାନଙ୍କର ମୁଖ୍ୟ କୋଚ, ଗିରିଦେବୀ ଦେଶାଇ ଶାଂତିତ ଥିଲେ । ସର୍ବ ଶେଷରେ ସେ ଜାଣିଥିଲେ ଯେ ଗୋଆ ୟୁନିଭର୍ସିଟି ମହିଳା ଟିମ ପାଖରେ ଗୋଟିଏ ଟ୍ରମ୍ପକାର୍ଡ ଥିଲା, ଜଣେ ଏଭଳି ପ୍ରତିଭାବାନ ଷ୍ଟ୍ରାଇକର ଯାହାଙ୍କୁ ଭୁବନେଶ୍ୱର ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ୨୦୨୦ ପିଚରେ ଅନ୍ୟ କେତେକ ଶ୍ରେଷ୍ଠ ଖେଳାଳୀ ଭାବେ ପ୍ରତିଯୋଗୀତା କରିବେ । ସେମାନଙ୍କର ଏହି ଟ୍ରମ୍ପକାର୍ଡ, କରିସ୍ମା ସିର୍ଭୋଏକର କେବଳ ନିଜକୁ ସ୍କୋରତାଲିକାରେ ରଖି ନ ଥିଲେ ବରଂ ପ୍ରତିଦ୍ୱନ୍ଦୀ ଦଳ ବିପକ୍ଷରେ କ୍ରମାଗତ ଭାବେ ଚାରୋଟି ଗୋଲ କରିଥିଲେ । ବହୁତ କମ୍ ବୟସରୁ ତାଙ୍କର ପ୍ରତିଭା ସୁସ୍ପଷ୍ଟ ଥିଲା । ସେ ପଞ୍ଚମ ଶ୍ରେଣୀରେ ପଢୁଥିବା ସମୟରୁ ଫୁଟବଲ ଖେଳିବା ଆରମ୍ଭ କରିଥିଲେ । ତାଙ୍କ ଅଜ୍ଞାତରେ ସେ ପୂର୍ବରୁ ହିଁ ବଡ଼ ସଫଳତା ପାଇଁ ପ୍ରସ୍ତୁତ ହେଉଛନ୍ତି । ଚଳିତ ବର୍ଷ ପୂର୍ବରୁ କରିସ୍ମାଙ୍କୁ ସ୍ପେନରେ ପାଲାମୋଜ ସିଏଫ ସହିତ ପ୍ରଶିକ୍ଷିତ ହେବା ନିମନ୍ତେ ଚୟନ କରାଯାଇଥିଲା । ଜଣେ କମ ବୟସ୍କଙ୍କ ପାଇଁ ଏହା ଏକ ବୃହତ ପଦକ୍ଷେପ ଏବଂ ତଥାପି ଏହା ଅଯୁକ୍ତିଯୁକ୍ତ ମଧ୍ୟ ନୁହେଁ । ''କରିସ୍ମା ନିଶ୍ଚିତ ରୂପେ ଜଣେ ଭଲ ଖେଳାଳୀ । ଏବଂ ଅଧିକ ଖେଳ ସୁଯୋଗ ତାକୁ ଆହୁରି ପରିମାର୍ଜିତ କରିବ । ତେଣୁ ଏଥିପାଇଁ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସକୁ ନିଶ୍ଚିତ କୃତଜ୍ଞତା ଦିଆଯିବା ଆବଶ୍ୟକ ।'' ବୋଲି ଦେଶାଇ କହିଛନ୍ତି । କ୍ରୀଡ଼ାବିତମାନଙ୍କୁ ଖେଳ ସମୟ ଦେବା ନିହାତି ଆବଶ୍ୟକ । ଏହି ବାଳିକାଙ୍କ ମଧ୍ୟରୁ ଅନେକଙ୍କ ପାଇଁ ପିଚରେ ସମୟ ଏକ ଅଗ୍ରାଧିକାର ଏବଂ ତେଣୁ ମୁଲ୍ୟଯୁକ୍ତ ମଧ୍ୟ । ଏହା ସେମାନଙ୍କୁ ଦୀର୍ଘ ଅଭିଯାନ ପାଇଁ ସହାୟକ ହେବ ।

ଖାଉଟିଙ୍କ ସୁରକ୍ଷା ପାଇଁ ସରକାର ଅଧିକ କ୍ରିୟାଶୀଳ ହୁଅନ୍ତୁ

ଭୁବନେଶ୍ୱର : ରାଜ୍ୟରେ ଖାଉଟିଙ୍କ ସୁରକ୍ଷା ନିମନ୍ତେ ୩୦ଗୋଟି ଜିଲ୍ଲାରେ ଜିଲ୍ଲା ଖାଉଟି ବିବାଦ ସମାଧାନ ମଞ୍ଚ ରହିଥିବାବେଳେ ପାଖାପାଖି ୧୫ରୁ ଅଧିକ ଜିଲ୍ଲାରେ କାର୍ଯ୍ୟକାରିତା ଠିକ୍ ଭାବରେ କରୁନାହିଁ । ପ୍ରାୟତଃ ଜିଲ୍ଲାରେ ଖାଦ୍ୟ ନିରୀକ୍ଷକ, ଡ୍ରଗ୍ ଇନିସ୍ପେକ୍ଟର, ଲିଗାଲ ମେଟ୍ରୋଲୋଜିଙ୍କର ଅଭାବ ପରିଲକ୍ଷିତ ହେଉଛି । ଏଥିପାଇଁ ତୁରନ୍ତ ନିଯୁକ୍ତି ବ୍ୟବସ୍ଥା ସହ ଆବଶ୍ୟକୀୟ ସମନ୍ୱୟ ସୃଷ୍ଟି କରାଯିବା ଦରକାର ବୋଲି ସ୍ଥାନୀୟ ସିଓ୍ୱାଇଏସ୍ଡି ସଭାକକ୍ଷଠାରେ, ଖାଉଟି ସୁରକ୍ଷା ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଖାଉଟି ସୁରକ୍ଷା ସଂପର୍କୀତ ଏକ ଦିବସୀୟ କର୍ମଶାଳାରେ ମତ ପ୍ରକାଶ ପାଇଛି । ଆଗାମୀ ଦିନରେ ସରକାର ଜିଲ୍ଲା ଓ ରାଜ୍ୟ ସ୍ତରରେ କେସ୍ ଫଇସଲା ବ୍ୟବସ୍ଥା, ଅନୁଦାନ ରାଶିର ସଠିକ୍ ବିନିଯୋଗ ଓ ଶୁଣାଣି ଉପରେ ଗୁରୁତ୍ୱ ଦେବା ଓ ଏହାର କମ୍ପ୍ୟୁଟରୀକରଣ କରି ସର୍ବସାଧାରଣରେ ପ୍ରକାଶ କରିବା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରତିନିଧିମାନେ ମତ ପ୍ରକାଶ କରିଛନ୍ତି ।

ଏଚ୍‌ଡିଏଫ୍‌ସି ଇରଗୋ ପକ୍ଷରୁ ପିଲାଙ୍କୁ ଗୁଣବତାଯୁକ୍ତ ଶିକ୍ଷା ପ୍ରଦାନ ପାଇଁ ପାଣ୍ଡିଆ ପଥର ସରକାରୀ ସ୍କୁଲର ପୁନଃନିର୍ମାଣ

ଭୁବନେଶ୍ୱର : ଭାରତ ଅଗ୍ରଣୀ ଘରୋଇ ଅଣ-ଜୀବନ ବୀମା ପ୍ରଦାନକାରୀ କମ୍ପାନୀ ଏଚ୍‌ଡିଏଫ୍‌ସି ଇରଗୋ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ଲିଃ. ପକ୍ଷରୁ ସିଏସ୍ଆର କାର୍ଯ୍ୟକ୍ରମ ' ଗାଁ ମେରା' ଅଭିଯାନ ଅଂର୍ଗତ ଓଡ଼ିଶାର ଗାମ ଜିଲ୍ଲାର ଆସ୍କା ବ୍ଲକ୍‌ରେ ଥିବା ପାଣ୍ଡିଆ ପଥର ଗାଁର ଜୟ ଦୁର୍ଗା ଉଚ୍ଚ ପ୍ରାଥମିକ ସରକାରୀ ସ୍କୁଲର ପୁନଃନିର୍ମାଣ କରାଯାଇଛି । ଗ୍ରାମୀଣ ଭାରତରେ ଶିକ୍ଷା, ପରିମଳ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ । ଗ୍ରାମୀଣ ଅଂଚଳରେ ଶିକ୍ଷାର୍ଥୀଙ୍କ ପାଇଁ ଉପଯୁକ୍ତ ସୁରକ୍ଷିତ ପରିବେଶ ଉପଲବ୍ଧ କରାଇବା ଉପରେ ଏଚ୍‌ଡିଏଫସି ଇରଗୋ ପ୍ରାଥମିକତା ଦେଇଥାଏ । ଖରାପ ନିର୍ମାଣ ସ୍ଥିତି ତଥା ସାଧାରଣ ସୁବିଧା ସୁଯୋଗର ଅଭାବ ଯୋଗୁ ସ୍କୁଲରେ କମ୍ ସଂଖ୍ୟକ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ । ଛାତ୍ରଛାତ୍ରୀଙ୍କୁ ସାଧାରଣ ପରିମଳ ବ୍ୟବସ୍ଥା ଏବଂ ଶିକ୍ଷା ସୁବିଧା ଯୋଗାଇଦେବାକୁ ଏଚ୍‌ଡିଏଫସି ଇରଗୋ ପକ୍ଷରୁ ସ୍କୁଲର ପୁନଃନିର୍ମାଣ କରାଯାଇଛି । ନବନିର୍ମିତ ସ୍କୁଲରେ ଏବେ ୮ଟି ନୂଆ ଶ୍ରେଣୀ କକ୍ଷ ସହିତ ଉପଯୋଗୀ ଭିତିଭୂମି, ଛାତ୍ରଛାତ୍ରୀ ଏବଂ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ପାଇଁ ଭିନ୍ନ ଭିନ୍ନ ଶୌଚାଳୟ ତଥା ଖେଳପଡ଼ିଆ ରହିଛି । ଏହା ସହିତ ସ୍କୁଲରେ ଆରଓ ଓ୍ୱାଟର ଫିଲଟର, କମ୍ପ୍ୟୁଟର, ଏଲ୍ଇଡି ଟେଲିଭିଜନ ଏବଂ ଇନଡୋର ଓ ଆଉଟଡୋର ଗେମ୍ ସୁବିଧା ଉପଲବ୍ଧ କରାଯାଇ ପାରିଛି । ଏହା ସହିତ ବାତ୍ୟା ଓ ପ୍ରବଳ ବର୍ଷା ସମୟରେ ଯେଭଳି ଶିକ୍ଷାର୍ଥୀ, ସ୍କୁଲ କର୍ମଚାରୀ ଏବଂ ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ଆଶ୍ରୟ ଦିଆଯାଇପାରିବ ତାହାର ବ୍ୟବସ୍ଥା ରହିଛି । ଏହି ଜିଲ୍ଲା ବାତ୍ୟା ପ୍ରବଣ ହୋଇଥିବାରୁ ଏଭଳି ବ୍ୟବସ୍ଥାକୁ ଏଥିରେ ଅଂର୍ଭୁକ୍ତ କରାଯାଇଛି । ଅତିରିକ୍ତ ଭାବେ ସ୍କୁଲରେ ପନିପରିବା ଉଦ୍ୟାନ ମଧ୍ୟ ରହିଛି । ଏଥିରୁ ଉତ୍ପାଦିତ ପନିପରିବା ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇପାରିବ । ଏହି ଅବସରରେ ଏଚ୍‌ଡିଏଫସି ଇରଗୋ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଏଫ୍ଓ ଶ୍ରୀ ସମିର ଏଚ୍. ଶାହା କହିଲେ, ପାଣ୍ଡିଆ ପଥର ଶିକ୍ଷାଠାରୁ ଦୂରେଇ ଯାଉଥିବା ଆମେ ହୃଦୟଙ୍ଗମ କରିଥିଲୁ । ଏହା ସହିତ ସ୍ଥାନୀୟ ଲୋକଙ୍କୁ ଏଠାରେ ହେଉଥିବା ପ୍ରବଳ ବର୍ଷା ଏବଂ ବାତ୍ୟା ସମୟରେ ସୁରକ୍ଷିତ ଆଶ୍ରୟସ୍ଥଳ ଉପଲବ୍ଧ କରାଇବା ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ତେଣୁ ଆମେ ସ୍ଥାନୀୟ କର୍ତୃପକ୍ଷଙ୍କ ମିଳିତ ସହଯୋଗରେ ସ୍କୁଲର ପୁନଃନିର୍ମାଣ କରିଛୁ । ଯାହାଦ୍ୱାରା ଅନେକ ସମୟରେ ଦେଖାଦେଉଥିବା ପ୍ରତିକୂଳ ପ୍ରାକୃତିକ ଦୁର୍ବିପାକରୁ ସେମାନେ ସୁରକ୍ଷିତ ରହିପାରିବେ । ଆମେ ବେଶ୍ ଆନନ୍ଦିତ ଯେ ଏହାଦ୍ୱାରା ସ୍ଥାନୀୟ ଛାତ୍ରଛାତ୍ରୀ ସେମାନଙ୍କର ପାଠପଢ଼ିବା ସ୍ୱପ୍ନକୁ ପୂରଣ କରିବା ସହିତ ଏଠାକାର ଲୋକେ କୌଣସି ସାମାଜିକ ଆର୍ଥିକ ବାଧା ବିନା ନିଜକୁ ସୁରକ୍ଷିତ ମଣି ପାରିବେ ।' ଗାଁ ମେରା' ସିଏସ୍ଆର୍ କାର୍ଯ୍ୟକ୍ରମ ଅଂର୍ଗତ ଏଚ୍‌ଡିଏଫ୍‌ସି ଇରଗୋ ଏହାର କର୍ମଚାରୀଙ୍କୁ ସେମାନଙ୍କ ପସନ୍ଦର ଏକ ଗାଁକୁ ମନୋନୀତ କରିବାକୁ କୁହାଯାଇଥାଏ ।

କଟକରେ ଟପରଓ୍ୱେୟାରର ନୂତନ ଶୋରୁମ

ଭୁବନେଶ୍ୱର : ବିଶ୍ୱର ପ୍ରମୁଖ ହୋମଓ୍ୱେୟାର ବ୍ରାଣ୍ଡ ଟପରଓ୍ୱେୟାର କଟକରେ ନିଜର ନୂତନ ଶୋରୁମର ଉଦ୍‌ଘାଟନ କରି ସମ୍ପୂର୍ଣ୍ଣ ଦେଶରେ ଏହାର ୫୧ତମ ଷ୍ଟୋର ଖୋଲିଛି । ଏହାବ୍ୟତିତ ଇ-ଟେଲ୍ ମାର୍କେଟିଙ୍ଗରେ ଅଗଷ୍ଟ ୨୦୧୯ରେ ପ୍ରବେଶ କରି ଏହାର ସମସ୍ତ ସାମଗ୍ରୀ ଆମାଜନ, ଫ୍ଲିପ୍‌କାର୍ଟ୍ ଓ ପେଟିଏମ୍‌ରେ ଉପଲବ୍ଧ ହୋଇଛି । ଏହି ଅବସରରେ ଟପରଓ୍ୱେୟାର ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦୀପକ ଛାବରା କହିଛନ୍ତି ଯେ, 'କଟକରେ ଆମେ ନିଜର ଏକ ନୂତନ ଷ୍ଟୋରର ଉଦ୍‌ଘାଟନ କରିଥିବାରୁ ଆମେ ବହୁତ ଖୁସି । ଆଶା କରାଯାଉଛି ଯେ, ସମସ୍ତ ଗ୍ରାହକ ନିଜର ଘରୋଇ ସାମଗ୍ରୀ ନିକଟସ୍ଥ ଷ୍ଟୋରରୁ ପାଇପାରିବେ ଏବଂ ଏହା ଉଭୟ ଇ-ଟେଲ୍ ଓ ରି-ଟେଲ୍ ଉପାୟରେ ଉପଲବ୍ଧ ହେବ । ଗତ ୬ ମାସ ମଧ୍ୟରେ ଆମର ୫୦ଟି ଆଉଟଲେଟ୍ ଖୋଲିବାର ଲକ୍ଷ୍ୟ ପୂରା ହେବା ସହ ଆଶା କରାଯାଉଛି ୨୦୨୦ ସୁଧା ୧୦୦ରୁ ଅଧିକ ଆଉଟଲେଟ୍ ଖୋଲିବାର ସ୍ୱପ୍ନ ପୂରା ହୋଇପାରିବ ।'କଟକର ଏନ୍ଏସ୍‌ସି ଆରକେଡ୍, ଜେଲ୍ ରୋଡ୍, ଯାହାକି ୫୦୦ ବର୍ଗ କିଲୋମିଟର ସ୍ଥାନରେ ବିସ୍ତାରିତ ଯାହା ଫ୍ରାନଚାଇସ୍ ଶ୍ରମତୀ ଆଶା ଗୁପ୍ତା ନେଇଛନ୍ତି । ଏହା କଟକର ଏକ ବିଶିଷ୍ଟ ସ୍ଥାନରେ ଉପସ୍ଥିତ ଯାହା ଗ୍ରାହକ ମାନଙ୍କୁ ବହୁତ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି ।

ଟାଟା ଷ୍ଟିଲ ଆୟୋଜିତ 'ଉଡ଼ାନ' ୨୦୨୦ ଉଦ୍‌ଯାପିତ

ବ୍ରହ୍ମପୁର: ଟାଟା ଷ୍ଟିଲ ପକ୍ଷରୁ ଆୟୋଜିତ ଦୁଇ ଦିନିଆ ଗୋଷ୍ଠୀ କେନ୍ଦ୍ରିକ କାର୍ଯ୍ୟକ୍ରମ 'ଉଡାନ'ର ଉଦ୍‌ଯାପନୀ ଦିବସରେ ଚାଷୀ ଓ ବୈଜ୍ଞାନିକମାନେ ଏକତ୍ରିତ ହୋଇ ଜଳବାୟୁ ଉପଯୋଗୀ ନୂତନ କୃଷି ପ୍ରଣାଳୀ ଉପରେ ଆଲୋଚନା କରିଛନ୍ତି । ୨୦୧୬ ମସିହାରୁ ଆରମ୍ଭ ହୋଇଥିବା ଉଡାନ କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ ଟାଟା ଷ୍ଟିଲର ଗୋପାଳପୁର ପ୍ରକଳ୍ପ କାର୍ଯ୍ୟକ୍ଷେତ୍ର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ଏକତ୍ରିତ କରୁଛି, ଯେଉଁଠାରେ ସେମାନଙ୍କ ଉଦ୍ୟମକୁ ମାନ୍ୟତା ପ୍ରଦାନ କରାଯିବା ସହିତ ସ୍ଥାନୀୟ ଅଞ୍ଚଳର ବିକାଶ ଯାତ୍ରାରେ ସେମାନଙ୍କୁ ସାମିଲ ହେବା ପାଇଁ ପ୍ରୋତ୍ସାହିତ କରାଯାଉଛି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସଫଳତାର କାହାଣୀ ଜଣାଇବା ସହିତ ବିପର୍ଯ୍ୟୟ ବିପଦ ହ୍ରାସ କରିବା ଦ୍ୱାରା ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ନିଜକୁ ରକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାରୁ ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ କେନ୍ଦ୍ରୀୟ ଉଦ୍ୟାନ କୃଷି ପ୍ରୟୋଗ ଷ୍ଟେସନ୍ (ସିଏଚ୍ଇଏସ୍, ଭୁବନେଶ୍ୱର) ର ମୁଖ୍ୟ ଶ୍ରୀ ଜି ସି ଆଚାର୍ଯ୍ୟ ବୈଜ୍ଞାନିକ ପଦ୍ଧତିରେ ଫଳ ଓ ପନିପରିବା ଚାଷ ସମ୍ପର୍କରେ ଆଲୋଚନା କରିଥିଲେ । ଏହାସହିତ ସେ ଜଳବାୟୁ ପରିବର୍ତ୍ତନ ସହିତ ବିଭିନ୍ନ ପ୍ରକାର ଶସ୍ୟ ଉତ୍ପାଦନ ଉପରେ ମତ ରଖିଥିଲେ । ଶ୍ରୀ ଅଚାର୍ଯ୍ୟ କହିଥିଲେ, ' ବନ ବିଜ୍ଞାନ, ଜଳବାୟୁ-ଉପଯୋଗୀ କୃଷି, ପରିବେଶ ପ୍ରଣାଳୀ ସେବା, କୃଷିର ସଂରକ୍ଷଣ ଓ ଅନ୍ୟ ଦୀର୍ଘସ୍ଥାୟୀ ପ୍ରୟୋଗର ପ୍ରସାର ପାଇଁ ଏକ ପ୍ରୋତ୍ସାହନ-ଆଧାରିତ ପ୍ରଣାଳୀର ଆବଶ୍ୟକତା ରହିଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ପୂର୍ବରୁ ଶସ୍ୟ ଉତ୍ପାଦନରେ ନିଶ୍ଚିତ ହ୍ରାସ ଦେଖାଦେଇଛି । ଚାଷୀମାନଙ୍କ ଦକ୍ଷତା ବିକାଶ ବ୍ୟତୀତ ସିଏସ୍ଆର କାର୍ଯ୍ୟରେ ବୃଦ୍ଧି ଦ୍ୱାରା ଦୀର୍ଘସ୍ଥାୟୀ ଉତ୍ପାଦନ ସମ୍ଭବ ହେଉଥିବା କ୍ଷେତ୍ରରେ ଅଧିକ ଚାଷୀ ସାମିଲ ହୋଇପାରିବେ' । ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ (ଓୟୁଏଟି) ଭୁବନେଶ୍ୱରରୁ ଶ୍ରୀ ଏସ୍ ଆର ଦାସ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ଗାମ ଜିଲ୍ଲା ପାଇଁ ଉପଯୁକ୍ତ ବିଭିନ୍ନ ପ୍ରକାର ଶସ୍ୟ ଉତ୍ପାଦନ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଅନେକ ସଫଳ ଚାଷୀମାନଙ୍କୁ ସମ୍ମାନିତ କରାଯାଇଥିଲା ।

ରେଡ ବୁଲ୍ ସ୍ୱଟଲାଇଟ ସିଜନ ୩ର ଭୁବନେଶ୍ୱର ଯୋଗ୍ୟତାପର୍ଯ୍ୟାୟରେ ରାପର୍ ହିତେଶ କୁମାର ବେହେରା ବିଜୟୀ

ଭୁବନେଶ୍ୱର: ଦେଶର ପରବର୍ତ୍ତୀ ହିପ୍-ହପ ଷ୍ଟାର ଖୋଜିବା ନିମନ୍ତେ ଦେଶବ୍ୟାପୀ ଚାଲିଥିବା ରେଡ ବୁଲ୍ ସ୍ୱଟଲାଇଟ ଚଳିତ ମାସରେ ତୃତୀୟ ସିଜନରେ ପୁନଃ ଆୟୋଜିତ ହେଉଛି । ଏହା ଦେଶର ଭୁବନେଶ୍ୱର, ଜୟପୁର, ମୁମ୍ବଇ, ଦିଲ୍ଲୀ, କୋଲକାତା, ଚେନ୍ନଇ, ଗୁଆହାଟି, ହାଇଦରାବାଦ, କୋଚି, ଇନ୍ଦୋର, ପୁଣେ, ଚଣ୍ଡିଗଡ ଆଦି ୧୦ରୁ ଅଧିକ ସହରରେ ଆୟୋଜନ କରାଯାଉଛି । ଏଠାରେ ସିଲିକନ ଇନଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲୋଜିଠାରେ ଆୟୋଜିତ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ବିଚାରକମଣ୍ଡଳି ରାପର୍ ବିଗ୍ ଡିଲ୍ ଏବଂ ଜେ-ଟ୍ରିକ୍ସଙ୍କ ଦ୍ୱାରା ହିତେଶ କୁମାର ବେହେରା ଓରଫ ରାଇମିଂ ମ୍ୟାନ ବିଜେତା ଘୋଷିତ ହୋଇଛନ୍ତି । ସିଟି ପର୍ଯ୍ୟାୟର ବିଜେତା ଜାତୀୟସ୍ତରର ଫାଇନାଲରେ ପ୍ରତିଯୋଗିତା କରିବେ, ଯେଉଁଠି ପ୍ରତ୍ୟେକ ଫାଇନାଲିଷ୍ଟଙ୍କୁ ନିଜର କୃତି ପ୍ରଦର୍ଶନ କରିବାକୁ ପଡିବ, ଏବଂ ପରେ ସେମାନଙ୍କ ମଧ୍ୟରୁ ଜଣେ ଜାତୀୟ ଚମ୍ପିଆନ ମୁକୁଟ ପିନ୍ଧିବେ । ବିଜେତାଙ୍କୁ ଏକ ପ୍ରଫେସନାଲ ଷ୍ଟୁଡିଓରେ ପୂର୍ଣ୍ଣ ଅବଧିର ଆଲବମ ରେକର୍ଡ କରିବା ସୁଯୋଗ ଦିଆଯିବ, ତାହାସହିତ ପୂର୍ଣ୍ଣାଙ୍ଗ ଫଟୋ ସୁଟ୍ ସହିତ ସେମାନଙ୍କର ନୂଆକରି ରେକର୍ଡ କରାଯାଇଥିବା ଆଲ୍‌ବମକୁ ନେଇ ଏକ ଆଲବମ୍ ଆର୍ଟ ଥିବା ପୂର୍ଣ୍ଣାଙ୍ଗ ପ୍ରେସ କିଟ୍, ଏକ ମ୍ୟୁଜିକ ଭିଡିଓ ପ୍ରଦାନ କରାଯିବ । ଏଥିସହିତ ପ୍ରତ୍ୟେକ ସିଟି ବିଜେତାଙ୍କୁ ତାଙ୍କର ଗୋଟିଏ ଗୀତ ଭିଡିଓ ସହିତ ରେକର୍ଡ କରିବାକୁ ଷ୍ଟୁଡିଓ ସମୟ ପ୍ରଦାନ କରାଯିବ ।

ୟୁନିୟନ ଆସେଟ ମ୍ୟାନେଜମେଂଟ୍ କଂପାନି ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ 'ୟୁନିୟନ ମିଡ୍‌କ୍ୟାପ୍ ଫଣ୍ଡ୍'ର ଶୁଭାରମ୍ଭ

ଭୁବନେଶ୍ୱର: ୟୁନିୟନ୍ ଆସେଟ୍ ମ୍ୟାନେଜମେଂଟ୍ କଂପାନି ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୟୁନିଅନ୍ ମିଡ୍‌କ୍ୟାପ୍ ଫଣ୍ଡର ଶୁଭାରମ୍ଭ କରାଯାଇଛି । ଏହା ହେଉଛି ଏକ ଓପନ୍ ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ଯେଉଁଥିରେ ପାଣ୍ଠିକୁ ମୁଖ୍ୟତଃ ମିଡ୍ କ୍ୟାପ୍ ଷ୍ଟକଗୁଡ଼ିକରେ ନିବେଶ କରାଯାଏ । ଏହାର ନୂଆ ଫଣ୍ଡ ଅଫର (ଏନଏଫଓ) ୨୦୨୦ ମାର୍ଚ ୨ରେ ଉନ୍ମୁକ୍ତ ହେବ ଏବଂ ୨୦୨୦ ମାର୍ଚ ୧୬ରେ ବନ୍ଦ ହେବ । ୨୦୨୦ ମାର୍ଚ୍ଚ ୨୩ରେ ଆବଟଂନ କରାଯିବ । ୨୦୨୦ ମାର୍ଚ ୩୦ରୁ ଏହା ବିକ୍ରି ପାଇଁ ପୁନଃ-ଉନ୍ମୁକ୍ତ ଏବଂ ପୁନଃ ଖରିଦ ଲାଗି ଉପଲବ୍ଧ ହେବ । ଏହି ସ୍କିମ୍‌କୁ ନିଫ୍‌ଟି ମିଡ୍‌କ୍ୟାପ୍ ୧୦୦ ସୂଚୀ (ଟିଆରଆଇ) ସହିତ ବେଂଚମାର୍କ କରାଯିବ ଏବଂ ଏହାକୁ ଶ୍ରୀଯୁକ୍ତ ବିନୟ କୁମାର ପାହର୍ଲା ଏବଂ ଶ୍ରୀଯୁକ୍ତ ହାର୍ଦିକ ବୋରା ପରିଚାଳନା କରିବେ । ଏଥିରେ ସର୍ବନିମ୍ନ ନିବେଶ ରାଶି ପରିମାଣ ହେଉଛି ୫୦୦୦ ଟଙ୍କା ଏବଂ ଏହା ପରେ ଏକ ଟଙ୍କାର ଗୁଣିତକ ହିସାବରେ ନିବେଶ ହେବ । ଏହି ସ୍କିମ୍‌ରେ ସଂଗୃହିତ ପାଣ୍ଠିକୁ ସାଧାରଣତଃ ଇକ୍ୱିଟି ଓ ଇକ୍ୱିଟି ସଂପର୍କିତ ମିଡ୍‌କ୍ୟାପ୍ କଂପାନିଗୁଡ଼ିକରେ ନିବେଶ ହେବ । ୟୁନିୟନ ଆସେଟ ମ୍ୟାନେଜମେଂଟ କଂପାନି ପ୍ରାଇଭେଟ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଜି ପ୍ରଦୀପକୁମାର କହିଛନ୍ତି ଯେ, 'ଆମର ନିବେଶକମାନଙ୍କୁ ସମ୍ପୂର୍ଣ୍ଣ ବର୍ଗର ଉତ୍ପାଦ ପ୍ରଦାନ କରିବାର ଉଦ୍ୟମ ଦିଗରେ ୟୁନିୟନ୍ ମିଡ୍‌କ୍ୟାପ୍ ଫଣ୍ଡ ଉନ୍ମୋଚନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମିଡ୍‌କ୍ୟାପ୍ ପାଣ୍ଠିଗୁଡ଼ିକ ସାଧାରଣତଃ ଉଚ୍ଚ ଅଭିବୃଦ୍ଧି ସହିତ ଜଡ଼ିତ କିଂ ସେଥିରେ ବିଶେଷ କରି ସ୍ୱଳ୍ପ ମିଆଦୀ ଅସ୍ଥିରତା ମଧ୍ୟ ଅଧିକ ରହିଥାଏ । ମିଡକ୍ୟାପର କିଛି ଷ୍ଟକ ଦ୍ରୁତ ଗତିରେ ଅଭିବୃଦ୍ଧି ହାସଲ କରନ୍ତି ଏବଂ ଶେଷରେ ସେମାନେ ଲାର୍ଜ କ୍ୟାପରେ ପରିଣତ ହୋଇଥାନ୍ତି । ମାତ୍ର ମିଡକ୍ୟାପ୍‌ର ଏଭଳି କିଛି କଂପାନି ଅଛନ୍ତି ଯେଉଁମାନେ ଭଲ ପ୍ରଦର୍ଶନ କରିନାହିଁ ଏବଂ ଆଗକୁ ବଢ଼ିବାରେ ବିଫଳ ହୋଇଥାନ୍ତି । ତେଣୁ, ମିଡ କ୍ୟାପ୍ ଫଣ୍ଡ ପରିଚାଳନାରେ ଷ୍ଟକ ଚୟନ କରିବା ବହୁତ ଗୁରୁତ୍ୱପୂର୍ଣ୍ଣ । ସେହି ଠାରେ ନିବେଶ ପ୍ରକ୍ରିୟାରେ ୟୁନିଅନ ମ୍ୟୁଚୁଆଲ ଫଣ୍ଡ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଏହା ଉଚ୍ଚ ମାନର କଂପାନିକୁ ସୁଲଭ ମୂଲ୍ୟରେ କିଣିବାକୁ ନିଶ୍ଚିତ କରେ । ମିଡକ୍ୟାପ୍ ଫଣ୍ଡରେ ସଠିକ ଆବଂଟନ ଦ୍ୱାରା ଜଣଙ୍କ ପୋର୍ଟଫୋଲିଓର ମୋଟ ରିଟର୍ଣ୍ଣରେ ଉନ୍ନତି ଘଟିଥାଏ ।''

ଏସ୍‌ପ୍ଲାନେଡ୍ ଓ୍ୱାନ୍ ମଲକୁ ଆସିଲା ଶ୍ରେଷ୍ଠ ଖାଦ୍ୟ ଓ ଫେସନ୍

ଭୁବନେଶ୍ୱର: ଓଡ଼ିଶାର ଏକ ନମ୍ବର ମଲ୍ ଏସ୍‌ପ୍ଲାନେଡ୍ ଓ୍ୱାନ୍‌ରେ ଗତ ମାସରେ ୮ଟି ନୂଆ ଷ୍ଟୋର ଖୋଲିଛି । ଫଳରେ ମଲ୍‌ରେ ଖାଦ୍ୟ ଓ ଫେସନର ସମ୍ଭାରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ମଲ୍ ଭିତରେ ଅନେକ ଷ୍ଟୋର୍ ଖୋଲି ସାରିଥିବାରୁ ଏହା ଗ୍ରାହକମାନଙ୍କୁ ଅତୁଳନୀୟ ଅନୁଭୂତି ପ୍ରଦାନ କରିବାର ପ୍ରତିଶ୍ରୁତି ଦେଉଛି । ଖାଦ୍ୟପ୍ରେମୀମାନଙ୍କ ପାଇଁ ମଲ୍‌ରେ ଖୋଲିଛି ମିନି ମେଲଟସ୍, ସୁଗାର ଥ୍ରେଡସ୍ ଓ ବେକର୍ସ ବୁଟିକ୍ ଯାହା ଗ୍ରାହକମାନଙ୍କୁ ସୁସ୍ୱାଦୁ ଆଇସକ୍ରିମ, କଟନ କ୍ୟାଣ୍ଡେଲ, କେକ୍ ଓ ପେଷ୍ଟ୍ରିଜ୍ ପ୍ରଦାନ କରିବେ । ସେହିପରି ନିକଟରେ ଖୋଲିଥିବା ଦି ପିଙ୍କ୍ ଗ୍ଲାସ୍‌ରେ ଗ୍ରାହକମାନେ ସୁସ୍ବାଦୁ ଓ ସତେଜ ଫଳ ରସ ପାଇପାରିବେ । ଫେସନ ପ୍ରେମୀଙ୍କ ପାଇଁ ଏସ୍‌ପ୍ଲାନେଡ୍ ଓ୍ୱାନ୍ ମଲ୍‌ରେ ଖୋଲି ଗୀତାଳି ସେଲୁନ୍, ପରଫ୍ୟୁମ୍ ବିକ୍ରି କରୁଥିବା କିଓସ୍କ ନୋଫାରିଅସ ଏବଂ ଫେସନ୍ ଜୁଏଲାରି ଷ୍ଟୋର୍ ପିଓରା । ଏହା ସହିତ ଇଙ୍କ୍ ଟାଟୁର ଏକ ପାର୍ଲର ମଲରେ ଖୋଲିଥିବା ବେଳେ ମୋବାଇଲ୍ ଆକ୍‌ସେସୋରିଜ୍ ବିକ୍ରି କରିବା ଲାଗି ଏଠାରେ ଏସ୍ଏସ୍ ମୋବାଇଲ୍ କିଓସ୍କ ଖୋଲିଛି । ଏସ୍‌ପ୍ଲାନେଡ୍ ଓ୍ୱାନ୍ ମଲର ସେଂଟର ଡାଇରେକ୍ଟର ପାର୍ଥ ନାୟକ କହିଛନ୍ତି ଯେ, ଏସପ୍ଲାନେଡ ଓ୍ୱାନ୍ ମଲ୍ ସବୁ ବୟସ ବର୍ଗର ଗ୍ରାହକଙ୍କ ପାଇଁ ହେଉଛି ଗୋଟିଏ ସ୍ଥାନ ଯେଉଁଠାରେ ସେମାନେ ସବୁ କିଛି ପାଇପାରିବେ । ଏହି ଧାରାକୁ ଜାରି ରଖି ଆମେ ନିୟମିତ ଭାବେ ନୂତନ ଷ୍ଟୋର୍ ଯୋଡୁଛୁ ଯାହା ସଦ୍ୟତମ ଧାରା ଏବଂ ଗ୍ରାହକଙ୍କ ଅଗ୍ରାଧିକାର ପ୍ରତି ପ୍ରସଙ୍ଗିକ ରହୁଛି । ଆମର ବିଶ୍ୱାସ ରହିଛି ଯେ ନୂଆ ଷ୍ଟୋରଗୁଡ଼ିକ ଆମର ଅତିଥିମାନଙ୍କୁ ପ୍ରତି ଥର ମଲ୍ ପରିଦର୍ଶନ କରିବା ବେଳେ ସେମାନଙ୍କ ଅଫର ଏବଂ ଅତୁଳନୀୟ ଅନୁଭୂତି ଜରିଆରେ ଆପ୍ୟାୟିତ କରିବେ ।''

ଦୁଇଟି ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହିମାଳୟର ନ୍ୟୁଟ୍ରିସ୍‌ନାଲ ସପ୍ଲିମେଣ୍ଟ 'କ୍ୱିଷ୍ଟାକିଡ୍‌ଜ'

ଭୁବନେଶ୍ୱର: ୩ରୁ ୧୦ ବର୍ଷ ବୟସର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ହିମାଳୟା ଡ୍ରଗ୍ କମ୍ପାନୀର ଏକ ସ୍ୱାଦିଷ୍ଟ ନ୍ୟୁଟ୍ରିସ୍‌ନାଲ ସପ୍ଲିମେଣ୍ଟ 'କ୍ୱିଷ୍ଟାକିଡ୍‌ଜ'ଏବେ ଦୁଇଟି ପ୍ରମୁଖ ସମ୍ମାନ ହାସଲ କରିଛି । ଏହା ମଧ୍ୟରୁ ଗୋଟିଏ ହେଉଛି ସିଆଇଏମ୍ଏସ୍ ମେଡିକା ପକ୍ଷରୁ ଆୟୋଜିତ ନ୍ୟୁଟ୍ରିସନ ଓ ଓ୍ୱେଲ୍‌ନେସ୍ ୨୦୧୯ କନ୍‌ଫରେନ୍ସର ୫ମ ସଂସ୍କରଣରେ ଦିଆଯାଇଥିବା 'ଇନୋଭେଟିଭ୍ ପେଡିଆଟ୍ରିକ୍ ନ୍ୟୁଟ୍ରାସ୍ୟୁଟିକାଲ୍ ବ୍ରାଣ୍ଡ' ଆୱାର୍ଡ । ସେହିପରି ଅନ୍ୟଟି ହେଉଛି ଇଟି ନାଓ ପକ୍ଷରୁ ସ୍ୱାସ୍ଥ୍ୟସେବା ବର୍ଗରେ ଉଲ୍ଲେଖନୀୟତା କାରଣରୁ ଦିଆଯାଇଥିବା 'ଏମର୍ଜିଙ୍ଗ୍ ପେଡିଆଟ୍ରିକ୍ ନ୍ୟୁଟ୍ରାସ୍ୟୁଟିକାଲ ବ୍ରାଣ୍ଡ' ସମ୍ମାନ । ଏହି ଦୁଇଟି ସମ୍ମାନ ହାସଲ କରିବା ସମୟରେ ଧନ୍ୟବାଦ ଜଣାଇ ହିମାଳୟା ଡ୍ରଗ୍ କମ୍ପାନୀର ଫାର୍ମାସ୍ୟୁଟିକାଲ୍ ଡିଭିଜନର ବାଣିଜ୍ୟ ନିର୍ଦ୍ଦେଶକ ଶ୍ରୀ ସୁରେଶ ଟି ଏଲ୍ କହିଛନ୍ତି ଯେ, 'ଉପଭୋକ୍ତାଙ୍କ ପାଇଁ ଜଣେ ଉପକୃତ ସହଯୋଗୀ ହେବା ଦୃଷ୍ଟିରୁ ଆମେ ପ୍ରତ୍ୟେତ ଦିନ ଆହାରରେ ମାକ୍ରୋ ଓ ସୂକ୍ଷ୍ମ ପୋଷକ ତତ୍ୱକୁ ସାମିଲ କରିବାର ଆବଶ୍ୟକତା ରହିଥିବା କଥାକୁ ଭଲ ଭାବେ ବୁଝିଛୁ, ଯାହାକି ବର୍ତ୍ତମାନ ସମୟରେ ଅପର୍ଯ୍ୟାପ୍ତ ରହିଛି । ଏହି କାରଣ ଯୋଗୁଁ ଭିଟାମିନ୍ ଓ ମିନେରାଲର ଅଭାବ ଦେଖାଦେଇଥାଏ; ଯାହାକି ପିଲାମାନଙ୍କଠାରେ 'ହିଡେନ୍ ହଙ୍ଗର' ସୃଷ୍ଟି କରିଥାଏ ଓ ସେମାନଙ୍କର ବିକାଶକୁ ସୀମିତ ରଖିଥାଏ ।

ସୋନୀ ଡବ୍ଲୁଏଚ୍-ଏଚ୍୯୧୦ଏନ୍ ଓ୍ୱାରଲେସ୍ ହେଡ଼ଫୋନ୍‌ର ବଜାର ପ୍ରବେଶ

ଭୁବନେଶ୍ୱର: ବିଶ୍ୱର ଅଗ୍ରଣୀ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ ସୋନୀ ପକ୍ଷରୁ ଭାରତ ବଜାରରେ ଏହାର ଡବ୍ଲୁଏଚ୍-ଏଚ୍୯୧୦ଏନ୍ ହେଡ଼ଫୋନ୍‌ର ଶୁଭାରମ୍ଭ କରାଯାଇଛି । ନଏଜ୍ କ୍ୟାନ୍‌ସେଲେସନ୍ ପ୍ରଯୁକ୍ତିରେ ନିର୍ମିତ ଏହି ହେଡ଼ଫୋନ୍ ବ୍ୟବକାରକାରୀଙ୍କୁ ଏକ ଚମତ୍କାର ଶ୍ରବଣ ଅନୁଭୂତି ପ୍ରଦାନ କରୁଛି । ନୂତନ ଶୁଭାରମ୍ଭ କରାଯାଇଥିବା ଏହି ଓ୍ୱାରଲେସ୍ ହେଡ଼ଫୋନରେ ରହିଛି ହାଇ-ରେସ୍ ଅଡିଓ, କ୍ୱିକ୍ ଆଟେନ୍‌ସନ୍ ମୋଡ଼, ସେନ୍ସ ଇନ୍, ଟଚ୍ ସେନ୍‌ସର୍, ଆମାଜନ୍ ଆଲେକ୍ସା, ଗୁଗୁଲ ଆସିଷ୍ଟାନ୍ସ, ଉତ୍ତମ ବ୍ଲୁଟୁଥ୍ କନେକ୍ସନ୍ ପାଇଁ ଏଲଡିଏସି, ଡିଜିଟାଲ୍ ସାଉଣ୍ଡ ଏନହାନ୍ସମେଣ୍ଟ ଇନ୍ ଏଚ୍ଏକ୍ସ, ୩୬୦ ରିଏଲିଟି ଅଡିଓ ପରି ଚମତ୍କାର ବୈଶିଷ୍ଟ୍ୟ । ଏଥିରେ ଥିବା ବ୍ୟାଟେରୀ ବିଶାଳ ବ୍ୟାଟେରୀ ଥରେ ମାତ୍ର ଫୁଲ୍ ଚାର୍ଜରେ ୩୫ ଘଣ୍ଟା ପର୍ଯ୍ୟ' ହେଡ଼ଫୋନ୍‌କୁ ଚଳାଇବାରେ ସକ୍ଷମ ରଖିଛି ଏବଂ ଏଥିରେ ଥିବା କ୍ୱିକ୍ ଚାର୍ଜ ପ୍ରଯୁକ୍ତି ହେଡ଼ଫୋନ୍‌କୁ ୧୦ ମିନିଟରେ ସମ୍ପୂର୍ଣ୍ଣ ଚାର୍ଜ କରାଇବାରେ ସକ୍ଷମ ହେଉଛି ।

ଡାଲମିଆ ଓସିଏଲ୍ ଚକ୍ଷୁ କେନ୍ଦ୍ର ସୁନ୍ଦରଗଡ଼କୁ ଅନ୍ଧତ୍ୱମୁକ୍ତ କରିବା ଉଦ୍ୟମକୁ ଆଗକୁ ବଢ଼ାଇଛି

ରାଜଗାଙ୍ଗପୁର: ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ଉପେକ୍ଷୀତ ବର୍ଗର ଲୋକମାନଙ୍କୁ ସେବା ପ୍ରଦାନ କରିବାର ପାଂଚ ବର୍ଷ ପୂରଣ କରିଛି ଡାଲମିଆ ଓସିଏଲ ଚକ୍ଷୁ କେନ୍ଦ୍ର । ୨୦୧୫ ମସିହାରେ ଏଲ ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍ ଓ ଡାଲମିଆ ସିମେଂଟ୍ (ଭାରତ) ଲିମିଟେଡ୍ (ପୂର୍ବରୁ ଥିଲା ଓସିଏଲ ଇଣ୍ଡିଆ) ପକ୍ଷରୁ ମିଳିତ ଭାବେ ଏହି ଚକ୍ଷୁ ଚିକିତ୍ସାଳୟକୁ ସ୍ଥାପନ କରାଯାଇଥିଲା ଓ ଏହାର ଲକ୍ଷ୍ୟ ଥିଲା ସୁନ୍ଦରଗଡ଼ ଜିଲ୍ଲାକୁ ଅନ୍ଧତ୍ୱମୁକ୍ତ କରିବା । ଏହି ଅନୁଷ୍ଠାନକୁ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏପିଜେ ଅବଦୁଲ କାଲାମ ଉଦ୍‌ଘାଟନ କରିଥିଲେ । ଚଳିତ ବର୍ଷ ଏହି ପ୍ରତିଷ୍ଠାନ ଆଉ ଏକ ମାଇଲଖୁଂଟ ହାସଲ କରିଛି । ଏଠାରେ ଚିକିତ୍ସା ହାସଲ କରିଥିବା ରୋଗୀଙ୍କ ସଂଖ୍ୟା ୧ ଲକ୍ଷରୁ ଅଧିକ ହୋଇପାରିଛି । ଏହି ଗୁରୁତ୍ୱପୂର୍ଣ୍ଣ ମୂହୁର୍ତରେ ଡାଲମିଆ ସିମେଂଟ (ଭାରତ) ଲିମିଟେଡ୍‌ର ପୂର୍ବାଂଚଳ ଉତ୍ପାଦନ ମୁଖ୍ୟ ଶ୍ରୀଯୁକ୍ତ ସୁନୀଲ ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଏଲଭିପିଇଆଇର ଉପାଧ୍ୟକ୍ଷ ଡକ୍ଟର ତାରା ପ୍ରସାଦ ଦାସ ମଧ୍ୟ ଉପସ୍ଥିତ ଥିଲେ । ବିଶେଷଜ୍ଞ ଚକ୍ଷୁ ଚିକିତ୍ସା ସେବା ଏବଂ ଅତ୍ୟାଧୁନିକ ଅପ୍‌ଥାଲମିକ୍ ପ୍ରଯୁକ୍ତି ସହିତ ଦୃଷ୍ଟିବାଧିତ ଲୋକମାନଙ୍କ ଜୀବନରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ସ୍ଥାପନ କରାଯାଇଥିବା ଏହି ଚକ୍ଷୁ ଚିକିତ୍ସା କେନ୍ଦ୍ର ରୋଗୀ ଓ ଡାକ୍ତରମାନଙ୍କ ଭିତରେ ଥିବା ଅଂରକୁ ଦୂର କରିବା ଲାଗି ନିରଂର ଉଦ୍ୟମ ଜାରି ରଖିଛି, ବିଶେଷ କରି ଅପଥାଲମୋଲୋଜିଷ୍ଟ (ଚକ୍ଷୁ ଚିକିତ୍ସା ବିଶେଷଜ୍ଞ)ଙ୍କ ଘୋର ଅଭାବ ଥିବା ଦୁର୍ଗମ ଅଂଚଳରେ ଏହି କାର୍ଯ୍ୟ କରୁଛି । ଶୁଭାରମ୍ଭ ହେବା ପରଠାରୁ ଚଳିତ ବର୍ଷ ପର୍ଯ୍ୟ' ଡାଲମିଆ ଓସିଏଲ ଚକ୍ଷୁ କେନ୍ଦ୍ର ୬୫୭୭ ଅସ୍ତ୍ରୋପଚାର କରିଥିବା ବେଳେ ସେଥି ମଧ୍ୟରୁ ୪୫୩୮ ଅସ୍ତ୍ରୋପଚାର ମାଗଣାରେ କରାଯାଇଛି । ଗୋଷ୍ଠୀ ପରୀକ୍ଷା କାର୍ଯ୍ୟକ୍ରମ ସୁନ୍ଦରଗଡ଼ ଜିଲ୍ଲାର ୭୨୨ ଗ୍ରାମରେ ପହଂଚିଛି ଯେଉଁଥିରେ ସରକାରୀ ସ୍କୁଲ୍‌ର ପିଲାମାନଙ୍କୁ ମଧ୍ୟ ସାମିଲ କରାଯାଇଛି । ଏହି ଅବସରରେ ଡିସିବିଏଲର ପୂର୍ବାଂଚଳ ଉତ୍ପାଦନ ମୁଖ୍ୟ ଶ୍ରୀଯୁକ୍ତ ସୁନୀଲ କୁମାର ଗୁପ୍ତା କହିଛନ୍ତି ଯେ, 'ସୁନ୍ଦରଗଡ଼ ଜିଲ୍ଲାବାସୀଙ୍କୁ ସେବା ପ୍ରଦାନ କରିବାର ପାଂଚ ବର୍ଷ ପୂରଣ କରିଥିବାରୁ ଆମେ ଅତ୍ୟ' ଉଲ୍ଲସିତ । ବିଗତ ପାଂଚ ବର୍ଷରେ ଆମର କେନ୍ଦ୍ର ଜରିଆରେ ଆମେ ୧,୦୦,୦୦୦ରୁ ଅଧିକ ରୋଗୀଙ୍କୁ ଚିକିତ୍ସା ଓ ସହାୟତା ପ୍ରଦାନ କରିଛୁ । ଜିଲ୍ଲାକୁ ସମ୍ପୂର୍ଣ୍ଣ ଅନ୍ଧତ୍ୱମୁକ୍ତ କରିବା ଲକ୍ଷ୍ୟ ନେଇ ଆମେ ଆମର ବିଭିନ୍ନ ଅଭିଯାନ ଏବଂ ଘର ପାଖରେ ସେବା ପହଂଚାଇବା କାର୍ଯ୍ୟକୁ ଜିଲ୍ଲାର ଦୂରଦୂରା' ଅଂଚଳ ପର୍ଯ୍ୟ' ସଂପ୍ରସାରିତ କରୁଛୁ । ଏହି ପାଂଚ ବର୍ଷର ଯାତ୍ରା ଭିତରେ ଆମେ ସ୍ଥାନୀୟ ଗୋଷ୍ଠୀ ଏବଂ ବିଭିନ୍ନ ଅଂଶୀଦାରଙ୍କ ଠାରୁ ସମୟ ସମୟରେ ବେଶ ଅଧିକ ସମର୍ଥନ ହାସଲ କରିଛୁ । ଏହି ନିର୍ଦ୍ଦିଷ୍ଟ ଉଦ୍ୟମ ଯୋଗୁଁ ଜିଲ୍ଲାରୁ ଅନ୍ଧତ୍ୱକୁ ହଟାଇବା ଦିଗରେ ଆମେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛୁ ।'' ଏଲଭିପିଇଆଇର ଡକ୍ଟର ତାରା ପ୍ରସାଦ ଦାସ କହିଛନ୍ତି ଯେ, 'ପାଂଚ ବର୍ଷର ମାଇଲଖୁଂଟ ହାସଲ କରିଥିବାରୁ ଆମେ ବହୁତ ଖୁସି । ଆମର ଲକ୍ଷ୍ୟ ହେଉଛି ଦେଶର ଦୂରା' ଅଂଚଳରେ ଉଚ୍ଚ ଗୁଣାତ୍ମକ, ସୁଲଭ ମୂଲ୍ୟର ଏବଂ ଆତ୍ମ ନିରଂର ଭିତିକ ସ୍ଥାୟୀ ଚକ୍ଷୁ ଚିକିତ୍ସା ସେବା ଭିତିଭୂମି ପ୍ରଦାନ କରିବା ଏବଂ ଏହା ଆମର ସହଯୋଗୀ, ଉତମ ତାଲିମପ୍ରାପ୍ତ ଷ୍ଟାଫ୍ ଓ ଉତ୍କୃଷ୍ଟ ଡାକ୍ତରମାନଙ୍କ ପାଇଁ କେବଳ ସମ୍ଭବ ହୋଇପାରିଛି । ସୁନ୍ଦରଗଡ଼ରୁ ଅନ୍ଧତ୍ୱ ଦୂର କରିବା ଲାଗି ଆମେ ଏହି ଭଳି ସେବା ପ୍ରଦାନ ଜାରି ରଖିବୁ ।''

ହୋଣ୍ଡା ପକ୍ଷରୁ ୟୁନିକର୍ଣ୍ଣ ବିଏସ୍-୬ ଉନ୍ମୋଚିତ

ଭୁବନେଶ୍ୱର: ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ୟୁନିକର୍ଣ୍ଣର ବିଏସ-୬ ମଡେଲକୁ ଉନ୍ମୋଚନ କରାଯାଇଛି । ଏଥିରେ ୧୬୦ସିସିର ଏଚଇଟି ବିଏସ-୬ ଇଂଜିନ ବ୍ୟବହାର କରାଯାଇଛି । ଗ୍ରାହକଙ୍କ ସୁବିଧା ଲାଗି ଏଥିରେ ଇଂଜିନ ଷ୍ଟପ ସ୍ୱିଚ, ଅଧିକ ଗ୍ରାଉଣ୍ଡ କ୍ଲିୟରାନ୍ସ, ଲମ୍ବା ସିଟ ଏବଂ ଏଚ୍ଇଟି ଟ୍ୟୁବଲେସ ଟାୟାର ବ୍ୟବହାର କରାଯାଇଛି । ଗାଡ଼ିକୁ ପ୍ରିମିୟମ ଲୁକ ପ୍ରଦାନ କରିବା ଲାଗି ସେଥିରେ କ୍ରୋମ ଗାର୍ନିସ, ୩ଡି ଓ୍ୱିଙ୍ଗ ମାର୍କ ଓ କ୍ରୋମ ଷ୍ଟୋକ ଆଦି ବ୍ୟବହାର କରାଯାଇଛି । ୟୁନିକର୍ଣ୍ଣ ବିଏସ-୬ ଉପରେ କଂପାନି ପକ୍ଷରୁ ୬ ବର୍ଷର ଓ୍ୱାରେଂଟି ପ୍ୟାକେଜ ପ୍ରଦାନ କରାଯାଉଛି । ଏହାର ଏକ୍ସ ସୋ'ରୁମ ଦିଲ୍ଲୀ ମୂଲ୍ୟ ୯୩,୫୯୩ ଟଙ୍କାରୁ ଆରମ୍ଭ ହୋଇଛି । ନୂଆ ୟୁନିକର୍ଣ୍ଣ ବିଏସ-୬ ସଂପର୍କରେ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ସିଇଓ ଓ ଏମଡି ଶ୍ରୀଯୁକ୍ତ ମିନୁରୋ କାଟୋ କହିଛନ୍ତି ଯେ, 'ଭାରତରେ ହୋଣ୍ଡା ଉପସ୍ଥାପନ କରିଥିବା ପ୍ରଥମ ମୋଟରସାଇକଲ ଥିଲା ୟୁନିକର୍ଣ୍ଣ । ଉନ୍ମୋଚନ ହେବା ପର ଠାରୁ ଇଂଜିନ ଏବଂ ସୁବିଧାଜନକ ପ୍ରଦର୍ଶନ କ୍ଷେତ୍ରରେ ଏହା ସର୍ବଦା ମାନଦଣ୍ଡ ଧାର୍ଯ୍ୟ କରିଛି । ୧୬ବର୍ଷରୁ ଅଧିକ ସମୟର ପରମ୍ପରା ରଖିଥିବା ୟୁନିକର୍ଣ୍ଣ ୨.୫ କୋଟି ପରିବାରର ପ୍ରଥମ ପସନ୍ଦ ହୋଇ ରହିଆସିଛି ।''ସେହି ସମୟରେ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ବରିଷ୍ଠ ଉପସଭାପତି-ବିକ୍ରି ଓ ମାର୍କେଟିଂ ଶ୍ରୀଯୁକ୍ତ ଯଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି ଯେ, 'ନୂଆ ଆଧୁନିକ ପିଜିଏମ-ଏଫଆଇ ଏଚଇଟି ୧୬୦ ସିସି ଇଂଜିନ ଅଧିକ ଶକ୍ତି ପ୍ରଦାନ କରୁଥିବା ବେଳେ ୟୁନିକର୍ଣ୍ଣ ବିଏସ-୬ ନିରବଚ୍ଛିନ୍ନ ପ୍ରଦର୍ଶନର ସ୍ତରକୁ ବଢ଼ାଇବା ସହିତ ହୋଣ୍ଡାର ଭରସାଯୋଗ୍ୟ ବିଶ୍ୱାସ ପ୍ରଦାନ କରିବ ।''ଏହା ତିନିଟି ରଙ୍ଗ ପର୍ଲ ଇଂଜିନିଅସ ବ୍ଲାକ, ଇମ୍ପରିଆଲ ରେଡ ମେଟାଲିକ ଏବଂ ମ୍ୟାଟ ଆକ୍ସିସ ଗ୍ରେ ମେଟାଲିକ ରଙ୍ଗରେ ଉପଲବ୍ଧ ହେବ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com,paryabekhyak2020@rediffmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray